

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୨ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 12 February 2026

Vol.No. 36 ■ No.41 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ଆଜି 'ଭାରତ ବନ୍ଦ': ସକାଳ ୬ରୁ ସନ୍ଧ୍ୟା ୬ ଧର୍ମଘଟ



ନୂଆଦିଲ୍ଲୀ,୧୧/୨ : ଶ୍ରମ କୋଡ୍ ରଦ୍ଦ ଦାବିରେ ଆସନ୍ତାକାଲି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମିଳିତ ମଞ୍ଚ କରିବ ଦେଶବ୍ୟାପି ଧର୍ମଘଟ । ଏଥିସହ ଓଡ଼ିଶାରେ ଚାଲିଥିବା ବିଜୁଳି ବିଲ୍, କଟନିଛଟନି ଓ ମନରେଗାକୁ ପ୍ରସଙ୍ଗ କରି ବନ୍ଦ ଡାକରା ଦେଇଛନ୍ତି ବିଭିନ୍ନ ସଂଗଠନ । କଂଗ୍ରେସ ଏହି ଆନ୍ଦୋଳନ ସମର୍ଥନ ଜଣାଇଛି । ତେଣୁ ଆସନ୍ତାକାଲି ଏହାର ପ୍ରଭାବ ଦେଖିବାକୁ ମିଳିବାର ସମ୍ଭାବନା ରହିଛି । ନୂଆ ଶ୍ରମ କୋଡ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତାତିଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ । ଶ୍ରମ କୋଡ଼ ପ୍ରତ୍ୟାହାର ଦାବିରେ ବନ୍ଦ ଡାକରା ଦେଇଛନ୍ତି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଦେଶବ୍ୟାପୀ ବନ୍ଦ ପାଳନ ହେବ । ବନ୍ଦ ପାଳନ ସମୟରେ ସାରାରାଜ୍ୟରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇପାରେ । ସ୍କୁଲ ଓ କଲେଜ ବନ୍ଦ ରହିବା ଆଶଙ୍କା ରହିଛି । ବ୍ୟାଙ୍କ କର୍ମଚାରୀ ସଂଘଗୁଡ଼ିକ ଏହି ବନ୍ଦକୁ ସମର୍ଥନ କରୁଥିବାରୁ ବ୍ୟାଙ୍କ ସେବା ପ୍ରଭାବିତ ହୋଇପାରେ । ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ହେବାର ଆଶଙ୍କା କରାଯାଉଛି । ଅନ୍ୟପଟେ କଂଗ୍ରେସ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇବା ପରେ ତେଜିଛି ରାଜନୀତି । ୨୧ ନଭେମ୍ବର ୨୦୨୫ ରେ ନୂଆ ଶ୍ରମ କୋଡ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ବିରୋଧ କରି ଆସୁଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ । ସରକାରଙ୍କ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍'କୁ ଆଗକୁ ବଢ଼ାଇବା ପାଇଁ ଶ୍ରମିକଙ୍କ ରକ୍ତ ଶୋଷଣ କରି କର୍ପୋରେଟ୍ ଓ ମାଲିକମାନଙ୍କୁ ଅତ୍ୟଧିକ ଲାଭ ଦେବା ଏହାର ଲକ୍ଷ୍ୟ ବୋଲି ଅଭିଯୋଗ କରି ଆସୁଛନ୍ତି ।

## ୨ ବିଭାଗରେ ନୂଆ ସଚିବ: ଆବୋଲିଙ୍କୁ ଇପିକଲ୍ ଦାୟିତ୍ୱ




ଭୁବନେଶ୍ୱର, ୧୧/୨ (ନି.ପ୍ର): ସପ୍ତାହକ ବ୍ୟବଧାନରେ ରାଜ୍ୟ ସରକାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି । ଦୁଇଟି ବିଭାଗରେ ନୂଆ ସଚିବଙ୍କୁ ନିଯୁକ୍ତି ଦେବା ସହ ଆବୋଲି ସୁନୀଲ ନରୱ୍ୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ Odisha IAS reshuffle ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ୨୦୦୮ ବ୍ୟାଚ୍ ଆଇଏଏସ୍ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡ଼ା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ । ସେହିପରି ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମଏସଏମଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି । ଗତ ସପ୍ତାହରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା । ମାତ୍ର ଏହି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଆଜି

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି



ଅନୁଗୁଳ, ୧୧/୨ (ନି.ପ୍ର): ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କିରାଣି ସୁବ୍ରତ ବେହେରାଙ୍କ ଘର ଦେଖି ତାଜୁବ ଭିଜିଲାନ୍ସ ଅଧିକାରୀ । ମାତ୍ର ୮ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ଏହି ଧୃତ କିରାଣିଙ୍କ ଅନୁଗୁଳ ସହରରେ ରହିଛି ବିଳାସମୟ କୋଠା । ଯେଉଁଥିରେ ଖଞ୍ଜାଯାଇଛି ଅତ୍ୟାଧୁନିକ ସାମଗ୍ରୀ । ରହିଛି ଦାମୀ କାର, ସୁନା, ଗହଣା ଓ ଦାମୀ ଘଣ୍ଟା । ତାଙ୍କର ୫ଟି ଠିକଣାରେ ଆଜି ଭିଜିଲାନ୍ସ ଚଢ଼ଉ କରିଥିବା ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀଙ୍କ ଆଶ୍ଚର୍ଯ୍ୟ ହୋଇଛନ୍ତି । ଚଢ଼ଉ ବେଳେ ତାଙ୍କର ବିପୁଳ ସଂପତ୍ତିର ପ୍ରମାଣ ପାଇଛି ଭିଜିଲାନ୍ସ । ତାଙ୍କର ୩ ମହଲା କୋଠା ସହ ପାଖାପାଖି ୪୫୦ ଗ୍ରାମ୍ ସୁନା ଓ ଦାମୀ କାର ରହିଛି । ଚଢ଼ଉ ଶେଷ ହୋଇ ନଥିବାରୁ ସଂପତ୍ତିର ପରିମାଣ ଅଧିକ ବଢ଼ିବାର ସମ୍ଭାବନା ରହିଛି । ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କନିଷ୍ଠ କିରାଣି ସୁବ୍ରତ ବେହେରା ସରକାରୀ ଅର୍ଥ ତୋଷରପାତ କରିଥିବା ପୂର୍ବରୁ ଅଭିଯୋଗ ହୋଇଥିଲା । ମିଥ୍ୟା ବିଲ୍, ଭାଉଚର କରି ସେ ୨ କୋଟି ୩୮ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଲିସରେ ଅଭିଯୋଗ କରାଯାଇଥିଲା । ପରେ ଏହି ମାମଲାକୁ ଭିଜିଲାନ୍ସ ନେଇଥିଲା । ଗତକାଲି ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଜେରା କରିବା ପରେ ଛାଡ଼ି ଦେଇଥିଲେ । ଆଜି ସକାଳୁ ତାଙ୍କର ୫ଟି ଠିକଣାରେ ଚଢ଼ଉ କରାଯାଇଥିଲା । ଅନୁଗୁଳ ସହର ହାକିମପଡ଼ାସ୍ଥିତ ତାଙ୍କର ୩ ମହଲା କୋଠା, ବଅଁରପାଳ ବ୍ଲକ୍ ବନ୍ଧା ଗାଁରେ ଥିବା ତାଙ୍କ ସଂପର୍କୀୟଙ୍କ ଘର, ହିନ୍ଦୋଳ ଥାନା ବାଉଁଶପୋଖରୀରେ ଥିବା ତାଙ୍କ ପୈତୃକ ବାସଭବନ, ଭୁବନେଶ୍ୱର ଶ୍ରୀବିହାରରେ ଥିବା ତାଙ୍କର ଜଣେ ସଂପର୍କୀୟଙ୍କ ଘର ଓ ଅନୁଗୁଳ ସିଡିଏମ୍ଓଙ୍କ କାର୍ଯ୍ୟାଳୟରେ ଥିବା ଶ୍ରୀ ବେହେରାଙ୍କ ଥିବା ପ୍ରକୋଷ୍ଠରେ ଏକକାଳୀନ ଚଢ଼ଉ କରାଯାଇଥିଲା ।

◆◆ପୃଷ୍ଠା ୭

## ବିରୋଧୀ ଦୁର୍ବଳ: ସଙ୍ଗଠନ ନଥାଇ ଶକ୍ତିଶାଳୀ ଶାସକ ଦଳ

ଭୁବନେଶ୍ୱର, ୧୧/୨ (ନି.ପ୍ର): ବିଜେଡି ସରକାର ସମୟରେ ରାଜ୍ୟରେ ବିଜେପି ଓ କଂଗ୍ରେସର ପ୍ରଭାବ ସେମିତି ଦେଖିବାକୁ ମିଳୁନଥିଲା । ତୃଣମୂଳସ୍ତରରେ ସଂଗଠନ ଦୁର୍ବଳ ଅବସ୍ଥାରେ ଥିଲା । ସରକାର ବଦଳିବା ପରେ ଅନୁମାନ କରାଯାଉଥିଲା ବିରୋଧୀ ଦଳ ଭାବେ ବିଜେଡି ଓ କଂଗ୍ରେସର ଦବଦବା ଦେଖିବାକୁ ମିଳିଛି । ବିଜେଡି ଛିଡି ଛିଡି ଯାଉଥିବାରୁ ରାଜ୍ୟରେ କଂଗ୍ରେସ ଶକ୍ତିଶାଳୀ ହେବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ସେମିତି କିଛି ଦେଖିବାକୁ ମିଳୁନି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ବିଜେଡି ଛିଡ଼ି ଛିଡ଼ି ଚାଲିଛି । ରାଜ୍ୟରେ ଏକଦା ଏକ ନମ୍ବର ଥିବା ଦଳ ଦିନକୁ ଦିନ ଦୁର୍ବଳ ହେଉଛି । କଂଗ୍ରେସ ବି ସେମିତି ବଢ଼ିବା ଭଳି ଦେଖାଯାଉନାହିଁ । ପ୍ରଥମେ ପ୍ରଥମେ ବିଭିନ୍ନ ପ୍ରସଙ୍ଗରେ ବିଧାନସଭା ଭିତରେ ଓ ବାହାରେ ଡବଲ ଇଞ୍ଜିନ ସରକାରକୁ ଭକ୍ତଙ୍କ ଟିମ ଅକଳରେ ପକାଇଥିଲେ । ହେଲେ ପରବର୍ତ୍ତୀ ସମୟରେ ଶୀଥିଳ ପଡିଯାଇଛି । ବଦଳୁଥିବା ରାଜ୍ୟ ରାଜନୈତିକ ସମୀକରଣରୁ କଂଗ୍ରେସ କିଛି ଫାଇଦା ଉଠାଇ ପାରୁନି । ଭକ୍ତ ଚରଣ ଦାସ ପିସିସି ଦାୟିତ୍ୱ ନେବା ପରଠାରୁ କଂଗ୍ରେସରେ କୌଣସି ବଡ଼ ନେତା ମିଶିବାର ନଜିର ନାହିଁ । ମହମ୍ମଦ ମୋକିମଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ଉପକୂଳ କଂଗ୍ରେସରେ ବିଦ୍ରୋହର ସ୍ୱର ଉଠିଛି । ଆଗକୁ ପଂଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ସମସ୍ତଙ୍କୁ ସାଥୀରେ ନେଇ ଆଗକୁ ଚାଲିବା ଭକ୍ତଙ୍କ ପାଇଁ ଆହ୍ୱାନ ପାଲଟିଛି । ଭକ୍ତ ଯଦିଓ ଜିଲ୍ଲା ଜିଲ୍ଲା ବୁଲି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି, ତଥାପି ଏପର୍ଯ୍ୟନ୍ତ ସମସ୍ତ ଜିଲ୍ଲା, ବୁଥ୍, ମଣ୍ଡଳ ଓ ପଂଚାୟତସ୍ତରରେ କମିଟି ଗଠନ ହୋଇପାରିନି । ବରିଷ୍ଠ ନେତାଙ୍କୁ ଏକାଠି ଦେଖିବାକୁ ମିଳୁନି । ବିଜେଡି ସ୍ଥିତି ଆହୁରି ସାଂଘାତିକ । ଦଳ ଭିତରେ ଭିତରେ ବିରୋଧୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଦଳ ବିରୋଧୀଙ୍କୁ ସୁପ୍ରିମୋ ବାହାର ବାଟ ଦେଖାଉଛନ୍ତି । ଅସନ୍ତୁଷ୍ଟ ଦଳ ଛାଡି ବିଜେପିରେ ସାମିଲ ହେଉଛନ୍ତି । ସେପଟେ ସରକାରକୁ ଦୁଇ ବର୍ଷ ପୂରିଥିଲେ ବି ନିଗମ, ବୋର୍ଡ ଅଧକ୍ଷ ପଦରେ ନିଯୁକ୍ତି ଦେଇପାରିନି ଶାସକ ଦଳ । ଯାହାକୁ ନେଇ ଦଳ ଭିତରେ ଅସନ୍ତୋଷ କୁହୁଳୁଛି । ୨୦୨୯ ନିର୍ବାଚନ ପୂର୍ବରୁ ପଞ୍ଚାୟତ ଓ ପୌର ନିର୍ବାଚନ ସବୁ ଦଳ ପାଇଁ ଏସିଡ୍ ଟେଷ୍ଟ ହେବ । ଯିଏ ବାଜି ମାରିବ ସେହି ଦଳର ନେତା ଓ କର୍ମୀଙ୍କ ମନୋବଳ ବଢ଼ିବ ।

## ପୁଣ୍ୟତିଥିରେ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶିଷ୍ଟ ଚିନ୍ତକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ତାଙ୍କର ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କର ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ପ୍ରଖର ରାଷ୍ଟ୍ରବାଦୀ ଚିନ୍ତକ, ମନୀଷୀ ତଥା ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

## ଆଉ ଏକ ବଡ଼ ଡିଲ୍: ବୁଲେଟ୍ ଟ୍ରେନ୍ ଗତିରେ ଆଗକୁ ବଢୁଛି ଭାରତ-ଆମେରିକା ସମ୍ପର୍କ



ନୂଆଦିଲ୍ଲୀ,୧୧/୨ : ଆମେରିକା ସହିତ ବାଣିଜ୍ୟ ଚୁକ୍ତି ପରେ, ଦୁଇ ଦେଶ ମଧ୍ୟରେ ଆଉ ଏକ ଚୁକ୍ତି ପାଇଁ ପ୍ରସ୍ତୁତି ଚାଲିଛି । ଏହି ଚୁକ୍ତି ପ୍ରତିରକ୍ଷା କ୍ଷେତ୍ର ସହିତ ଜଡିତ । ଭାରତ ଏଥିରେ ପ୍ରାୟ ୩୬ହଜାର କୋଟି ଖର୍ଚ୍ଚ କରିପାରେ । ଯଦି ଏହି ଚୁକ୍ତି ଚୂଡ଼ାନ୍ତ ହୁଏ, ତେବେ ଭାରତର ନୌସେନା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଯଥେଷ୍ଟ ଅଧିକ ଶକ୍ତିଶାଳୀ ହୋଇଯିବ । ଏହା ଚୀନ୍ ଓ ପାକିସ୍ତାନୀ ନୌସେନା ଉପରେ କଡ଼ା ନଜର ରଖିବ । ଭାରତ ତାର ନୌସେନାକୁ ଆହୁରି ମଜବୁତ କରିବା ପାଇଁ ଆମେରିକାଠାରୁ ଅତିରିକ୍ତ ଛଅଟି ବୋଇଂ ପି-୮ଆଇ ବିମାନ କ୍ରୟ କରିବାକୁ ପ୍ରସ୍ତୁତ ହେଉଛି । ରିପୋର୍ଟ ଅନୁଯାୟୀ, ପ୍ରତିରକ୍ଷା ଅଧିଗ୍ରହଣ ବୋର୍ଡ ଜାନୁଆରୀ ୧୬ ତାରିଖରେ ଏହି ବିମାନ କ୍ରୟ ଉପରେ ମୋହର ମାରିଛି । ଏହି ଚୁକ୍ତି ଉପରେ ଫେବୃଆରୀ ୧୨ ତାରିଖରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ବୈଠକରେ ଆଲୋଚନା କରାଯିବ । ଡିଏସିର ଅନୁମୋଦନ ପରେ, ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଚୁକ୍ତିକୁ ଚୂଡ଼ାନ୍ତ କରିବ । 'ପି-୮ଆଇ' ହେଉଛି ଏକ ମଲ୍ଟି ରୋଲ୍ ଲଙ୍ଗ୍ ରେଞ୍ଜ ଆଣ୍ଟି ସବମରିନ୍ ଗୁଇନ୍ଦା ବିମାନ । ଏହା ବର୍ତ୍ତମାନ ବିଶ୍ୱର ସବୁଠାରୁ ଉନ୍ନତ ନୌସେନା ଗୁଇନ୍ଦା ବିମାନ । ଏପରି ବିମାନ ଚୀନ୍ ପାଖରେ ବି ନାହିଁ । ଭାରତୀୟ ନୌସେନା ପାଖରେ ପୂର୍ବରୁ ଏପରି ୧୨ ଟି ବିମାନ ଅଛି । ଆଉ ଛଅଟି କିଣିବା ପରେ ଏହାର ସଂଖ୍ୟା ୧୮ କୁ ବୃଦ୍ଧି ପାଇବ, ଯାହା ଭାରତର ବିଶାଳ ସାମୁଦ୍ରିକ ସୀମାକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ । ଚୀନ୍ ନିରନ୍ତର ଭାରତ ମହାସାଗରରେ ନିଜର ଶକ୍ତି ବୃଦ୍ଧି କରୁଛି । ତେଣୁ, ଭାରତକୁ ଏପରି ଗୁଇନ୍ଦା ବିମାନର ଅତ୍ୟନ୍ତ ଆବଶ୍ୟକତା ଅଛି ।

## କିନ୍ନରଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତଙ୍କୁ ଉତ୍ତରା ଛକରେ ଏନକାଉଣ୍ଟର

ଭୁବନେଶ୍ୱର, ୧୧/୨ (ନି.ପ୍ର): କିନ୍ନର ହତ୍ୟା ମାମଲାରେ ବଡ଼ ଆକ୍ସନ । ଅଭିଯୁକ୍ତଙ୍କୁ ପିପିଲି ଉତ୍ତରା ଛକରେ ଏନକାଉଣ୍ଟର । ପୁଲିସର ଗୁଳିରେ ମୁଖ୍ୟ ଅଭିଯୁକ୍ତ ଆହତ । ଅଭିଯୁକ୍ତର ବାମ ଗୋଡ଼ରେ ବାଜିଛି ଗୁଳି । ଆହତ ଅଭିଯୁକ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ନିକଟରେ ଭୁବନେଶ୍ୱର ଉତ୍ତରା ନିକଟ ସିଫା ଠାରେ କିନ୍ନରଙ୍କୁ ହତ୍ୟା କରାଯାଇଥିଲା । ଦୁଇ ଦୁର୍ବୃତ୍ତ ବାଇକରେ ଆସି ଅଞ୍ଜଳିଙ୍କୁ ଛୁରୀ ଭୂଷି ଭୂଷି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ପୁଲିସ ଏକାଧିକ ସିସିଟିଭି କ୍ୟାମେରା ଯାଞ୍ଚ କରିବା ସହ ଛାନଭିନ ଜାରି ରହିଥିଲା । କିଛି ଯୁବକ ତାଙ୍କୁ ଛୁରୀରେ ଆକ୍ରମଣ କରିଥିବା ସହଯୋଗୀ ମାନଙ୍କୁ ଫୋନ ଯୋଗେ ଜଣାଇଥିଲେ । ସହଯୋଗୀମାନେ ପହଞ୍ଚିବା ବେଳକୁ ରକ୍ତାକ୍ତ ଅବସ୍ଥାରେ ଜାତୀୟ ରାଜପଥରେ ପଡ଼ିରହିଥିଲେ । ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ କିଏ ଓ କାହିଁକି ହତ୍ୟା କଲା ତାର ତନାଘନା କରୁଛି ପୁଲିସ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଆୟୁଷ ଡାକ୍ତରଙ୍କ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୧/୨ (ନି.ପ୍ର): ଗତକାଲି ରାଜ୍ୟରେ କାର୍ଯ୍ୟରତ ଆୟୁଷ ଡାକ୍ତର ମାନଙ୍କ ସେବାକୁ ସମ୍ମାନ ଜଣାଇ ସେମାନଙ୍କ ଦରମା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ଆୟୁଷ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ।

## ବାଣିଜ୍ୟ ଚୁକ୍ତି, ଏପ୍ଷ୍ଟିନ୍ ଫାଇଲ କଥା ଉଠାଇ ସରକାରଙ୍କୁ ଘେରିଲେ ରାହୁଲ



ନୂଆଦିଲ୍ଲୀ,୧୧/୨ : ସଂସଦର ବଜେଟ ଅଧିବେଶନରେ ବୁଧବାର ଲୋକସଭାରେ ସରଗରମ ଆଲୋଚନା ହୋଇଛି । ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ସଂସଦରେ ତୀବ୍ର ସମାଲୋଚନା କରିଛନ୍ତି । ରାହୁଲଙ୍କ ଭାଷଣକୁ ନେଇ ଶାସକ ଦଳର ସାଂସଦ ବିରୋଧ ଦର୍ଶାଇଥିଲେ ଓ ଜୋରଦାର ହୋହଲ୍ଲା ହୋଇଥିଲା । ଲୋକସଭାରେ ରାହୁଲ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି, ଏପ୍ଷ୍ଟିନ୍ ଫାଇଲ ପ୍ରସଙ୍ଗ ଉଠାଇଥିଲେ । ସେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ବିରୋଧୀ ଦଳମାନଙ୍କ ଆପତ୍ତି ଦର୍ଶାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭାରତ ସହିତ ସମାନ ଭାବରେ କଥା ହୁଅ ବୋଲି କଡ଼ା ବାର୍ତ୍ତା ଦେଇଥିଲେ । ରାହୁଲ ଅଡାନି ପ୍ରସଙ୍ଗ ଉଠାଇ ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଆଖିରେ ଭୟ ଦେଖାଯାଉଛି । ଅଡାନି ଜଣେ ସାଧାରଣ ଶିଳ୍ପପତି ନୁହନ୍ତି, ନା ତାଙ୍କ କମ୍ପାନି ସାଧାରଣ କମ୍ପାନି । ତାଙ୍କ କମ୍ପାନି ନାଁରେ ଆମେରିକାରେ ମାମଲା ରହିଛି । ଏହାର ଟାର୍ଗେଟ ପ୍ରଧାନମନ୍ତ୍ରୀ ଅଟନ୍ତି, ଅଡାନି ନୁହନ୍ତି । ଏହି କମ୍ପାନୀ ବିଜେପିର ଆର୍ଥିକ ଭିତ୍ତିଭୂମି ବୋଲି ରାହୁଲ କହିଥିଲେ । ରାହୁଲ ଗାନ୍ଧୀ ସରକାରଙ୍କୁ ସମାଲୋଚନା କରି କହିଥିଲେ, ଆମେରିକା କିପରି ଆମ ଉପରେ ନିଷ୍ପତ୍ତି ନେବ । ସରକାର ଆମ କୃଷି କ୍ଷେତ୍ରକୁ ଆମେରିକା ପାଇଁ ଖୋଲି ଦେଲେ । ସରକାର କୃଷକଙ୍କ କଥା ଚିନ୍ତା କଲେନାହିଁ । ଭାରତ ମାତାକୁ ବିକି ଏମାନଙ୍କୁ ଲଜ୍ଜା ଆସୁନାହିଁ । ମୁଁ ଜାଣେ ଯେ ପ୍ରଧାନମନ୍ତ୍ରୀ ସାଧାରଣ ପରିସ୍ଥିତିରେ ଭାରତକୁ ବିକ୍ରି କରିବେ ନାହିଁ । ଆପଣ ଜାଣନ୍ତି ସେ କାହିଁକି ଭାରତକୁ ବିକ୍ରି କଲେ ? କାରଣ ସେମାନେ ତାଙ୍କ ତଣ୍ଟି ଚିପି ଧରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆଖିରେ ଭୟ ଦେଖିପାରୁଛୁ । ଆମେରିକାର ଶୁଳ୍କ ୩ ପ୍ରତିଶତରୁ ବଢ଼ି ୧୮ ପ୍ରତିଶତ ହୋଇଗଲା ବୋଲି ରାହୁଲ କହିଥିଲେ । ରାହୁଲ ଅନିଲ ଅମ୍ବାନିଙ୍କ ପ୍ରସଙ୍ଗ ଉଠାଇ କହିଥିଲେ, ଜଣେ ବ୍ୟବସାୟ ଅଛନ୍ତି, ଯାହାଙ୍କ ନାଁ ଏପ୍ଷ୍ଟିନ ଫାଇଲରେ ରହିଛି । କିନ୍ତୁ ତାଙ୍କୁ ଜେଲ୍ ହେଲା ନାହିଁ । ତାଙ୍କ ଉପରେ ଅପରାଧିକ ମାମଲା ରହିଛି । ଭାରତର ବିଶ୍ୱସ୍ତରୀୟ ସ୍ଥିତି ଏବଂ ସାମ୍ପ୍ରତିକ କୂଟନୈତିକ ବିକାଶ ବିଷୟରେ

◆◆ପୃଷ୍ଠା ୭

## ସାଇବର ଠକେଇ ରୋକିବାକୁ ଡିଜିଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୧/୨ (ନି.ପ୍ର): ରାଜ୍ୟରେ ବଢୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଡିଜିପି (କ୍ରାଇମବ୍ରାଂଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଂଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଂଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସପିମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟର ୨୦ଟି ପୋଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଖୁବ ଶୀଘ୍ର ଏହି ଥାନାଗୁଡ଼ିକୁ ଉଦଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ । ଏହି ଅବସରରେ ଡିଜିପି ଏହି ଥାନାଗୁଡ଼ିକୁ ସଶକ୍ତ କରିବା ପାଇଁ ସାଇବର ତାଲିମପ୍ରାପ୍ତ ପୋଲିସ କର୍ମଚାରୀ ଓ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାସହ ସାଇବର ଥାନାମାନଙ୍କର ଭିତିଭୂମି ମଜବୁତ କରିବା, ଅତ୍ୟାଧୁନିକ ସଫ୍ଟୱେୟାର ଓ ହାର୍ଡୱେୟାର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

## ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଇଁ ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ, ୧୧/୨ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ଉପଲକ୍ଷେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' ପରିସରରେ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ମଞ୍ଚାସୀନ ଥିଲେ ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ଡଃ ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, କରୁଣାକର ଉପାଧ୍ୟାୟ । ଆଲୋଚନା ପରେ ସର୍ବସମ୍ମତି କ୍ରମେ ଚଳିତ ଫେବୃୟାରୀ ମାସ ୨୨ ତାରିଖରେ 'ରଜତ ଜୟନ୍ତୀ' ଉତ୍ସବ ମହାସମାରୋହରେ ପାଳିତ ହେବାର ଧାର୍ଯ୍ୟ ହେଲା । ଉତ୍ସବକୁ ସୁରୁରୁ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ କମିଟି ଗଠିତ ହୋଇ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ପୂର୍ବାହ୍ନ ଅଧିବେଶନରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ବିଧିବଦ୍ଧ ଭାବେ ନିର୍ବାଚନ କରାଯିବ । ସଂଘର ୨୦୨୫ ମସିହାରେ ଅଶୀବର୍ଷ ଅତିକ୍ରମ କରିଥିବା ଓ ପୂର୍ବରୁ ସମ୍ବର୍ଦ୍ଧିତ ହୋଇନଥିବା ଆଜୀବନ ସଦସ୍ୟ ସଦସ୍ୟା, ଜଣେ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ । ଦାଦାଙ୍କ ସର୍ତ୍ତ ଅନୁସାରେ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓ ବିଦ୍ୟାଳୟ ସ୍ତରରେ ଗତ ବାର୍ଷିକ ପରୀକ୍ଷାରେ ବିଶେଷ ସଫଳତା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଉତ୍ସବରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ସ୍ମରଣିକା-୨୦୨୬ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପଣ କରାଯିବ । କାର୍ଯ୍ୟକ୍ରମରେ ସମସ୍ତଙ୍କର ସାହାଯ୍ୟ, ସହଯୋଗ ଓ ଉପସ୍ଥିତି କାମନା କରାଯାଇଛି, କମିଟିର ସଦସ୍ୟଙ୍କ ମାଧ୍ୟମରେ ସମସ୍ତ ଅଫିସ, ବ୍ୟାଙ୍କ, ଟ୍ରେଜେରୀ, ମିଡ଼ିଆ, ଭଦ୍ରକର ପ୍ରମୁଖ ସଂସ୍ଥା, ବୁଦ୍ଧିଜୀବୀ, ସଦସ୍ୟ ସଦସ୍ୟା, ବିଭିନ୍ନ ଜୋନ୍‌ର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ ପତ୍ର ପ୍ରେରଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଅଛି । ସମ୍ବର୍ଦ୍ଧନାର ମାନପତ୍ର ପ୍ରସ୍ତୁତ ଦାୟିତ୍ୱ ହରମୋହନ କୁଅଁର ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଅଛି । ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ କମାର ନାୟକ, ଅନାଦି ଚରଣ ଦାସ, ସ୍ନେହଲତା ବେହେରା, ଶାନ୍ତିଲତା ବାରିକ, କୈଳାଶ ଚନ୍ଦ୍ର ପଣ୍ଡା, ରମାକାନ୍ତ ନାୟକ, ପ୍ରଶାନ୍ତ କୁମାର ଦେ, ହରେକୃଷ୍ଣ ସାହୁ, ତାରକ ଦାସ ଆଢ଼୍ୟ, ଘନଶ୍ୟାମ ଲେଙ୍କା, ରାଜେନ୍ଦ୍ର କୁମାର ପାତ୍ର, ଉପେନ୍ଦ୍ର ରାଉତ, ରମେଶ ଦାସ, ବସନ୍ତ କୁମାର ସାହାଣୀ, ସୁରେଶ କୁମାର ସାହୁ, ବାଦଲ କିଶୋର ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଲକ୍ଷ୍ମଣ ମହାନ୍ତି, ବାମନ ରାଉତ, ନୃସିଂହ ଚରଣ ପଣ୍ଡା, କିଶୋର ଧଳ, କାଶୀନାଥ ପଣ୍ଡା, ଗୟାଧର ପଣ୍ଡା, ଗୋପାଳ ଚନ୍ଦ୍ର ସେଠୀ, ରମାକାନ୍ତ ଲେଙ୍କା ମୁକ୍ତିକାନ୍ତ ମହାନ୍ତି, କମଳାକାନ୍ତ ସ୍ୱାଇଁ । ଧନ୍ୟବାଦ ଅର୍ପଣ କରିଥିଲେ ମଦନ ମୋହନ ନାୟକ ।

## ଚାଷୀ ସମସ୍ୟାର ସମାଧାନ ପାଇଁ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଝାରସୁଗୁଡା, ୧୧/୨ (ନି.ପ୍ର): ଝାରସୁଗୁଡା ଜିଲ୍ଲା କୃଷକ କ୍ରିୟାନୁଷ୍ଠାନ କମିଟି ଏବଂ ଝାରସୁଗୁଡା ର ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ନେତୃତ୍ୱ ରେ ଆଜି ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଝାରସୁଗୁଡା ଜିଲ୍ଲା କୃଷକ କ୍ରିୟାନୁଷ୍ଠାନ କମିଟି ଏବଂ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ନେତୃତ୍ୱ ରେ ଶତାଧିକ ଚାଷୀ ଏକଜୁଟ ହୋଇ ବେହେରାମାଲ କିଷାନ ଛକରୁ ଏକ ବିରାଟ ରାଲିରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ପହଂଚି ସେଠାରେ ଜିଲ୍ଲାର ଚାଷୀ ମାନଙ୍କ ପ୍ରତି ହେଉଥିବା ଚାଷୀ ମାରଣ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଧାନ କ୍ରୟରେ ହୋଇଥିବା ଅନିୟମିତତା, ଟାର୍ଗେଟ ନିର୍ଧାରଣ, ଏବଂ ଟୋକନ ସମସ୍ୟାର ତୁରନ୍ତ ସମାଧାନ ସହିତ ଚାଷୀ ମାନଙ୍କୁ ଦିଆଯାଉଥିବା ସବସିଡି ୮୦୦ ଟଙ୍କା ସହିତ ୩୧୬୯ ଟଙ୍କା ମିଳିବା କଥା କିନ୍ତୁ ମିଳୁଛି ୩୧୦୦ ଟଙ୍କା । ବାକି ୬୯ ଟଙ୍କା ମଧ କୁଇଣ୍ଟାଲ ପ୍ରତି ଦିଆଯାଉ । ଲେପ୍ସ ହୋଇ ସାରିଥିବା ଟୋକନ ଗୁଡିକୁ ତୁରନ୍ତ ନବୀକରଣ କରାଯାଇ ଚାଷୀ ମାନଙ୍କୁ ବିକ୍ରି କରିବାର ସୁଯୋଗ ଦିଆଯାଉ, ୧୫୦ କୁଇଂଟାଲରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀ ମାନଙ୍କୁ ମଧ ଇନପୁଟ ସବସିଡି ପ୍ରଦାନ କରାଯାଉ, ୧୫୦ କୁଇଂଟାଲ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ଚାଷୀ ମାନେ ୭୫ କୁଇଣ୍ଟାଲ ବିକ୍ରି କରିଥିବା ବେଳେ ଆଉ ୭୫ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ, ଏହା ସହିତ ଲଇକେରା ବ୍ଲକ ରେ ବିକ୍ରି କରିବା ପାଇଁ ବାକିଥିବା ୩୯ହଜାର ୭୦୦ କୁଇଂଟାଲ, କିର୍ମିରା ବ୍ଲକ ର ୨୧ ହଜାର କୁଇଣ୍ଟାଲ, କୋଲାବିରା ବ୍ଲକ ୨୪ ହଜାର ୬୫୦ କୁଇଂଟାଲ, ଝାରସୁଗୁଡା ବ୍ଲକ ରେ ୧ ଲକ୍ଷ କୁଇଣ୍ଟାଲ, ଲଖନପୁର ବ୍ଲକ ପାଇଁ ୩୦ ହଜାର କୁଇଂଟାଲ ଧାନ ବିକ୍ରି ପାଇଁ ବାକି ରହିଥିବା ବେଳେ ଏହି ଧାନ ତୁରନ୍ତ ବିକ୍ରି କରିବା ପାଇଁ ଜିଲ୍ଲାପାଳ ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବିପତ୍ର ରେ ଉଲ୍ଲେଖ କରାଯାଇଛି । ଏହା ସହିତ ମାନସିକ, ଶାରୀରିକ ନିର୍ଯାତିତ ହେଉଥିବା ଜିଲ୍ଲାର ଚାଷୀ ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ଏହି ସମସ୍ତ ସମସ୍ୟା ଗୁଡିକର ସମାଧାନ କରନ୍ତୁ, ନ ହେଲେ ଆଗାମୀ ଦିନରେ ଜିଲ୍ଲାର ଚାଷୀମାନେ ରାଜରାସ୍ତାକୁ ଓଲହାଇବେ ବୋଲି କୃଷକ ସଂଗଠନ ଓ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ତରଫରୁ ଦାବିପତ୍ରରେ ଜଣାଯାଇଛି । ଏହି ରାଲି, ବିକ୍ଷୋଭ ଓ ଦାବିପତ୍ର ଦେବା ସମୟରେ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସହିତ ଚାଷୀ ସଂଗଠନର ଜଗନ୍ନାଥ ଜେନା, ଟଙ୍କ ନାଏକ, ଅର୍ଜୁନ ମେହେର, ଲକ୍ଷ୍ମଣ ସାହୁ, ଭୁପାଳ ବେହେରା, ଶାନ୍ତନୁ ନାଇକ, ପୁରୁଷୋତମ ନାଇକ, ନବୀନ ନାଇକ, ତପୀ ମରେଇ, ଚୂଡ଼ାମଣି ବଡ଼େଇ, ଫିଂଟୁ ପାଢ଼ୀ ଦାମୋଦର ନାଥ, ରାଜୀବ ପାଣିଗ୍ରାହୀ, ରବିରନ୍ ପ୍ରଧାନ, ଦିଗାମ୍ବର ଭୋଇ, ମଂଟୁ ନାଇକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନିରାପଦ ଇଂଟରନେଟ ଦିବସ ପାଳିତ

ଝାରସୁଗୁଡା, ୧୧/୨ (ନି.ପ୍ର): ପ୍ରତ୍ୟେକ ଫେବୃଆରୀ ମାସର ଦ୍ୱିତୀୟ ମଙ୍ଗଳବାର ଦିନ ସମଗ୍ର ବିଶ୍ୱରେ ନିରାପଦ ଇଂଟରନେଟ ଦିବସ ପାଳିତ ହେଉଥିବା ବେଳେ ଆଜି ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ଠାରେ ଜାତୀୟ ସୂଚନା କେନ୍ଦ୍ର ପକ୍ଷରୁ ଇଂଟରନେଟ ର ବ୍ୟାବହର, ସତର୍କତା, ଠକାମୀ, ଆଦି ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇ ଦୈନିନ୍ଦିନ ଜୀବନରେ ଇଣ୍ଟରନେଟ ବ୍ୟବହାର ଦ୍ୱାରା ଘଟୁଥିବା ବିଭିନ୍ନ ପ୍ରକାର ଠକାମୀ ଉପରେ ଆଲୋଚନା କରିଥଲେ । ଅନ୍ୟତମ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା କିଷାନ ଇଣ୍ଟରନେଟକୁ ସତ୍ ପଥରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ସୂଚନା କେନ୍ଦ୍ର ବିଭାଗ ମୂଖ୍ୟ ତରଣିସେନ ବେହେରା ନିରାପଦ ଇଣ୍ଟରନେଟ ବ୍ୟବହାର ଉପରେ ବିଭିନ୍ନ ନିୟମ, ଡିପଫେକ୍ଟ, ଆରଟିଫିସିଏଲ୍ ଇଂଟେଲିଜେଂଟ, ନିରାପଦ ୱେବସାଇଡ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ପ୍ରାଧ୍ୟାପକ ବ୍ରଜେସ ସାହୁ, ଡ. ଗୀତାରାଣୀ ଦୀକ୍ଷିତ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଡ. ଦେବୀ ପ୍ରସାଦ ବେହେରା, ରକି ବିଶ୍ୱାଳ, ହିମାଂଶୁ ଶେଖର ମହାକୁର, ଡ. ଦୀପଶିଖା ସୋହେଲା, ଡ. ଗାୟତ୍ରୀ ବୁଢ଼ା ତଥା ଜିଲ୍ଲା ପ୍ରଶାସନର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

## ପୁରୀ ପୋଲିସ ପକ୍ଷରୁ ଫେବୃଆରୀ ୨୦୨୬ ଅପରାଧ ସମୀକ୍ଷା ବୈଠକ

ପୁରୀ, ୧୧/୨ (ନି.ପ୍ର): ପୋଲିସର ଫେବୃଆରୀ ୨୦୨୬ ମାସିକ ଅପରାଧ ସମୀକ୍ଷା ବୈଠକ ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ ଅଧ୍ୟକ୍ଷତା କରିଥିଲେ । ବୈଠକରେ ୨୦୨୬ ବର୍ଷ ପାଇଁ ପୁରୀ ପୋଲିସର କାର୍ଯ୍ୟ ପରିକଳ୍ପନା, ଅପରାଧ ନିୟନ୍ତ୍ରଣ ନୀତି, ଜନସୁରକ୍ଷା ଓ ଆଧୁନିକ ପୋଲିସିଂ ପ୍ରଣାଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ସଭାରେ ଅନଖା ବିଜୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସୁଶୀଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ସହିତ ସମସ୍ତ ସବ୍-ଡିଭିଜନ୍ ର ଅଧିକାରୀ, ସମସ୍ତ ଥାନା ଅଧିକାରୀ, ସମସ୍ତ କୋର୍ଟର ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ କହିଥିଲେ ଯେ, ପୁରୀ ପୋଲିସର ପ୍ରଧାନ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା ଓ ଆଧୁନିକ ପ୍ରଣାଳୀରେ ଅପରାଧ ନିୟନ୍ତ୍ରଣ । ସେ ସମସ୍ତ ଅଧିକାରୀଙ୍କୁ ସତ୍ୟନିଷ୍ଠା, ନିଷ୍ଠା ଓ ଜନସେବା ମନୋଭାବ ସହ କାମ କରିବାକୁ ପରାମର୍ଶ ଦେଇଥିଲେ । ଜନସାଧାରଣଙ୍କ ସହ ଭଲ ବ୍ୟବହାର ଉପରେ ଗୁରୁତ୍ୱ ପୋଲିସ ଓ ଜନସାଧାରଣ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ ମଜବୁତ କରିବା ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କୁ ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୬ ମସିହାରେ ପୋଲିସ କାର୍ଯ୍ୟକଳାପରେ ଆଧୁନିକ ଟେକ୍ନୋଲୋଜିର ବ୍ୟବହାରକୁ ଆହୁରି ବୃଦ୍ଧି କରିବାକୁ କୁହାଯାଇଥିଲା । ସିସିଟିଭି ମନିଟରିଂ, ଡିଜିଟାଲ ତଦନ୍ତ, ସାଇବର ଟୁଲ, ଡାଟା ଆନାଲିସିସ ଓ ଅନ୍ୟାନ୍ୟ ଆଧୁନିକ ପ୍ରଣାଳୀ ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ପାଇଁ ପ୍ରୋ-ଆକ୍ଟିଭ ପୋଲିସିଂକୁ ଆହୁରି ସକ୍ରିୟ କରିବାକୁ କୁହାଯାଇଥିଲା । ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଂଚଳ ଉପରେ ନିୟମିତ ନଜରଦାରି, ଚେକିଂ ଓ ଇଂଟେଲିଜେନ୍ସ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା । କମ୍ୟୁନିଟି ପୋଲିସିଂକୁ ଶକ୍ତିଶାଳୀ କରିବା ସମାଜ ସହ ମିଶି କାମ କରିବା ପାଇଁ କମ୍ୟୁନିଟି ପୋଲିସିଂକୁ ଆହୁରି ମଜବୁତ କରିବାକୁ କୁହାଯାଇଥିଲା । ପୋଲିସ କର୍ମଚାରୀମାନଙ୍କ କଲ୍ୟାଣ ପୁରୀ ପୋଲିସର ପ୍ରାଥମିକତା ଦେବା ପାଇଁ କୁହାଯାଇଥିଲା । ସମସ୍ତ ମାମଲାର ତ୍ୱରିତ ତଦନ୍ତ କରିବା ଓ ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାମଲାର ସୁପରଭିଜନ୍, କୋର୍ଟ ପ୍ରୋସିଡିଂ ଓ ଭିକ୍ଟିମ ନ୍ୟାୟ ଉପରେ ବିଶେଷ ଗୁରୁତ୍ୱ ବୈଠକରେ ମାମଲାର ଗୁଣତ୍ୱ ନିଶ୍ଚିତ କରିବା ପାଇଁ କେସ୍ ଷ୍ଟଡି ଆଧାରିତ ସୁପରଭିଜନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନ୍ତରୁ ଆରମ୍ଭ କରି କୋର୍ଟ ପ୍ରୋସିଡିଂ ପର୍ଯ୍ୟନ୍ତ ପ୍ରତ୍ୟେକ ମାମଲାର ନିୟମିତ ସମୀକ୍ଷା କରିବାକୁ କୁହାଯାଇଥିଲା । ସଠିକ୍ ତଦନ୍ତ, ଠିକ୍ ଡକ୍ୟୁମେଣ୍ଟେସନ୍, ସମୟରେ ଚାର୍ଜଶିଟ ଦାଖଲ ଓ କୋର୍ଟରେ ସଠିକ୍ ପ୍ରସ୍ତୁତି ମାଧ୍ୟମରେ ଦୃଢ ଜଜମେଣ୍ଟ ନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଭାବରେ ଭିକ୍ଟିମମାନଙ୍କୁ ସମୟୋଚିତ ସହାୟତା ଓ ଆଇନଗତ ସହଯୋଗ ଯୋଗାଇ ମାମଲାରେ ନ୍ୟାୟ ମିଳିବାକୁ ନିଶ୍ଚିତ କରିବାକୁ କୁହାଯାଇଥିଲା । ଜରୁରୀ ସେବା ୧୧୨ କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ କୁହାଯାଇଥିଲା । ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହେବାରୁ ପର୍ଯ୍ୟଟକ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ଅବସ୍ଥା, ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ପ୍ରଗତି, ଟ୍ରାଫିକ୍ ବ୍ୟବସ୍ଥାପନା, ସାଇବର ଅପରାଧ ନିୟନ୍ତ୍ରଣ ଓ ଆଗାମୀ ଦିନର କାର୍ଯ୍ୟ ପରିକଳ୍ପନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଶେଷରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସମସ୍ତ ଅଧିକାରୀଙ୍କୁ ଟିମ୍ ଭାବେ କାମ କରି ପୁରୀ ଜିଲ୍ଲାକୁ ସୁରକ୍ଷିତ, ଅପରାଧମୁକ୍ତ ପୋଲିସ ବ୍ୟବସ୍ଥା ଗଠନ ପାଇଁ ଆହ୍ୱାନ କରିଥିଲେ ।

## ମହିଳା ସୁରକ୍ଷା, ସାଇବର ଠକେଇ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୧/୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ପକ୍ଷରୁ ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳଙ୍କ ନେତୃତ୍ୱରେ ମହିଳା ସୁରକ୍ଷା, ସାଇବର ଠକେଇ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ସ୍ଥାନୀୟ ଗୋପବନ୍ଧୁ ଆଂଚଳିକ ମହାବିଦ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ । ମହିଳା ମାନଙ୍କର ସୁରକ୍ଷା ପାଇଁ ଯଦିଓ ବିଭିନ୍ନ ଆଇନ କାନୁନ ତିଆରି ହୋଇଛି ଏବଂ ଭାରତୀୟ ସମ୍ବିଧାନରେ ମଧ ବହୁ ବ୍ୟବସ୍ଥା ଥିବା ସତ୍ତ୍ୱେ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି । ତେଣୁ ମହିଳା ମାନଙ୍କର ସୁରକ୍ଷା ଏବଂ ସେମାନଙ୍କର ଆଇନଗତ ଅଧିକାର ଉପରେ ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଏହାସହ ସାଇବର ଠକେଇର ପ୍ରମୁଖ ମାଧ୍ୟମ ନିତ୍ୟ ବ୍ୟବହାର୍ଯ୍ୟ ମୋବାଇଲ ବୋଲି କହିବା ସହ ଠକେଇର ବିଭିନ୍ନ ମାଧ୍ୟମ ବିଷୟରେ ଅବଗତ କରାଇଥିଲେ । ତା'ସହ ସାଇବର ଠକେଇରୁ ବଂଚିବା ପାଇଁ ସତର୍କତା ଉପାୟ ଯଥା ମୋବାଇଲରେ ଜଟିଳ ପାସୱାର୍ଡ ବ୍ୟବହାର, ଅନ୍ ଲାଇନ୍ ଆର୍ଥିକ କାରବାର, କେୱାଇସି ଅପଡେଟ୍, ଚାକିରି ଦେବା ପାଇଁ ଠକେଇ, ବିଭିନ୍ନ ପ୍ରକାରର ଲୋନ ଆପ, ମାଟ୍ରିମୋନି ଆପ୍, ଅନଲାଇନ କ୍ରୟ ବିକ୍ରୟ, ଅନ୍ ନୋନ୍ କଲ୍, ଟାୱାର ସ୍ଥାପନ, ଅନଲାଇନ ଶପିଂ, ସୋସିଆଲ ମିଡିଆ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ସହ ଠକେଇରୁ ବଂଚିବା ପାଇଁ ଆବଶ୍ୟକୀୟ ଉପାୟ ବିଷୟରେ ସଚେତନତା ବାର୍ତ୍ତା ଦେଇଥିଲେ । ଏବଂ ସଡ଼କ ଦୁର୍ଘଟଣାରେ ସମ୍ମୁଖିନ ହେଉଥିବା ବ୍ୟକ୍ତିଙ୍କୁ କିପରି ତୁରନ୍ତ ପ୍ରାଥମିକ ସହାୟତା ପ୍ରଦାନ କରିବା, ୧୦୮ କୁ କଲ କରି ଡାକ୍ତରଖାନା ପହଂଚାଇବା, ରକ୍ତସ୍ରାବ ନିୟନ୍ତ୍ରଣ ଏବଂ ସୁରକ୍ଷିତ ଭାବେ ଆମ୍ବୁଲାନ୍ସକୁ ନେବା ସହ ଟ୍ରାଫିକ ନିୟନ୍ତ୍ରଣ ବିଷୟରେ ଛାତ୍ରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ ।

ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ସଂଖ୍ୟରେ ଛାତ୍ରୀ ଏବଂ ଅଧ୍ୟାପକ ମାନେ ଉପସ୍ଥିତ ଥିଲେ ।

## ଷୋଳପୁର ଅଡ଼ଙ୍ଗେଇ ମନ୍ଦିରରୁ ଚୋରି

ପୁରୀ, ୧୧/୨ (ନି.ପ୍ର):ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଷୋଳପୁର ନିକଟ ମା' ଅଡ଼ଙ୍ଗେଇ ମନ୍ଦିରରୁ ଚୋରି ହୋଇଛି । ଗତକାଲି ରାତିରେ ଚୋରମାନେ ମନ୍ଦିରର ତାଲା ଭାଙ୍ଗି ଭିତରେ ପଶିବା ସହ ୨ଟି ହୁଣ୍ଡି ଏବଂ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗ ହୋଇଛି । ୨ଟି ହୁଣ୍ଡିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ସୂଚନା ମିଳିଛି ।

ମନ୍ଦିରର ପୂଜକ ଆଜି ସକାଳେ ମନ୍ଦିରକୁ ପୂଜା କରିବାକୁ ଆସିଥିବା ବେଳେ ଏହା ଦେଖି ପ୍ରଥମେ ପୋଲିସକୁ ଖବର ଦେଇଥିଲେ । ମନ୍ଦିର ଫାଟକର ତାଲା ଭଙ୍ଗାଯାଇଥିବା ଏବଂ ଦୁଇଟି ହୁଣ୍ଡି ନଥିବା ସେ ଦେଖିବାକୁ ପାଇଥିଲେ । ମା' ଙ୍କର କିଛି ସୁନା ଓ ରୂପା ଅଳଙ୍କାର ଏବଂ ପିତଳ ସାମଗ୍ରୀ ମଧ ଚୋରି ହୋଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି । ସନ୍ଦେହରେ ଜଣକୁ ଅଟକ ରଖି ପଚରା ଉଚୁରା ଚଳାଇଛି । ମନ୍ଦିର ନିକଟରୁ ତାଲା ଭଙ୍ଗା ଅବସ୍ଥାରେ ପଡିଥିବା ଦୁଇଟି ଯାକ ହୁଣ୍ଡି ବାକ୍ସକୁ ପୋଲିସ ଜବତ କରିଛି । ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ୍ କୁ ଯାଂଚ୍ କରୁଛି ପୋଲିସ ।

## ଫିରିଙ୍ଗିଆ ରାଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ବଇରୀକୁମ୍ଭା ବାର୍ଷିକ ଉତ୍ସବ ପାଳିତ

କନ୍ଧମାଳ, ୧୧/୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ରାଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ବିଧାୟକ ଉମାଚରଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ମୁଖ୍ୟ ଅତିଥି ଶ୍ରୀ ମଲିକ ପ୍ରଥମେ ବିଦ୍ୟାଳୟ ପରିସର ଭିତରେ ଥିବା ଫକୀର ମୋହନ ସେନାପତି ଓ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରୀ ଜଗରନ୍ନାଥଙ୍କ ନିକଟରେ ଧୂପ ଦୀପ ଓ ପ୍ରଦୀପ ପ୍ରଜ୍ୱଳନ କରି ଶଙ୍ଖ ଧ୍ୱନି ଓ ମନ୍ତ୍ର ଉଚ୍ଚାରଣ ରେ ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରାଣ ପ୍ରତିଷ୍ଠାତା ରାଜେନ୍ଦ୍ର କୁମାର କାହଁର, ଫାଉଣ୍ଡର ପ୍ରେସିଡେଂଟ ଦୁଗୁନି କହଁର ଓ ଭୂମି ଦାନ କରିଥିବା ଶ୍ରୀମତୀ କିନୁରୀ କହଁରଙ୍କୁ ବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର, ଉତରୀୟ, ଓ ଫୁଲଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଶିକ୍ଷକ ମୁରଲୀ ଧର ଦାସ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ । ପୂର୍ବତନ ବିଧାୟକ ଦୁଗୁନି କାହଁର ବିଦ୍ୟାଳୟ ଓ ଅଂଚଳର କେତେଗୁଡିଏ ବିକାଶ ରହି ଯାଇଥିବା ଉପସ୍ଥାପନ କରି ବର୍ତମାନର ବିଧାୟକଙ୍କୁ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ବିଦ୍ୟାଳୟ ଖେଳ ପଡିଆ, ଡାଇନିଙ୍ଗ ହଲ, ଏହି ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ର ହେଉଥିବାରୁ ଗୋଟିଏ ପରୀକ୍ଷା ହଲର ବି ଆବଶ୍ୟକତା ଥିବା କଥା କହିଥିଲେ । ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଂଚଳ ବାସି ବହୁତ ହଇରାଣ ହରକତ ହେଉଥିବାରୁ ଡାକ୍ତରଖାନା ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ମଧ୍ୟ ସ୍ଥାପନ କରିବା ପାଇଁ ପାଇଁ ଉଦ୍ୟମ କରିବାକୁ ଅନୁରୋଧ କାରିଥିଲେ । ମୁଖ୍ୟ ଅତିଥି ଅଭିଯୋଗ ଥିବା ସମସ୍ତ କାର୍ଯ୍ୟ ପର୍ଯ୍ୟାୟ କ୍ରମେ କରିବାକୁ ଉଦ୍ୟମ କରିବେ ବୋଲି ବକ୍ତବ୍ୟ ରଖିଥିଲେ । ଖେଳପଡ଼ିଆ ଓ ଡାଇନିଙ୍ଗ ହଲ ତୁରନ୍ତ କରିବାକୁ ପ୍ରତିଶୃତି ଦେଇ ଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ଭବିଷ୍ୟତ ଜୀବନ ଗଢିବା ପାଇଁ ସମୟନୁବର୍ତିତ ଓ ଶୃଙ୍ଖଳା ନିହାତି ଦରକାର ବୋଲି ଉପସ୍ଥାପନା କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଶ୍ରୀମତୀ ସ୍ୱର୍ଣ୍ଣଲତା ପ୍ରଧାନ, ସରପଂଚ କେଲାପଡା, ଭୃଙ୍ଗିଯୋଡି ସରପଂଚ, ସମିତି ସଭ୍ୟ କେଲାପଡା ଓ ଭୃଙ୍ଗିଯୋଡି ସମାଜ ସେବୀ ତଥା ଭରସା ଲାଇଭ ସମ୍ପାଦକ ଅକ୍ଷୟ କୁମାର ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଓ ଦିଗ ଦର୍ଶନ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ନୂଆ ଓ ପୁରୁଣା ସଦସ୍ୟମାନେ ସଫଳତା ରୂପାୟନ କରିବା ପାଇଁ ସହଯୋଗ କରିଥିଲେ ।

ଦୁଃଖିଶ୍ୟାମ ନାୟକ, ବସନ୍ତ କହଁର, ପ୍ରେମଶିଳା ଝାଙ୍କର, ଦିବାକର ହାତୀ ବ୍ରଜେନ୍ଦ୍ର ମହାପାତ୍ର, ଗୋପୀନାଥ ଗନ୍ତାୟତ, ଅକ୍ଷୟ ବରାଳ, ପରିଡା ସାର, ଲେଙ୍କା ସାର, ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁନା କହଁରଙ୍କ ସଭାପତିତ୍ୱ ଓ ସମାଜ ସେବୀ ଅକ୍ଷୟ କୁମାର ନାୟକ ଙ୍କ ସଂଚଳନାରେ ଉତ୍ସବଟି ସାଂସ୍କୃତିକ କାର୍ଯ୍ୟକ୍ରମ ରଙ୍ଗ।ରଙ୍ଗ ଓ ନାଚ ଗୀତରେ ଉଦଯାପନ ହୋଇଯାଇଛି ।

## ଜୟପୁର ବ୍ଲକ ସ୍ତରୀୟ କୃମିନାଶକ ଔଷଧ ସେବନର ଶୁଭାରମ୍ଭ

ଜୟପୁର, ୧୧/୨ (ନି.ପ୍ର): ଜାତୀୟ କୃମି ନାଶକ ଦିବସ । ୧ ରୁ ୧୯ ବର୍ଷ ବୟସର ସମସ୍ତ ପିଲାମାନଙ୍କୁ ଅଙ୍ଗନବାଡ଼ି ଓ ବିଦ୍ୟାଳୟରେ କୃମି ନାଶକ ଔଷଧ ଦିଆଯିବ । ଏନେଇ ଆଜି ଜୟପୁର ବ୍ଲକ କଙ୍ଗା ସ୍ଥିତ ଏକଲ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଆଜି ଉଦଘାଟନ ହୋଇଛି କ୍ଷ ଏଠାରେ ରାବଣା ଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସ୍ୱସ୍ତିକ ମହଲା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଧରିତ୍ରୀ ମୁଦୁଲି, ବ୍ଲକ ଏକାଉଣ୍ଟସ ମ୍ୟାନେଜର ହିମାଂଶୁ ମିଶ୍ରଙ୍କ ସହ ବିଦ୍ୟାଳୟର ପ୍ରିନ୍ସପାଲ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ଜୟପୁର ବ୍ଲକ ରେ ୧୯୫ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ୩ ଶହଟି ଅଙ୍ଗନବାଡି କେନ୍ଦ୍ରର ଶିଶୁ ମାନଙ୍କୁ କୃମି ଔଷଧ ଦିଆଯାଇଛି କ୍ଷ ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉ ନ ଥିବା ପିଲାମାନେ ଏବଂ ୨୦ ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନେ ଗର୍ଭାବତୀ ଓ ପ୍ରସୂତି ବ୍ୟତିତ ଅଙ୍ଗନବାଡ଼ି କେନ୍ଦ୍ରରେ ଔଷଧ ଖାଇବେ କ୍ଷ ଭବିଷ୍ୟତ ପିଢିଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଛୋଟପିଲାଙ୍କ ଠାରେ କୃମି ହେବା ଏକ ସାଧାରଣ କଥା । ମାତ୍ର ସମୟ ସହିତ ଏହାର ନିରାକରଣ କରା ନ ଗଲେ ଭବିଷ୍ୟତରେ ଏହା ସେମାନଙ୍କ ପାଇଁ ବିପଦ ସାରିଥାଏ । କୃମି ହେଲେ ପିଲାମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଯେପରି କି ଭୋକ ନ ଲାଗିବା, ବାନ୍ତି ହେବା, ଦୁର୍ବଳ ହେବା ଆଦି ଲକ୍ଷଣ ଦେଖା ଯାଇଥାଏ । ଫଳରେ ପିଲାମାନେ କୁପୋଷଣର ଶିକାର ହେବା ସହିତ ସେମାନଙ୍କ ଶାରୀରିକ ତଥା ମାନସିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ । ଏହି ସମସ୍ୟାର ସମାଧାନ ପାଇଁଭାରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୧୦ରେ ଜାତୀୟ କୃମି ନାଶକ ଦିବସ' ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ କିଶୋରମାନଙ୍କୁ ବିଭିନ୍ନ ସ୍କୁଲ ଏବଂ ଅଙ୍ଗନଓଡି କେନ୍ଦ୍ରରେ କୃମି ନାଶକ ଔଷଧ 'ଆଲ୍ ବେଣ୍ଡାଜୋଲ ବଟିକା ନିଃଶୁଳ୍କରେ ପ୍ରଦାନ କରାଯାଉଛି । ତେବେ ଏହି ଦିବସ ଲାଗି ଚଳିତ ବର୍ଷର ଥିମ୍ ରହିଛି କୃମିମୁକ୍ତ ଶିଶୁ, ଉଜ୍ଜ୍ୱଳ ଭବିଷ୍ୟତ।୨୦୧୫ ଫେବୃଆରୀ ୧୦ରେ ପ୍ରଥମ ଥର ହରିୟାଣାର ଗୁରୁଗାଁ ଗ୍ରାମଠାରେ ଏହି ଦିବସ ପାଳନ କରାଯାଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ୧୧ଟି ରାଜ୍ୟରେ ଲାଗୁ ହେବା ପରେ ୨୦୧୬ ଠାରୁ ସମଗ୍ର ଦେଶରେ ଏହି ଦିବସ ପାଳନ କରାଯିବା ସହିତ ପିଲାମାନଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦିଆଯାଇଛି । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଫେବୃଆରୀ ୧୦ ଏବଂ ଅଗଷ୍ଟ ୧୦ରେ ଦୁଇଥର ପାଳନ କରାଯାଉଛି ।

## ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ୍

ଜୟପୁର, ୧୧/୨ (ନି.ପ୍ର): ଏବେ ବିବାହ, ବ୍ରତ ଋତୁ ଚାଲିଛି । ଭୋଜି ଭାତ ଆସର ଜମୁଛି । ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ଖାଲି ସେତିକି ନୁହେଁ, କୋରାପୁଟ ଜିଲାର ଜୟପୁର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, ବୈପାରିଗୁଡା, କୋଟପାଡ ଅଂଚଳରେ ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ୍, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ଠୋଲା ଠୁ ଆରମ୍ଭ କରି ବଡ଼ ବଡ଼ ହୋଟେଲରେ ମଧ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରସା ଯାଉଛି । ପରିବେଶକୁ ବିଗାଡିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ ଏଥି ପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଥର୍ମୋକୋଲ ପ୍ଲେଟ ଓ ଠୋଲା ବ୍ୟବହାରରେ ରୋକ ଲଗାଇବା ପାଇଁ ଜିଲାବାସୀ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନା ମୁତାବକ, ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ । ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ ଉପରେ ପରସା ଯାଏ । ଏମିତି ହୋଟେଲରେ ଛୋଟ ଛୋଟ ପଲିଥିନରେ ଗରମ ଗରମ ତରକାରି, ଖଟା ଆଦି ଦେଉଛନ୍ତି । ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିଶେ । ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ ଷ୍ଟାଇରିନି ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ । ଫଳରେ ଥକାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ । ଦୀର୍ଘ କାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ ଉପରେ ପ୍ରଭାବ ପକାଏ । ଏହା ପରିବେଶ ପ୍ରଦୂଷଣରେ ମଧ ସାହାଯ୍ୟ କରେ । ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ । ଥର୍ମୋକୋଲ ଜାଳିବା ଦ୍ୱାରା କାର୍ବନ ମନୋଅକ୍ସାଇଡି ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ । ଯାହା ବାୟୁ ମଣ୍ଡଳ ପାଇଁ ବହୁଳଭାବେ କ୍ଷତିକାରକ । ଥର୍ମୋକୋଲ ଜୈବ ବିଘଟନଶୀଳ ନୁହେଁ । ଏହାର ପୁନଃଚକ୍ରଣ କରିବା କଷ୍ଟକର । ଏଣୁ ମୃତିକା ବହୁଳ ମାତ୍ରାରେ ଏଥିଯୋଗୁଁ ପ୍ରଦୂଷିତ ହେବାରେ ଲାଗିଛି । ବ୍ୟବସାୟୀ ମାନଙ୍କୁ ସୁବିଧା ହେଉଥିବା ବେଳେ ଗ୍ରାହକଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି । କିନ୍ତୁ ସବୁ ସତ୍ତ୍ୱେ ବି ଏହାର ଚାହିଦା କମିବା ପରିବର୍ତେ ବୃଦ୍ଧି ପାଇବାରେ ଲାଗିଛି । ପଲିଷ୍ଟାଇରିନ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକ)ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ ଏହା ବନ୍ଦ ହେଉନାହିଁ । ଏହା ପରିବର୍ତେ କାଗଜ କିମ୍ବା ପତ୍ର ଆଧାରିତ ସାମଗ୍ରୀ ବ୍ୟବହାର କରାଗଲେ ପରିବେଶ ସହ ସ୍ୱାସ୍ଥ୍ୟ ସମ୍ପଦ ସୁରକ୍ଷିତ ରହି ପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି ।

## ସତ୍ୟ ନାରାୟଣ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା

କେନ୍ଦୁଝର, ୧୧/୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ମୁଦ୍ରାବେଡା ସ୍ଥିତ ସତ୍ୟ ନାରାୟଣ ଉଚ୍ଚ ବିଦ୍ୟାଳୟ ରେ ଆଜି ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ହରେକୃଷ୍ଣ ପୁହାଣ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ରେ ବାର୍ଷିକ କ୍ରୀଡା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତା ର ଚମ୍ପିୟାନ ଦ୍ୱୟ ଙ୍କ ସହ ସମସ୍ତ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ସହ ଡିସେମ୍ବର ୩୧ ରେ ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକ ଦେବାନନ୍ଦ ମହାକୁଡ ଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ , ଉପଢୌକନ ଆଦି ବିଦ୍ୟାଳୟ ତଥା ଅଭିଭାବକ ଙ୍କ ମାନଙ୍କ ତରଫରୁ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସାଂସଦ ଙ୍କ ପ୍ରତିନିଧି ଅଖିଳ ପାତ୍ର , ମୁଖ୍ୟ ବକ୍ତା ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହ ନାଥ ସିଂହ , ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସଞ୍ଜୟ କୁମାର ସାହୁ , କ୍ଲଷ୍ଟର ସଂଯୋଜକ ଜିତେନ୍ଦ୍ର ଗିରି ,କବି ତଥା ଶିକ୍ଷାବିତ୍ ପ୍ରତାପ କିଶୋର ରାଉତ , ଶିକ୍ଷାବିତ୍ ମଧୁସୂଦନ ପ୍ରଧାନ, ପ୍ରମୁଖ ଯୋଗ ଦେଇଥିଲେ ।

ଧାରାବାହିକ: ଭାଗ-୩୨

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୬୭ ଅଧ୍ୟାୟ ( ଦ୍ୱିବିଦ ବଧ)

ଶ୍ରୀଶୁକଦେବ କହିଲେ, ହେ ରାଜା ନାରକାସୁର ଭଗବାନ ଶ୍ରୀକୃଷ୍ଣଙ୍କ ହାତରେ ବଧ ହେବାରୁ ତାର ବନ୍ଧୁ, ମଇନ୍ଦ ବାନରର ଭାଇ ତଥା ସୁଗ୍ରୀବଙ୍କର ଜଣେ ମନ୍ତ୍ରୀ ଦ୍ୱିବିଦ ବାନର ଶ୍ରୀକୃଷ୍ଣଙ୍କ ପ୍ରତି ପ୍ରତିହିଂସା ପରାୟଣ ହୋଇ ଦ୍ୱାରକାରେ ପଶି ନାନା ଉପଦ୍ରବ ଆରମ୍ଭ କରିଦେଲା । ଦଶ ସହସ୍ର ମତ୍ତ ହସ୍ତୀର ବଳଧାରୀ ସେହି ବାନର କେଉଁଠାରେ ଅଗ୍ନି ସଂଯୋଗ କରି ସକଳ ସମ୍ପଦ ଧ୍ୱଂସ କଲା ତ କେଉଁଠାରେ ମନ୍ଦିର, ଅଟ୍ଟାଳିକା ଭାଙ୍ଗି ପକାଇଲା । ଋଷି ଆଶ୍ରମ, ଉପବନ, ଯଜ୍ଞକୁଣ୍ଡ ସବୁ ଭାଙ୍ଗି ପକାଇଲା ତ କେଉଁଠି କୁଳସ୍ତ୍ରୀମାନଙ୍କୁ ଦୂଷିତ କରିପକାଇଲା । କେତେବେଳେ ନାରୀପୁରୁଷମାନଙ୍କୁ ଧରିନେଇ ଗୁମ୍ଫାରେ ଭର୍ତ୍ତିକରି ମୁହଁ ବନ୍ଦ କରିଦେଉଥିଲା । ଦିନେ ସେହି ବାନର ରାତ୍ରରେ ସୁଲଳିତ ସଙ୍ଗୀତ ସ୍ୱର କେଉଁଠି ଆସୁଛି ଜାଣିବାକୁ ରୈବତ ପାହାଡ ଉପରେ ଚଢି ଦେଖିଲା ଯେ ସେଠାରେ ବଳରାମ ଅତ୍ୟନ୍ତ ସୁନ୍ଦର ବେଶ ହୋଇ ଦିବ୍ୟସୁନ୍ଦର କାମିନୀମାନଙ୍କ ମେଳରେ କ୍ରୀଡା କରୁଛନ୍ତି । ସେହି କାମିନୀମାନଙ୍କର ମଧୁର କଣ୍ଠରୁ ସୁଲଳିତ ସଙ୍ଗୀତ ଝରିପଡୁଛି । ଦ୍ୱିବିଦ ବାନର ଏହାଦେଖି ଗୋଟିଏ ବୃକ୍ଷ ଉପରେ ଚଢି କିଳିକିଳା ନାଦରେ ବନଭୂମିକୁ ପ୍ରକମ୍ପିତ କରିବାରୁ ଓ କାମିନୀମାନଙ୍କୁ ଦାନ୍ତ ଦେଖାଇ ଭୟଭୀତ କରିବାକୁ ଚେଷ୍ଟାକଲା । ପୁଣି ନିଜର ପାୟୁ ଆଜି ନିମ୍ନାଙ୍ଗ ଦେଖାଇ ଅଶ୍ଳୀଳ ଭାବଭଙ୍ଗୀ ପ୍ରକାଶ କଲା । ପ୍ରଭୁ ବଳରାମ ଦୁଷ୍ଟ ବାନରର ଏହି ରୀତି ଦେଖି କ୍ରୁଧ ହୋଇ ପଥରଟିଏ ଫୋପାଡି ଦେବାରୁ ଦ୍ୱିବିଦ ବାନର କୁପିତ ହୋଇ ବୃକ୍ଷପରେ ବୃକ୍ଷ ଉପାଡି ଆଣି ବଳରାମଙ୍କ ଉପରେ ପ୍ରହାର କରିବାକୁ ଲାଗିଲା । ପ୍ରଭୁ ବଳରାମ ନିଜକୁ ଅବଲୀଳା କ୍ରମେ ବଞ୍ଚାଇ ନେଇ ନିଜର ମୁଷଳକୁ ଘୁରାଇ ବାନରର ବକ୍ଷଦେଶରେ ପ୍ରହାର କରିବାରୁ ଦ୍ୱିବିଦର ମୃତ୍ୟୁହେଲା । ଦେବଗଣ ଆକାଶରୁ ପୁଷ୍ପବୃଷ୍ଟି କରିବା ସହ ନୃତ୍ୟ କରିବାକୁ ଲାଗିଲେ ।

### ୬୮ ଅଧ୍ୟାୟ( ଶାମ୍ବ ସୁଲକ୍ଷଣା ବିବାହ)

ଶ୍ରୀଶୁକଦେବ କହିଲେ, ହେ ରାଜା, ହସ୍ତିନାପୁରର ରାଜା ଦୁର୍ଯ୍ୟୋଧନଙ୍କର ପରମାସୁନ୍ଦରୀ କନ୍ୟା ସୁଲକ୍ଷଣା ସ୍ୱୟମ୍ବରରେ ଶ୍ରୀକୃଷ୍ଣ ପୁତ୍ର ଶାମ୍ବକୁ ପତି ରୂପେ ବରଣ କରିବାରୁ ଦୁର୍ଯ୍ୟୋଧନ କୁପିତ ହୋଇ ଭୀଷ୍ମ, ଦ୍ରୋଣ ଓ ଶଲ୍ୟାଦି ବୀରମାନଙ୍କୁ ଶାମ୍ବଙ୍କୁ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦେଲା । କୃଷ୍ଣକୁମର ଶାମ୍ବ ଷଡରଥୀଙ୍କ ସହ ଭୟଙ୍କର ଯୁଦ୍ଧ କଲେ ମଧ ଅବଶେଷରେ ବନ୍ଦୀହେଲେ । ଦେବର୍ଷି ନାରଦ ଏହି ସମ୍ବାଦ ଦ୍ୱାରକାରେ ଦେବାରୁ ଭଗବାନ ଶ୍ରୀକୃଷ୍ଣ ସୈନ୍ୟସାମନ୍ତଙ୍କ ସହ ହସ୍ତିନାପୁର ଆକ୍ରମଣ କରିବାକୁ ପ୍ରସ୍ତୁତହେବାଦେଖି ପ୍ରଭୁ ବଳରାମ କହିଲେ, ବନ୍ଧୁ ବନ୍ଧୁ ମଧ୍ୟରେ କଳହ ପୂର୍ବରୁ ଆପୋଷ ବୁଝାମଣା ହେବା ଉଚିତ ; ଏଣୁ ସେ ରଥାରୋହଣ କରି ହସ୍ତିନାପୁରକୁ ଗମନ କଲେ । ଭୀଷ୍ମ, ଦ୍ରୋଣାଦି ବୟସ୍କ ଗୁରୁଜନମାନେ ବଳରାମଙ୍କ ଆସୁଥିବା ସମ୍ବାଦ ପାଇ ଅଧାବାଟରୁ ସ୍ୱାଗତ କରିବା ସହ ପାଛୋଟି ନେଲେ ଓ ତାଙ୍କର ଶାନ୍ତି ପ୍ରସ୍ତାବକୁ ଆନନ୍ଦରେ ଗ୍ରହଣ କଲେ । ମାତ୍ର ଦୁର୍ଯ୍ୟୋଧନ ଓ ଦୁଶାସନ ଆଦି ଭ୍ରାତାମାନେ ଏହି ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ ଓ ବ୍ୟଙ୍ଗ କରି କହିଲେ, ଚର୍ମପାଦୁକା ହୋଇ ଶିରରେ ବସିବାକୁ ଆସ୍ପର୍ଦ୍ଧା କରୁଛି । ଯଦୁବଂଶୀମାନେ ରାଜପଣ କୁ ଯୋଗ୍ୟ ନୁହନ୍ତି । ଆମରି ଦୟାରୁ ଏମାନେ ସିଂହାସନରେ ବସିଛନ୍ତି ଅଥଚ ଆମ ସହିତ ବନ୍ଧୁ ବାନ୍ଧିବାର ସାହସ କଲେଣି । ପ୍ରଭୁ ବଳରାମ ଏହିଭଳି କଟୁକ୍ତି ଶୁଣି ମନରେ ଦୁଃଖ କଲେ ଓ ଶାନ୍ତି ପ୍ରସ୍ତାବ ଆଣିଥିବାରୁ ଅନୁତପ୍ତ ହେଲେ । ବନ୍ଧୁତ୍ୱର ହସ୍ତ ପ୍ରସାରଣ କରି ଏଭଳି ପ୍ରତ୍ୟାଖ୍ୟାତ ହେବାରୁ ସେ କ୍ରୋଧରେ ଥରିବାକୁ ଲାଗିଲେ ଓ ସମଗ୍ର ହସ୍ତିନାପୁରକୁ ଲଙ୍ଗଳରେ ତାଡିନେଇ ସମୁଦ୍ରରେ ଫିଙ୍ଗିଦେବାକୁ ଅଗ୍ରସର ହେଲେ । ଅନନ୍ତରୂପୀ ଶଙ୍କର୍ଷଣ ରୁଦ୍ରମୂର୍ତ୍ତି ଧରି ହଳ-ଲଙ୍ଗଳରେ ହସ୍ତିନାକୁ ଉତ୍ପାଟନ କରିବା ସମୟରେ ପ୍ରବଳ ଭୂମିକମ୍ପ ହେଲା । ପୁରବାସୀମାନେ ଦୁର୍ଯ୍ୟୋଧନାଦି ପୁତ୍ରମାନଙ୍କ କାରଣରୁ ସମସ୍ତେ ନାଶଯିବେ ଜାଣି ବଳରାମଙ୍କ ପାଦତଳେ ଶରଣ ଗଲେ ଏବଂ କର ଯୋଡି କହିଲେ, ପ୍ରଭୁ ଦୁର୍ଯ୍ୟୋଧନର ଅପରାଧ ପାଇଁ ଆମେ ସମସ୍ତେ ନାଶଯିବୁ । ତା'ଛଡା ଆପଣଙ୍କ ପୁତ୍ର ଓ ପୁତ୍ରବଧୂ ମଧ ଏଠାରେ ଅଛନ୍ତି, ଆପଣଙ୍କ ଶିଷ୍ୟ ଦୁର୍ଯ୍ୟୋଧନକୁ କ୍ଷମା କରନ୍ତୁ । କ୍ରୋଧ ସମ୍ବରଣ ପୂର୍ବକ ଆମ୍ଭମାନଙ୍କୁ ପ୍ରାଣଦାନ ଦିଅନ୍ତୁ । ସେମାନଙ୍କ ପ୍ରାର୍ଥନା ଶୁଣି ବଳରାମଙ୍କ କ୍ରୋଧ ଶାନ୍ତହେଲା । ଭୀଷ୍ମ, ଦ୍ରୋଣାଦି ଗୁରୁଜନଙ୍କ ପ୍ରେରଣାରେ ସ୍ୱୟଂ ଦୁର୍ଯ୍ୟୋଧନ ବଳରାମଙ୍କ ଚରଣ ବନ୍ଦନା ପୂର୍ବକ ବରକନ୍ୟାଙ୍କୁ ବଳରାମଙ୍କୁ ଅର୍ପଣ କଲା । ପ୍ରଭୁ ବଳରାମ ପ୍ରସନ୍ନ ଚିତ୍ତରେ ବରକନ୍ୟା ସହ ଦ୍ୱାରକା ପ୍ରତ୍ୟାବର୍ତ୍ତନ କଲେ ।

### ୬୯ ଅଧ୍ୟାୟ ( ଭଗବାନଙ୍କ ଗୃହଚର୍ଯ୍ୟା ଦର୍ଶନ କରି ନାରଦଙ୍କ ବିସ୍ମୟ )

ଶ୍ରୀଶୁକଦେବ କହିଲେ,ହେ ପ୍ରିୟ ପରୀକ୍ଷିତ ଭଗବାନ ଶ୍ରୀକୃଷ୍ଣ ରୁକ୍ମିଣୀ, ସତ୍ୟଭାମା ଆଦି ଅଷ୍ଟପାଟବଂଶୀ ବ୍ୟତୀତ ନରକାସୁରକୁ ବଧ କରି ତାର ଅନ୍ତଃପୁରରୁ ଉଦ୍ଧାର କରିଥିବା ଏକସହସ୍ର ଏକ କନ୍ୟାକୁ ବିବାହ କରିଥିଲେ । ଦେବର୍ଷି ନାରଦ ବିଚାରକଲେ ଭଗବାନ ଶ୍ରୀକୃଷ୍ଣ ଏକ ଶରୀରଧାରୀ ହୋଇ କିପରି ଏକ ସମୟରେ ଏତେ ସଂଖ୍ୟକ ପତ୍ନୀଙ୍କ ସହିତ କିପରି ଦାମ୍ପତ୍ୟ ସମ୍ପର୍କ ସ୍ଥାପନ କରିବା ସହିତ ସେମାନଙ୍କୁ ମୁଗ୍ଧ ଓ ସନ୍ତୁଷ୍ଟ କରି ରଖିପାରିଛନ୍ତି, ଏହା ଅତି ଆଶ୍ଚର୍ଯ୍ୟ ଓ ଚମତ୍କାର ବିଷୟ । ଏହାକୁ ସ୍ୱଚକ୍ଷୁରେ ଦେଖି ମୁଁ ନିଜର ମନ ଓ ନୟନକୁ ସାର୍ଥକ କରିବି । ଏହା ଚିନ୍ତାକରି ନାରଦ ନିଜ ମନଯାନରେ ବସି ଦ୍ୱାରକାକୁ ଗମନକଲେ । ଗୋବିନ୍ଦଙ୍କ ପୁର ଦ୍ୱିତୀୟ ବୈକୁଣ୍ଠପୁରୀ ପରି ପ୍ରତୀତ ହେଉଥିଲା । ସେଠାକାର ବିଭିନ୍ନ ରଙ୍ଗର ପୁଷ୍ପ ଉଦ୍ୟାନରେ ଭ୍ରମର, ସରୋବରରେ ପଦ୍ମ, କୁମୁଦ ସହିତ ହଂସ,ସାରସ ଆଦି ଶୋଭା ପାଉଥିଲେ । ନବଲକ୍ଷ ସ୍ଫଟିକ ପ୍ରସାଦ ମଣି,ରତ୍ନ, ସ୍ୱର୍ଣ୍ଣ ଦ୍ୱାରା ଖଚିତ ହୋଇ ଅପୂର୍ବ ଶୋଭା ଧାରଣ କରିଥିଲା । ଚନ୍ଦନ ସିଞ୍ଚିତ ରାଜମାର୍ଗ, ଦେବ ମନ୍ଦିର, ଯଜ୍ଞଶାଳାର ଧ୍ୱଜ ସବୁ ଚନ୍ଦ୍ରତାପରେ ସଜ୍ଜିତ ହୋଇଥିଲା । ଅବସନ୍ତରେ ମଧ ମଳୟାନିଳ ପୁଷ୍ପମାନଙ୍କର ସୌରଭ ବହନ କରି ମୃଦୁ ସଞ୍ଚାରିତ ହୋଇ ସୂର୍ଯ୍ୟତାପକୁ ପ୍ରତିହତ କରୁଥିଲା । ନାରଦ ଏସବୁ ଦେଖି ଯଦୁବଂଶୀମାନଙ୍କ ସୌଭାଗ୍ୟକୁ ପ୍ରଶଂସା କରି ଶ୍ରୀକୃଷ୍ଣଙ୍କ ଅନ୍ତପୁର ଦ୍ୱାରଦେଶରେ ପ୍ରବେଶ କଲେ । ଅପୂର୍ବ ଶିଳ୍ପ ନୈପୁଣ୍ୟର ପରାକାଷ୍ଠା ସ୍ୱରୂପ ଶ୍ରୀକୃଷ୍ଣଙ୍କର ଅନ୍ତଃପୁର ଶୋଭା ଲକ୍ଷେ ଇନ୍ଦ୍ରଭୂବନ ସହ ମଧ ତୁଳନୀୟ ନୁହେଁ । ମାୟା ମାନବରୂପୀ ସ୍ୱଂୟଂ ଭଗବାନ ଶ୍ରୀକୃଷ୍ଣ ଷୋଳସହସ୍ରାଧିକ ରମଣୀରତ୍ନକୁ ନେଇ ଆତ୍ମସୁଖରେ କ୍ରୀଡା କରୁଥିଲେ । ମହର୍ଷି ନାରଦ ପରମ ସୌଭାଗ୍ୟବତୀ ରମଣୀମାନଙ୍କୁ ମନ ମଧ୍ୟରେ ଧନ୍ୟବାଦ ଦେଇ ମନେ ମନେ ପ୍ରଶଂସା କରୁଥିଲେ, କେତେ ଜନ୍ମର ତପସ୍ୟା ଫଳରେ ସ୍ୱୟଂ ନିରାକାର ପରଂବ୍ରହ୍ମଙ୍କୁ ସ୍ୱାମୀ ରୂପେ ପ୍ରାପ୍ତ ହେଲ । ସର୍ବଦେବଗଣଙ୍କୁ ଦୁଷ୍ପ୍ରାପ୍ୟ ଭଗବାନଙ୍କ ଚରଣ ରଜକୁ ନିଜ ବକ୍ଷରେ ଧାରଣ କଲ । ନାରଦ ପ୍ରଥମେ ରୁକ୍ମଣୀ ଦେବୀଙ୍କ ପୁରକୁ ଗମନ କରି ସେ ପୁରର ଇନ୍ଦ୍ରନୀଳମଣି, ପଦ୍ମରାଗମଣି, ବୈଦୁର୍ଯ୍ୟ, ବିଦ୍ରୁମ ଆଦି ରତ୍ନ ଦ୍ୱାରା ନିର୍ମିତ ନାନାବର୍ଣ୍ଣର ଅତିଜ୍ଜ୍ୱଳ ମୁକ୍ତାଦି ଖଚିତ ଚତୁର୍ଦ୍ଦିଗ ଆଲୋକିତ ଜ୍ୟୋତିର୍ମୟ ଶୋଭା ଦେଖିଲେ । ରତ୍ନ ଭୂଷଣ ଓମହାର୍ଘ୍ୟ ବସନ ପରିହିତା ଦାସୀମନେ ସହସ୍ର ସଂଖ୍ୟାରେ ଅନବରତ ଖଟି ଚାଲିଛନ୍ତି । କକ୍ଷଗୁଡିକ ରତ୍ନ ଖଚିତ ଚନ୍ଦ୍ରତାପ ତଳେ ଗଜଦନ୍ତ ନିର୍ମିତ ପଲଙ୍କ ଓ ଆସନ ଦ୍ୱାରା ସୁସଜ୍ଜିତ ହୋଇ ରହିଛି । ଭଗବାନ ଶ୍ରୀକୃଷ୍ଣ ନାରଦଙ୍କୁ ଦେଖି ସ୍ମିତ ବସନରେ ଆସନ ତ୍ୟାଗକରି ପରମ ଶ୍ରଦ୍ଧାରେ ତାଙ୍କର ହସ୍ତ ଧରିନେଇ ଉତ୍ତମ ଆସରେ ବସାଇ ଚରଣ ବନ୍ଦନା କରି କୁଶଳ ଜିଜ୍ଞାସା କଲେ । ମୁନି ଆନନ୍ଦରେ ଅଭିଭୂତ ହୋଇ କର ଯୋଡି କହିଲେ. ହେ ପ୍ରଭୁ,ତୁମର ଗୁଣ ମହିମା ବର୍ଣ୍ଣନା କରିବାକୁ କାହାରି ସାମର୍ଥ୍ୟ ନାହିଁ କିନ୍ତୁ ମୋତେ ଏତିକି କରୁଣା କରନ୍ତୁ ସେହି ଅପୂର୍ବ ଗୁଣାବଳୀକୁ ଗାୟନ କରି କରି ମୁଁ ସର୍ବଦା ଅଖିଳ ବ୍ରହ୍ମାଣ୍ଡରେ ଘୁରି ବୁଲୁଥାଏ । ମୋର ଆସିବାର ଉଦ୍ଦେଶ୍ୟ ତୁମର ପାଦପଦ୍ମ ଦର୍ଶନ ସହ ଏହି ସାଂସାରିକ ଲୀଳାର ଦର୍ଶନ । ଏହି ଦାସାନୁଦାସର ଅନ୍ତର କଥା କଣ ତୁମକୁ ଅଜଣା ଏବେ ମେଲାଣି ଦିଅ କହି ଶ୍ରୀକୃଷ୍ଣଙ୍କ ପଦରେ ପ୍ରଣତି ଜଣାଇ ସତ୍ୟଭାମାପୁରକୁ ଗମନ କଲେ । ସେଠାରେ ପ୍ରଭୁ ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହିତ ପଶାଖେଳରେ ବିଭୋର ଥିଲେ । ନାରଦଙ୍କୁ ଦେଖିବା ମାତ୍ରେ ଉଭୟେ ଉଠିଆସି ନାରଦଙ୍କ ସ୍ୱାଗତ ଜଣାଇ ଆତିଥ୍ୟତ ପ୍ରଦାନ କଲେ । ପରେ ନାରଦ ଶ୍ରୀକୃଷ୍ଣଙ୍କୁ ପ୍ରଣତି ଜଣାଇ ଅନ୍ୟପୁରକୁ ଗମନ କରି ଦେଖିଲେ ଶ୍ରୀକୃଷ୍ଣ କୋଳରେ ବାଳକ ଧରି ଖେଳାଉଛନ୍ତି । ମୁନିକୁ ଦେଖି ପୂର୍ବବତ ସତ୍କାର କଲେ । ନାରଦ ଅନ୍ୟ ଏକ ପୁରକୁ ଗମନ କରି ଦେଖିଲେ ଶ୍ରୀକୃଷ୍ଣ ସ୍ନାନାର୍ଥେ ଗମନ କରୁଛନ୍ତି । ଅନ୍ୟ ଏକ ପୁରରେ ଶ୍ରୀକୃଷ୍ଣ ପୁରୋହିତଙ୍କ ସଙ୍ଗେ ମିଶି ଯଜ୍ଞକୁଣ୍ଡରେ ଆହୂତି ପ୍ରଦାନ କରୁଛନ୍ତ ,ସେଠାରୁ ଅନ୍ୟପୁରକୁ ଯାଇ ଦେଖିଲେ ବିପ୍ରାମନଙ୍କୁ ମିଷ୍ଟାନ୍ନ ଭୋଜନ କରାଉଛନ୍ତି । ପରେ ଅନ୍ୟପୁରରେ ଦେଖିଲେ ପ୍ରଭୁ ଗାୟତ୍ରୀ ମନ୍ତ୍ର ଜପକରି ସଂନ୍ଧ୍ୟା ଉପାସନା କରୁଛନ୍ତି ପୁଣି ଅନ୍ୟପୁରରେ ମନ୍ତ୍ରୀମାନଙ୍କ ସହ ଗୋପନ ମନ୍ତ୍ରଣା କରୁଛନ୍ତି । ଅନ୍ୟପୁରରେ ଦେଖିଲେ ପ୍ରଭୁ ଅସ୍ତ୍ରଶସ୍ତ୍ର ଚାଳନା ମନ୍ତ୍ରଣା କରୁଛନ୍ତି । ଏହିଭଳି ଭିନ୍ନ ଭିନ୍ନ ପୁରରେ ଭିନ୍ନ ବେଶ ଓ ଭିନ୍ନ କାର୍ଯ୍ୟ ଦେଖିଚାଲିଲେ । ଏକ ପୁରରେ ଦେଖିଲେ ଶ୍ରୀକୃଷ୍ଣ ରତ୍ନ ଖଚିତ ସୁନ୍ଦର ଚନ୍ଦ୍ରାତପର ତଳେ ଗଜଦନ୍ତର ପଲଙ୍କରେ ଶୟନ କରିଛନ୍ତି ଏବଂ ପରିଚାରିକାଙ୍କ ସହ ପତ୍ନୀ ସେବାରେ ନିୟୋଜିତ ଅଛନ୍ତି । ପୁଣି ଏକ ପୁରରେ ଉଦ୍ଧବଙ୍କ ସହ ମିଷ୍ଟାଳାପ କରୁଛନ୍ତି । କେଉଁଠି ସ୍ତ୍ରୀମାନଙ୍କ ସହ ଜଳକ୍ରୀଡା, କେଉଁଠାରେ କନ୍ୟାକୁ ଦିବ୍ୟ ଭୂଷଣରେ ସଜ୍ଜିତ କରି ଉପହାର ଦେଇ ଶ୍ୱଶୁର ଗୃହକୁ ପ୍ରେରଣ କରୁଛନ୍ତି । କେଉଁଠାରେ ମୃଗୟା ନିମନ୍ତେ ଯାଉଛନ୍ତି । ଏହିପରି ନାରଦ ମହର୍ଷି ଶ୍ରୀକୃଷ୍ଣଙ୍କର ପ୍ରତ୍ୟେକ ପତ୍ନୀଙ୍କ ପୁରରେ ପ୍ରବେଶ କରି ଭିନ୍ନ ଭିନ୍ନ ବେଶ ପୋଷାକ ଓ ବିଭିନ୍ନ କାର୍ଯ୍ୟର ଦର୍ଶନ କରି ଆଶ୍ଚର୍ଯ୍ୟ ହୋଇ କୃତକୃତ୍ୟ ହେଲେ । ଶେଷରେ ଶ୍ରୀକୃଷ୍ଣଙ୍କ ଚରଣରେ ପ୍ରଣିପାତ କରି କହିଲେ, ହେ ପ୍ରଭୁ ଏ ଦାସ ପ୍ରତି ଅପାର କରୁଣା, ଦେବଦାନବାଦିଙ୍କୁ ଅଗୋଚର ଅପୂର୍ବ ମାୟାଶକ୍ତିକୁ ଦର୍ଶନ କରାଇ ମୋତେ କୃତାର୍ଥ କଲ । ତୁମେ ହିଁ ଏକ ଅଦ୍ୱିତୀୟ, ସୃଷ୍ଟି, ସ୍ଥିତି ସଂହାର କର୍ତ୍ତା, ସର୍ବନିୟନ୍ତା, ସର୍ବଘଟାଶ୍ରୟୀ, କର୍ତ୍ତା ଓ ଅକର୍ତ୍ତା, ଭୋଗ୍ୟ ଓ ଭୋକ୍ତା । ଏକ ଶରୀରରେ ଏକ ସମୟରେ ସର୍ବକାମନୀ ପୁରରେ ତୁମକୁ ବିଭିନ୍ନ ଭାବେ ଦର୍ଶନ କରି ମୁଁ ଧନ୍ୟହେଲି । ତୁମକୁ କୋଟି ନମସ୍କାର ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

# ସମସ୍ତଙ୍କ ପ୍ରତି ସକାରାତ୍ମକ ଭାବନା



ଶ୍ୱେତା ରାଉତ୍

ଆମେ ସମସ୍ତେ ଏବେ ସବୁବେଳ କହି ଚାଲିଛେ, ଦୁନିଆ ବହୁତ ଖରାପ ହୋଇଗଲାଣି, ଲୋକମାନେ ଖରାପ ହୋଇଗଲେଣି, ସମୟ ଖରାପ, ପରିସ୍ଥିତି ଖରାପ, ଭାଗ୍ୟ ଖରାପ ଇତ୍ୟାଦି ଇତ୍ୟାଦି....। ସବୁବେଳେ ଖରାପ ଖରାପ କହି ଆମ ବିଚାର ଏତେ ଖରାପ ହୋଇ ଯାଉଛି ଯେ ତାର ପ୍ରଭାବ ପ୍ରକୃତିକୁ ଖରାପ କରୁଛି। ଆମେ ଯାହା ବୁଣିବା ତାହା କାଟିବା। ଠିକ୍ ସେମିତି ସର୍ବଦା ନକାରାତ୍ମକ କଥା, ନକାରାତ୍ମକ ବିଚାର ଆମ ମାନସିକତାରେ ନକାରାତ୍ମକ ପ୍ରଭାବ ପକାଇବା ଆରମ୍ଭ କରିବ। ଆମକୁ ସବୁ ଖରାପ ହିଁ ଲାଗିବ। ଯଦି କେହି ସକାରାତ୍ମକ କଥାଟିଏ କହେ, କିମ୍ବା ଲେଖେ ତାହା ବି ଆମେ ସମାଲୋଚନା କରି କହୁ ଖାଲି କହିଲେ କଣ ହେବ, ଆଜିକା ଦୁନିଆରେ ଏହା କଣ ସମ୍ଭବ ?

କିଛି ସମ୍ଭବ ହେବା ପୂର୍ବରୁ ଆମେ ନେଗେଟିଭ ବା ନକାରାତ୍ମକ କଥା କହି ଭଲ କଥାର ଗୁରୁତ୍ୱକୁ ଖରାପ କରି ଦେଉଛେ। କାହିଁକି ସମ୍ଭବ ନୁହେଁ ! ଭକ୍ତି କାର୍ପଣ୍ୟ ସେବା ବଳେ, କିବା ଅସାଧ ମହିତଳେ ! !

ହାତର ପାଞ୍ଚ ଆଙ୍ଗୁଳି ସମାନ ନୁହେଁ, ସେମିତି ପ୍ରତ୍ୟେକ ମଣିଷ କିମ୍ବା ମଣିଷର ବିଚାର ମଧ ସମାନ ନୁହେଁ। ସମସ୍ତଙ୍କୁ ଖରାପ ବିବେଚନା କରିବା ଆମର ମୂର୍ଖାମି। ଦୁନିଆରେ କିଛି ଖରାପ ଲୋକ ସମାଜକୁ କଳୁଷିତ କଲାବେଳେ କିଛି ଭଲ ଲୋକ ସମାଜରେ ସୁଧାର ଆଣିବାରେ ପ୍ରୟାସ ରଖିଥାନ୍ତି। ପ୍ରକୃତିର ସନ୍ତୁଳନ ବଜାୟ ରଖିବାକୁ ଈଶ୍ୱର ଅଛନ୍ତି ଓ ସେ ତାଙ୍କ ଲୀଳା ରଚୁଥାନ୍ତି। ଯାହା ଆମ ଦ୍ୱାରା ସମ୍ଭବ ହୋଇପାରେ ନାହିଁ, ଆମେ ଭାବିବା ଉଚିତ୍ ନୁହେଁ ଯେ ଆଉ କାହା ଦ୍ୱାରା ସମ୍ଭବ ହେବନାହିଁ। ଆମଠୁ ଜନ୍ମ ନେଇ ଆମ ପିଲାମାନେ ବି ଶିକ୍ଷା, ଜ୍ଞାନ, ଅଭିଜ୍ଞତା, ଧର୍ଯ୍ୟ, ସହନଶୀଳତା ଆଦି ସବୁଥିରେ ଆମଠୁ ଖୁବ୍ ଆଗରେ ଥାଆନ୍ତି।

ଯଦି କେହି କିଛି ଭଲ ବାର୍ତ୍ତା ସମାଜକୁ ଦେଉଛି, କିମ୍ବା ଭଲ କାମ କରୁଛି ଆମ ସମସ୍ତଙ୍କ ଦାଇତ୍ୱ ସମାଜର ପରିବର୍ତ୍ତନ ପାଇଁ ସହଯୋଗ କରିବା। ହୋଇପାରିବନି, ଅସମ୍ଭବ, ବେକାର, କିଏ ମାନିବ, କିଏ ବଦଳିବ, ଲୋକ ଦେଖଣା ଆଦି ଆକ୍ଷେପ କରି କାହାର ମନୋବଳ ଭାଙ୍ଗିବାରେ ଆମର କୌଣସି ଅଧିକାର ନାହିଁ। ଯାହା ନିଜ ଦ୍ୱାରା ସମ୍ଭବ ହୋଇନଥାଏ, ଅନ୍ୟମାନଙ୍କ ଦ୍ୱାରା ସମ୍ଭବ ହୋଇପାରିଲେ ବେଳେବେଳେ ଅନେକ ଲୋକଙ୍କୁ ଈର୍ଷା ଆସେ। ତେଣୁ ସେ ଖରାପ କହିବା ଆରମ୍ଭ କରନ୍ତି। ଅନ୍ୟକୁ ନିଚା ଦେଖାଇବା, ଖରାପ କହିବା, ସମାଲୋଚନା କରିବା,ନିନ୍ଦା କରିବା ବେଳେ ପ୍ରଥମେ ସେଇ ବ୍ୟକ୍ତିର ଅପବ୍ୟବହାର, ଈର୍ଷା ଓ ଅସହିଷ୍ଣୁ ଭାବ ଧରା ପଡ଼ିଥାଏ। ସେଭଳି ବ୍ୟକ୍ତି କାହାର ବି ଭଲ ବା ଉନ୍ନତି ବରଦାସ୍ତ କରିପାରନ୍ତି ନାହିଁ, ତେଣୁ ଅନ୍ୟର ଅପନିନ୍ଦା କରି ନିଜକୁ ଶ୍ରେଷ୍ଠ ବିବେଚନା କରି ଖୁସି ହୁଅନ୍ତି। ବାସ୍ତବିକ ଜ୍ଞାନୀ ସିଏ, ଯିଏ ପ୍ରତ୍ୟେକ ବ୍ୟକ୍ତିର କର୍ମକୁ ଈଶ୍ୱରଙ୍କ ଦ୍ୱାରା କୃତ କର୍ମ ବୋଲି ଭାବି ସହଯୋଗ କରନ୍ତି ଓ ଅନ୍ୟର ଖୁସି ଦେଖି ନିଜେ ଆନନ୍ଦିତ ହୁଅନ୍ତି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଭାରତର ଅଭ୍ୟାସ ଯାହାକୁ ଜାପାନବାସୀ କରନ୍ତି ପସନ୍ଦ : ଜୀବନକୁ ସରସ, ସୁନ୍ଦର କରେ ଏସବୁ ନିତିଦିନିଆ ଅଭ୍ୟାସ

ସାରା ଦୁନିଆରେ ଭାରତୀୟ ସଂସ୍କୃତି ଏବଂ ସଭ୍ୟତାକୁ ସମ୍ମାନ କରାଯାଏ । ଭାରତର ସରଳତା ଏବଂ ପୋଷାକ ସହିତ ଖାଦ୍ୟକୁ ମଧ ବହୁତ ପସନ୍ଦ କରନ୍ତି ବିଦେଶୀ । ବଡ଼ମାନଙ୍କୁ ଆଦର ସତ୍କାର କରିବା ଏବଂ ଏହାସହ ଯୋଗ ମଧ ସାରା ବିଶ୍ୱରେ ପ୍ରସିଦ୍ଧ । ଏହି ଅଭ୍ୟାସ ସହ କେବଳ ଭାବେନା ଜଡ଼ିତ ନୁହେଁ ବରଂ ଏଗୁଡ଼ିକ ଆମର ସଠିକ୍ ଜୀବନଶୈଳୀ ଏବଂ ଅନୁଶାସନ ପାଇଁ ମଧ ଜରୁରୀ ବୋଲି ମନେ କରାଯାଏ । ଯାହାକୁ ଆଜି ସମଗ୍ର ବିଶ୍ୱ ଆପଣାଉଛି । ଏପରି ସ୍ଥଳେ ଭାରତୀୟମାନଙ୍କର କିଛି ଅନ୍ୟ ଅଭ୍ୟାସ ମଧ ଅଛି ଯାହାକୁ ଜାପାନରେ ମଧ ଆପଣାଯାଏ । ଭାରତ ଏବଂ ଜାପାନ ଉଭୟ ଦେଶର ପରମ୍ପରା ଏବଂ ଅନୁଶାସନ ଗଭୀର ଭାବରେ ଜଡ଼ିତ । ଭାରତୀୟମାନଙ୍କର କିଛି ଏପରି ଅଭ୍ୟାସ ଯାହାକୁ ଜାପାନର ଲୋକମାନେ ମଧ ଆପଣାଇଥା'ନ୍ତି । ଆସନ୍ତୁ ଜାଣିବା ଏପରି କିଛି ଅଭ୍ୟାସ ବିଷୟରେ ଯାହା ଉଭୟ ଦେଶରେ ହିଁ ବହୁତ ସାଧାରଣ ।

## ଚଟାଣରେ ବସି ଖାଇବା

ତଳେ ବସି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ଆମେ ପିଲାବେଳୁ ଜାଣୁ । ଏହାଦ୍ୱାରା ଖାଦ୍ୟ ଶୀଘ୍ର ହଜମ କରିବାରେ ସାହାଯ୍ୟ ମିଳିଥାଏ । ଜାପାନରେ ମଧ ତଳେ ବସି ଖାଦ୍ୟ ଖାଇବାର ପରମ୍ପରା ରହିଛି । ଏକ ଛୋଟ ଟେବୁଲ୍ ଉପରେ ଖାଦ୍ୟ ରଖି ସାମ୍ନାରେ ଆସନ ବିଛାଇ ଲୋକମାନେ ଖାଦ୍ୟ ଖାଇବାର ମଜା ଉଠାଇଥା'ନ୍ତି । ଏହି ଅଭ୍ୟାସ ଭାରତୀୟ ଶୈଳୀ ସହ ମେଳ ଖାଏ ।

## ସମ୍ମାନ ଏବଂ ନମ୍ରତାର ସହିତ ବ୍ୟବହାର

ଭାରତରେ ବଡ଼ମାନଙ୍କୁ ପ୍ରଣାମ କରିବା, ତାଙ୍କର ପାଦ ଛୁଇଁବା ଏବଂ ଆଦର ସହିତ କଥା ହେବାର ପରମ୍ପରା ରହିଛି । ଯାହା ଜାପାନ ସଂସ୍କୃତିରେ ମଧ ଦେଖିବାକୁ ମିଳେ । ସେଠାରେ ମୁଣ୍ଡ ନୁଆଁଇ ଗ୍ରେଟିଚ୍ୟୁଡ୍ ଅର୍ପଣ କରାଯାଏ । ଏହା ବିନମ୍ର ସ୍ୱଭାବ ଏବଂ ଅନ୍ୟମାନଙ୍କ ପ୍ରତି ଆଦରକୁ ଦର୍ଶାଇଥାଏ । ଉଭୟ ଦେଶରେ ହିଁ ଆଦରକୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଗୁଣ ବୋଲି ମନେ କରାଯାଏ ।

## ଯୋଗ ଏବଂ ମେଡିଟେସନର ଟ୍ରେଣ୍ଡ



ଯୋଗ ଏବଂ ଧ୍ୟାନ କରିବା ଜୀବନଶୈଳୀର ମହତ୍ତ୍ୱପୂର୍ଣ୍ଣ ଅଂଶ । ଜାପାନରେ ମେଡିଟେସନକୁ ଜଜେନ୍ କୁହାଯାଏ । ଜାପାନର ଲୋକମାନେ ନିୟମିତ ରୂପରେ ମେଡିଟେସନ ଏବଂ ଯୋଗର ଅଭ୍ୟାସ କରନ୍ତି । ଏହା ମାନସିକ ସ୍ୱାସ୍ଥ୍ୟକୁ ସଠିକ୍ ରଖିବା, କନସେଣ୍ଟ୍ରେସନକୁ ବଢ଼ାଇବା କ୍ଷେତ୍ରରେ ଲାଭଦାୟକ ବୋଲି ମନେ କରାଯାଏ ।

## ଖାଇବା ପୂର୍ବର ଅଭ୍ୟାସ



ଖାଇବା ପୂର୍ବରୁ ଭାରତରେ ପ୍ରାର୍ଥନା ଏବଂ ପରେ ଧନ୍ୟବାଦ ଦିଆଯାଏ, ସେହିପରି ଜାପାନରେ ମଧ ଖାଦ୍ୟ ଆରମ୍ଭ କରିବା ପୂର୍ବରୁ 'ଇତାଦାକିମାସୁ' ଏବଂ ଖାଇବା ପରେ 'ଗୋଚିସୋସାମା ଦେଶିତା' କୁହାଯାଏ । ଏହା ଖାଦ୍ୟ ପ୍ରତି ଗ୍ରାଟିଚ୍ୟୁଡ୍ ଏବଂ ଧନ୍ୟବାଦ ଦେଖାଇବା ପାଇଁ କରାଯାଏ ।

## ସରଳ ଜୀବନ

ଜାପାନୀମାନଙ୍କର ଲାଇଫଷ୍ଟାଇଲ ଏବଂ ଖାଦ୍ୟ ମଧ ସରଳ ହୋଇଥାଏ । ସକାଳୁ ଶୀଘ୍ର ଉଠିବା, ପ୍ରକୃତିକୁ ଆଦର କରିବା, ଜୋତା-ଚପଲ ବାହାରେ କାଢ଼ି ଖାଲି ପାଦରେ ଘରେ ଯିବା ଏଭଳି ଅନେକ ଅଭ୍ୟାସ ଜାପାନୀ ଲୋକଙ୍କ ସରଳ ଜୀବନକୁ ବୁଝାଏ । କିନ୍ତୁ ଆଜିକାଲି ବ୍ୟସ୍ତବହୁଳ ସମୟ ଏବଂ ଅନେକ କାରଣରୁ ଉଭୟ ଦେଶରେ କିଛି ଲୋକଙ୍କର ଲାଇଫଷ୍ଟାଇଲରେ ପରିବର୍ତ୍ତନ ଦେଖିବାକୁ ମିଳେ ।





# ସତର୍କ କମ୍ପାନୀ ଓ ଆଶଙ୍କିତ ପ୍ରାର୍ଥୀ: H-1B ଭିସା ପାଇଁ ବଢ଼ୁଛି ପ୍ରତିବନ୍ଧକ

ପ୍ରତିବର୍ଷ ଫେବୃଆରୀ ମାସର ଶେଷ ଭାଗ ଏବଂ ମାର୍ଚ୍ଚ ମାସର ଆରମ୍ଭ ସମୟଟି ବିଶ୍ୱର ଲକ୍ଷ ଲକ୍ଷ ଆଇଟି ପେଶାଦାର, ବିଶେଷକରି ଭାରତୀୟ ଯୁବବର୍ଗଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ସମୟରେ ଆମେରିକାର ବହୁ ପ୍ରତୀକ୍ଷିତ **H-1B** ଭିସା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବାର ପ୍ରସ୍ତୁତି ଚାଲିଥାଏ । ଦୀର୍ଘ ଦଶନ୍ଧି ଧରି, ଏହି ଭିସା କେବଳ ଏକ କର୍ମନିଯୁକ୍ତିର ମାଧ୍ୟମ ନୁହେଁ, ବରଂ 'ଆମେରିକୀୟ ସ୍ୱପ୍ନ'କୁ ସାକାର କରିବାର ଏକ ସୁବର୍ଣ୍ଣ ପ୍ରବେଶ ପଥ ଭାବରେ ବିବେଚିତ ହୋଇଆସୁଛି । କିନ୍ତୁ ୨୦୨୬ ମସିହାର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଚଳିତ ବର୍ଷ ଆମେରିକାର **H-1B** ଭିସା ପଞ୍ଜୀକରଣ ପ୍ରକ୍ରିୟା ଏକ ଗଭୀର ଅନିଶ୍ଚିତତା ଏବଂ ଭୟର ବାତାବରଣ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି । ଗତ ସେପ୍ଟେମ୍ବର ୨୦୨୫ ଠାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଘୋଷଣା କରାଯାଇଥିବା ଏକାଧିକ କଠୋର ନୀତି ଏବଂ ନିୟମାବଳୀ ଯୋଗୁଁ ଆମେରିକୀୟ କମ୍ପାନୀ ଏବଂ ଆଶାୟୀ ପ୍ରାର୍ଥୀମାନେ ଏକ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ବିଶେଷଜ୍ଞମାନଙ୍କ ମତରେ, ଏଥରର ପରିସ୍ଥିତି ଅତୀତର ସମସ୍ତ କଠିନ ସମୟକୁ ପଛରେ ପକାଇ ଦେଇଛି, ଯାହା ଭବିଷ୍ୟତର ବୈଶ୍ୱିକ ନିଯୁକ୍ତି ବଜାର ଉପରେ ଏକ ଦୂରଗାମୀ ପ୍ରଭାବ ପକାଇବ ।

ଏହି ଅନିଶ୍ଚିତତାର ମୁଖ୍ୟ କାରଣ ହେଉଛି ନୂତନ ଭାବେ ଲାଗୁ ହୋଇଥିବା ଅତ୍ୟଧିକ ବ୍ୟୟବହୁଳ ଫି' ଏବଂ ଚୟନ ପ୍ରକ୍ରିୟାରେ ପରିବର୍ତ୍ତନ । ବିଶିଷ୍ଟ ଆପ୍ରବାସୀ ଆଇନଜୀବୀମାନଙ୍କ ମତରେ, କମ୍ପାନୀଗୁଡ଼ିକ ବର୍ତ୍ତମାନ 'ଅପେକ୍ଷା କର ଏବଂ ଦେଖ' (**Wait and Watch**) ନୀତି ଆପଣାଉଛନ୍ତି । ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ନୂତନ ଭାବେ ଲାଗୁ ହୋଇଥିବା ୧୦୦,୦୦୦ ଡଲାରର (ପ୍ରାୟ ୮୩ ଲକ୍ଷ ଟଙ୍କା) ବିପୁଳ ଫି', ଯାହା ଏକ ନିର୍ବାହୀ ଆଦେଶ (**Executive Order**) ବଳରେ ଲାଗୁ କରାଯାଇଛି । ଯଦିଓ ଏହି ଆଦେଶର ବୈଧତା ବର୍ତ୍ତମାନ ପାଇଁ ଏକ ବର୍ଷ ରହିଛି, କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଯେକୌଣସି ମୁହୂର୍ତ୍ତରେ ନବୀକରଣ କରିପାରନ୍ତି । ଏହି କାରଣରୁ କମ୍ପାନୀଗୁଡ଼ିକ ବିଦେଶରୁ ନୂତନ କର୍ମଚାରୀ ଆଣିବା ପୂର୍ବରୁ ଶହେ ଥର ଚିନ୍ତା କରୁଛନ୍ତି । ଏହା କେବଳ ଏକ ଆର୍ଥିକ ବୋଝ ନୁହେଁ, ବରଂ ଏହା ଆମେରିକୀୟ କମ୍ପାନୀଗୁଡ଼ିକୁ ବିଦେଶୀ ନିଯୁକ୍ତିରୁ ନିବୃତ୍ତ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ବୋଲି ମନେହୁଏ । ଏହି ପରିସ୍ଥିତିରେ କମ୍ପାନୀଗୁଡ଼ିକ ଲାଭ-କ୍ଷତିର ହିସାବ (**Cost-benefit analysis**) କରିବାରେ ବ୍ୟସ୍ତ ଅଛନ୍ତି ଏବଂ ଅତୀତ ଭଳି ଆଗୁଆ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ।

କେବଳ ଆର୍ଥିକ ପ୍ରତିବନ୍ଧକ ନୁହେଁ, ବରଂ ପ୍ରାର୍ଥୀ ଚୟନ ଏବଂ ଯାଞ୍ଚ ପ୍ରକ୍ରିୟାକୁ ମଧ୍ୟ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି । 'ପବ୍ଲିକ୍ ଚାର୍ଜ' (**Public Charge**) ବା ସରକାରୀ ବୋଝ ସମ୍ବନ୍ଧୀୟ ନିୟମ ଏବେ ଆଶାୟୀଙ୍କ ପାଇଁ ଏକ ନୂତନ ଆତଙ୍କ ସାଜିଛି । ଭିସା ଅଧିକାରୀମାନଙ୍କୁ ଏତେ ମାତ୍ରାରେ କ୍ଷମତା ଦିଆଯାଇଛି ଯେ, ସେମାନେ ଜଣେ ପ୍ରାର୍ଥୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଆଧାର କରି ମଧ୍ୟ ଭିସା ନାକଚ କରିପାରନ୍ତି । ଉଦାହରଣ ସ୍ୱରୂପ, ଯଦି ଜଣେ ପ୍ରାର୍ଥୀଙ୍କର ଶ୍ୱାସ ରୋଗ (**Asthma**) କିମ୍ବା ମେଦବହୁଳତା (**Obesity**) ଭଳି ସମସ୍ୟା ଥାଏ, ତେବେ ଭିସା ଅଧିକାରୀ ଏହା ଦର୍ଶାଇ ଭିସା ମନା କରିପାରନ୍ତି ଯେ ଉକ୍ତ ବ୍ୟକ୍ତି ଭବିଷ୍ୟତରେ ଆମେରିକାର ସ୍ୱାସ୍ଥ୍ୟସେବା ଉପରେ ବୋଝ ହୋଇପାରନ୍ତି । ଏହା ବ୍ୟତୀତ ସୋସିଆଲ ମିଡିଆ ଯାଞ୍ଚ ଏବଂ ବିବେକାଧୀନ ନାକଚ (**Discretionary denials**) ର ମାତ୍ରା ବୃଦ୍ଧି ପାଇଛି । ଏହି ସବୁ କାରଣରୁ ଭିସା ମଞ୍ଜୁରୀ ହାର କମିବା ସହିତ ଅନେକ ଆବେଦନକୁ ଅଧିକ ଯାଞ୍ଚ ପାଇଁ ଅଟକାଇ ରଖାଯାଉଛି । ଏହା ମାନବାଧିକାର ଦୃଷ୍ଟିକୋଣରୁ ବିଚାର କଲେ ଅତ୍ୟନ୍ତ ଚିନ୍ତାଜନକ ବିଷୟ, କାରଣ ଯୋଗ୍ୟତା ବଦଳରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ସାମାଜିକ ପ୍ରୋଫାଇଲ୍ ଏବେ ଚାକିରି ପାଇବାର ମାପକାଠି ପାଲଟିଛି ।

ଏହି ଜଟିଳ ପରିସ୍ଥିତିରୁ ବର୍ତ୍ତିବା ପାଇଁ କମ୍ପାନୀଗୁଡ଼ିକ ବିଭିନ୍ନ ବିକଳ୍ପ ପନ୍ଥା ଅନ୍ୱେଷଣ କରୁଛନ୍ତି, କିନ୍ତୁ ସେଥିରେ ମଧ୍ୟ ବିପଦ ରହିଛି । ୧୦୦,୦୦୦ ଡଲାରର ଫି'ରୁ ବଞ୍ଚିବା ପାଇଁ କମ୍ପାନୀଗୁଡ଼ିକ ଆମେରିକା ଭିତରେ ଥିବା ବିଦେଶୀ ଛାତ୍ରଛାତ୍ରୀ (**F-1** ଭିସା ଧାରୀ) କିମ୍ବା ଅନ୍ୟ କମ୍ପାନୀରେ କାମ କରୁଥିବା କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଚେଷ୍ଟା କରୁଛନ୍ତି । କାରଣ 'ଷ୍ଟାଟସ୍ ପରିବର୍ତ୍ତନ' (**Change of Status**) କ୍ଷେତ୍ରରେ ଏହି ବର୍ଦ୍ଧିତ ଫି' ଲାଗୁ ହୁଏ ନାହିଁ । କିନ୍ତୁ ଏଠାରେ ମଧ୍ୟ ଏକ ବଡ଼ ସମସ୍ୟା ରହିଛି । ଯଦି କୌଣସି ପ୍ରାର୍ଥୀଙ୍କ ଅତୀତରେ ମଦ୍ୟପାନ କରି ଗାଡ଼ି ଚଳାଇବା (**DUI**) କିମ୍ବା ଅନ୍ୟ କୌଣସି ଅପରାଧିକ ରେକର୍ଡ ଥାଏ, ତେବେ ତାଙ୍କୁ ଭିସା ଷ୍ଟାମ୍ପିଂ ପାଇଁ ନିଜ ଦେଶକୁ ଫେରିବାକୁ ପଡ଼ିପାରେ (**Consular Processing**), ଯାହା ପୁନର୍ବାର ସେହି ୧୦୦,୦୦୦ ଡଲାର ଫି' ଦେବାକୁ ବାଧ୍ୟ କରିବ । ତେଣୁ କମ୍ପାନୀଗୁଡ଼ିକ ଏବେ କର୍ମଚାରୀ ଚୟନ ବେଳେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଛନ୍ତି । ଅନ୍ୟପକ୍ଷରେ, ନୂତନ 'ବେତନ ଭିତ୍ତିକ ଚୟନ ପ୍ରକ୍ରିୟା' (**Wage-based selection**) ଯୋଗୁଁ ନୂତନ ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନେ ଲଟେରୀରେ ଚୟନ ହେବାର ସମ୍ଭାବନା କମିଯାଇଛି, କାରଣ ସେମାନଙ୍କ ଦରମା ସାଧାରଣତଃ କମ୍ ଥାଏ । ଏହା ଫଳରେ ଆମେରିକାରେ ପାଠ ପଢୁଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭିସା ନିୟମର ଅପବ୍ୟବହାର ଏବଂ ମିଥ୍ୟା ତଥ୍ୟର ପ୍ରସାର । **H-1B** ଭିସା ପାଇବା କଷ୍ଟକର ହେଉଥିବାରୁ ଅନେକ କମ୍ପାନୀ **O-1** (ଅସାଧାରଣ ଦକ୍ଷତା) କିମ୍ବା **L-1** (ଆନ୍ତଃ-କମ୍ପାନୀ ବଦଳି) ଭିସା ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଏହା 'ଗୋଲାକାର କଣାରେ ଚାରିକୋଣିଆ କଣ୍ଟା ପୂରାଇବା' (**fitting a square peg into a round hole**) ଭଳି ହେବ । ଯଦି ଏହି ଭିସାଗୁଡ଼ିକର ଅପବ୍ୟବହାର ବଢ଼େ, ତେବେ ଟ୍ରମ୍ପ ପ୍ରଶାସନ ଏହା ଉପରେ ମଧ୍ୟ କଟକଣା ଲଗାଇପାରନ୍ତି । ଏହା ସହିତ ସୋସିଆଲ ମିଡିଆରେ କିଛି ଇନଫ୍ଲୁଏନ୍ସର ଭୁଲ୍ ତଥ୍ୟ ପ୍ରଚାର କରୁଛନ୍ତି ଯେ **EB-1** ବା 'ଆଇନଷ୍ଟାଇନ୍ ଭିସା' ପାଇବା ଅତି ସହଜ । ଏଭଳି ମିଥ୍ୟା ପ୍ରତିଶ୍ରୁତିରେ ପଡ଼ି ଅନେକ ପ୍ରାର୍ଥୀ ନିଜର ପ୍ରୋଫାଇଲକୁ ବଢ଼ାଇ ଚଢ଼ାଇ ଉପସ୍ଥାପନ କରୁଛନ୍ତି, ଯାହା ଭବିଷ୍ୟତରେ ଜାଲିଆତି ଅଭିଯୋଗରେ ସେମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ । ପ୍ରକୃତ ଆଇନଗତ ପରାମର୍ଶ ବଦଳରେ ସୋସିଆଲ ମିଡିଆର ଚାକଚକ୍ୟରେ ଭାସିଯିବା ବର୍ତ୍ତମାନର ଯୁବପିଢ଼ି ପାଇଁ ଏକ ବଡ଼ ଦୁର୍ବଳତା ପାଲଟିଛି ।

ଏତେ ସବୁ ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟମାନଙ୍କ ମଧ୍ୟରେ ଆମେରିକା ଯିବାର ମୋହ କମିନାହିଁ । **H-1B** ଆବେଦନକାରୀଙ୍କ ମଧ୍ୟରୁ ପ୍ରାୟ ତିନି-ଚତୁର୍ଥାଂଶ ହେଉଛନ୍ତି ଭାରତୀୟ । ଏହାର ମୂଳ କାରଣ ହେଉଛି ଭାରତର ବିଶାଳ ଜନସଂଖ୍ୟା ଏବଂ ନିଯୁକ୍ତି ସୁଯୋଗର ଅଭାବ । ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୋଗ୍ୟ ଇଞ୍ଜିନିୟର ଏବଂ ପେଶାଦାର ବାହାରୁଛନ୍ତି, କିନ୍ତୁ ଦେଶର ଘରୋଇ ବଜାର ସେମାନଙ୍କ ଦକ୍ଷତା ଅନୁଯାୟୀ ସମସ୍ତଙ୍କୁ ନିଯୁକ୍ତି ଦେବାକୁ ସକ୍ଷମ ନୁହେଁ । ତେଣୁ ଯେତେ କଠିନ ପରିସ୍ଥିତି ଆସିଲେ ମଧ୍ୟ, 'ଆମେରିକୀୟ ସ୍ୱପ୍ନ'ର ଚମକ ଭାରତୀୟଙ୍କୁ ଆକର୍ଷିତ କରୁଛି । ପରିସଂଖ୍ୟାନ କହୁଛି ଯେ, ଜଣେ ବ୍ୟକ୍ତି ଯଦି ଆମେରିକା ଯିବାକୁ ଚାହୁଁନାହାନ୍ତି, ତେବେ ଅନ୍ୟ ନଅ ଜଣ ଯିବା ପାଇଁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଦାବି କରୁଛି ଯେ, ଆଶାୟୀମାନେ କେବଳ ଭାବପ୍ରବଣ ନ ହୋଇ ବାସ୍ତବବାଦୀ ହୁଅନ୍ତୁ । ଆମେରିକା ବ୍ୟତୀତ ଅନ୍ୟ ବିକଳ୍ପ ଦେଶ କିମ୍ବା ଭାରତରେ ରହି ବିଶ୍ୱସ୍ତରୀୟ କାମ କରିବାର ସୁଯୋଗ ଖୋଜିବା ବୋଧହୁଏ ସମୟର ଆହ୍ୱାନ । ୨୦୨୬ର **H-1B** ଋତୁ ଏକ ସତର୍କ ଘଣ୍ଟି ସଦୃଶ, ଯାହା ଆମକୁ ମନେ ପକାଇ ଦେଉଛି ଯେ ଅନ୍ୟ ଦେଶର ନୀତି ଉପରେ ଅତ୍ୟଧିକ ନିର୍ଭରଶୀଳତା କେବେବି ନିରାପଦ ନୁହେଁ ।

# ସମୟର ସ୍ରୋତରେ ପ୍ରେମର ପରିଭାଷା ଓ ଭାଲେଣ୍ଟାଇନ୍ସ ଡେ



## ଅଖିଳ ତରାଇ

ପ୍ରେମ—ଏକ ଶାଶ୍ୱତ, ଅନନ୍ତ ଓ ଅପାର୍ଥିବ ଅନୁଭୂତି । ଏହା କେବଳ ଏକ ଶବ୍ଦ ନୁହେଁ, ବରଂ ମାନବୀୟ ସଭ୍ୟତାର ସବୁଠାରୁ ଶକ୍ତିଶାଳୀ ଭାବପ୍ରବଣତା । କାବ୍ୟ, କବିତା, ସାହିତ୍ୟ ଓ କଳା ସବୁଠି ପ୍ରେମର ଜୟଗାନ କରାଯାଇଛି । କିନ୍ତୁ ଏକବିଂଶ ଶତାବ୍ଦୀର ଏହି ଜ୍ଞାନକୌଶଳ ଓ ଦ୍ରୁତଗାମୀ ଯୁଗରେ ପ୍ରେମର ସ୍ୱରୂପରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହେଉଛି । ବିଶେଷ କରି ଫେବୃଆରୀ ମାସ ଆସିଲେ 'ଭାଲେଣ୍ଟାଇନ୍ସ ଡେ'କୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଯେଉଁ ଉନ୍ମାଦନା ଦେଖାଦିଏ, ତାହା ଆମକୁ ପ୍ରେମର ପ୍ରକୃତ ସଂଜ୍ଞା ଓ ଆଜିର ବାସ୍ତବତା ଉପରେ ଚିନ୍ତା କରିବାକୁ ବାଧ୍ୟ କରେ ।

ଗୋଟିଏ ସମୟ ଥିଲା ଯେତେବେଳେ ପ୍ରେମ କହିଲେ ତ୍ୟାଗ, ପ୍ରତୀକ୍ଷା ଏବଂ ନିବିଡ଼ ସମର୍ପଣକୁ ବୁଝାଉଥିଲା । ରାଧା-କୃଷ୍ଣଙ୍କ ପ୍ରେମ ହେଉ କିମ୍ବା ରୋମିଓ-ଜୁଲିଏଟ୍, ସବୁଠି ଏକ ପ୍ରକାର ଆଧ୍ୟାତ୍ମିକତା ଥିଲା । କିନ୍ତୁ ଆଜିର ସ୍ମାର୍ଟଫୋନ୍ ଯୁଗରେ ପ୍ରେମ ଏବେ 'ଟିଣ୍ଡର' ବା 'ଇନଷ୍ଟାଗ୍ରାମ' ର ଗୋଟିଏ ସ୍ୱାଇପ୍‌ରେ ସୀମିତ ହୋଇଯାଇଛି । ଆଜିର ଯୁବପିଢ଼ିଙ୍କ ପାଇଁ ଧୈର୍ଯ୍ୟର ସ୍ଥାନ ନାହିଁ । ସେମାନେ ସବୁକିଛି 'ଇନଷ୍ଟାଣ୍ଟ' ବା ତୁରନ୍ତ ଚାହୁଁଛନ୍ତି । ଚିଠିର ସେହି ବାସ୍ନା ଏବଂ ପ୍ରତୀକ୍ଷାର ମିଠା ଅନୁଭୂତିକୁ ଆଜିର 'ଇମୋଜି' ଓ 'ଭଏସ୍ ମେସେଜ୍' ବଦଳାଇ ଦେଇଛି । ସମ୍ପର୍କଗୁଡ଼ିକ ଆଜି ଯେତିକି ଶୀଘ୍ର ଗଢ଼ିଉଠୁଛି, ସେତିକି ଶୀଘ୍ର ଭାଙ୍ଗି ମଧ୍ୟ ଯାଉଛି । ଏହି ସହଜଲଭ୍ୟତା ପ୍ରେମର ଗାମ୍ଭୀର୍ଯ୍ୟକୁ କେଉଁଠି ନା କେଉଁଠି ହ୍ରାସ କରିଛି ।

ଆଜିର ଯୁବପିଢ଼ିଙ୍କ ପ୍ରେମ ଜୀବନରେ ସୋସିଆଲ ମିଡିଆ ଏକ ବିରାଟ ଶକ୍ତି ଭାବେ ଉଭା ହୋଇଛି । ପ୍ରେମ ଆଜି ଅନ୍ତରର ସନ୍ତୋଷ ଅପେକ୍ଷା ବାହ୍ୟ ପ୍ରଦର୍ଶନୀର ବସ୍ତୁ ପାଲଟିଛି । କେଉଁ ସାଥୀ ନିଜ ପ୍ରିୟଜନଙ୍କୁ କେତେ ଦାମୀ ଉପହାର ଦେଲା ବା କେଉଁ ବଡ଼ ହୋଟେଲକୁ ନେଲା, ତାହା ଫେସବୁକ୍ ଓ ଇନଷ୍ଟାଗ୍ରାମରେ 'ଫିଲ୍ଟର' ଦେଇ ପୋଷ୍ଟ କରିବା ପ୍ରମୁଖ ଉଦ୍ଦେଶ୍ୟ ହୋଇଛି । ଏହି ଦେଖାଶିଖା ମାନସିକତା ଯୁବପିଢ଼ିଙ୍କ ମଧ୍ୟରେ ଏକ ପ୍ରକାର 'ଅଦୃଶ୍ୟ ପ୍ରତିଯୋଗିତା' ସୃଷ୍ଟି କରୁଛି । ଯେଉଁମାନେ ଏହା କରିପାରୁ ନାହାନ୍ତି, ସେମାନେ ମାନସିକ ଚାପର ଶିକାର ହେଉଛନ୍ତି । ପ୍ରେମର ନିବିଡ଼ତା ଏବେ ଲାଇକ୍, କମେଣ୍ଟ ଓ ହାର୍ଟ-ଇମୋଜି ସଂଖ୍ୟାରେ ମପାଯାଉଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଫେବୃଆରୀ ୧୪, ଯାହାକୁ 'ଭାଲେଣ୍ଟାଇନ୍ସ ଡେ' ବା ପ୍ରେମୀ ଦିବସ କୁହାଯାଏ, ତାହା ଆଜି ଏକ ବିଶ୍ୱସ୍ତରୀୟ ବ୍ୟବସାୟରେ ପରିଣତ ହୋଇଛି । ବଡ଼ ବଡ଼ କମ୍ପାନୀଗୁଡ଼ିକ ଯୁବପିଢ଼ିଙ୍କ ଭାବନାକୁ ନେଇ କୋଟି କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି । ଗୋଲାପ ଫୁଲର ରଙ୍ଗରୁ ଆରମ୍ଭ କରି ଦାମୀ ପୋଷାକ ଓ ଅଳଙ୍କାର ପର୍ଯ୍ୟନ୍ତ, ସବୁଠି ବ୍ୟବସାୟର ଜାଲ ବିଛାଯାଇଛି । ପ୍ରେମର ଅର୍ଥ କ'ଣ କେବଳ ଉପହାର ଦେବା ? ଯଦି ଜଣେ ଦାମୀ ଉପହାର ଦେଇପାରୁନାହିଁ, ତେବେ କ'ଣ ତାର ପ୍ରେମ ମୂଲ୍ୟହୀନ ? ଏହି ପ୍ରଶ୍ନ ଆଜିର ଯୁବପିଢ଼ିଙ୍କୁ ନିଜକୁ ନିଜେ ପଚାରିବା ଦରକାର । ବଜାରୀକରଣର ଏହି ପ୍ରଭାବରେ ପ୍ରେମର ପବିତ୍ରତା କମିଯାଇ କେବଳ ଉପଭୋକ୍ତାବାଦ ବଢ଼ିଚାଲିଛି ।

ଭାରତୀୟ ସମାଜରେ ପ୍ରେମକୁ ଏକ ସଂଯମତା ଓ ମର୍ଯ୍ୟାଦାର ସହ ଦେଖାଯାଇଥାଏ । ଭାଲେଣ୍ଟାଇନ୍ସ ଡେ'କୁ ନେଇ ଆମ ଦେଶରେ ଦୁଇଟି ଭିନ୍ନ ମତ ଦେଖାଯାଏ । ଏକ ପକ୍ଷରେ ଯୁବପିଢ଼ି ଏହାକୁ ବ୍ୟକ୍ତିଗତ ସ୍ୱାଧୀନତା ଓ ଆଧୁନିକତାର ପ୍ରତୀକ ଭାବେ ଦେଖନ୍ତି । ଅନ୍ୟପକ୍ଷରେ, ପରମ୍ପରାବାଦୀମାନେ ଏହାକୁ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧ ଅନୁକରଣ ଓ ଅପସଂସ୍କୃତି ବୋଲି କହି ବିରୋଧ କରନ୍ତି । ବାସ୍ତବରେ, ପ୍ରେମ କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ ବା ଦିନର ପରିଧି ଭିତରେ ସୀମିତ ନୁହେଁ । କିନ୍ତୁ ଆଧୁନିକତା ନାମରେ ଅଶାଳୀନତା କିମ୍ବା ପରମ୍ପରା ନାମରେ ହିଂସା—ଉଭୟ ସମାଜ ପାଇଁ କ୍ଷତିକାରକ । ଯୁବପିଢ଼ିଙ୍କୁ ବୁଝିବାକୁ ହେବ ଯେ ସଂସ୍କୃତିର ସୁରକ୍ଷା ଓ ପ୍ରେମର ପ୍ରକାଶ ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ରହିବା ଆବଶ୍ୟକ ।

ଆଜିର ସମ୍ପର୍କଗୁଡ଼ିକ ଅଧିକ ଜଟିଳ ହୋଇପଡ଼ିଛି । 'ସିଚୁଏସନସିପ୍' ଏବଂ 'କାଜୁଆଲ ଡେଟିଂ' ଭଳି ଶବ୍ଦଗୁଡ଼ିକ ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ ହେଉଛି । ପ୍ରତିବଦ୍ଧତା ଦେବାକୁ ଆଜିର ଯୁବବର୍ଗ ଡରୁଛନ୍ତି । ଏହାଫଳରେ ମାନସିକ ଅବସାଦ, ଏକାକୀପଣ ଏବଂ ବିଶ୍ୱାସଘାତକତା ଭଳି ସମସ୍ୟା ବଢ଼ୁଛି । ସୋସିଆଲ ମିଡିଆରେ ଅନ୍ୟ କାହାର 'ପରଫେକ୍ଟ' ଫଟୋ ଦେଖି ନିଜ ସାଥୀ ଉପରେ ଅସନ୍ତୁଷ୍ଟ ହେବା ଏକ ସାଧାରଣ ପ୍ରକ୍ରିୟା ହୋଇଗଲାଣି । ପ୍ରେମରେ ସହନଶୀଳତା ଓ କ୍ଷମା କରିବାର ଗୁଣ ଧୀରେ ଧୀରେ ହ୍ରାସ ପାଉଛି, ଯାହା ବିବାହ ବିଚ୍ଛେଦ ଓ ସମ୍ପର୍କ ଭାଙ୍ଗିବାର ମୁଖ୍ୟ କାରଣ ସାଜୁଛି । ଆଜିର ଯୁବପିଢ଼ିଙ୍କୁ ଏହା ବୁଝିବାକୁ ହେବ ଯେ, ପ୍ରେମ କେବଳ ଗୋଟିଏ ଦିନର 'ସେଲିବ୍ରେସନ' ନୁହେଁ । ଏହା ଏକ ଯାତ୍ରା, ଯେଉଁଠି ଦୁଇଟି ଆତ୍ମା ପରସ୍ପରର ଦୁଃଖସୁଖକୁ ବାଣ୍ଟିନିଅନ୍ତି । ଭାଲେଣ୍ଟାଇନ୍ସ ଡେ' ପାଳନ କରିବାରେ କୌଣସି ଅସୁବିଧା ନାହିଁ, କିନ୍ତୁ ଏହା ଯେପରି କେବଳ ପ୍ରଦର୍ଶନୀରେ ସୀମିତ ନରହେ । ପ୍ରକୃତ ପ୍ରେମ ସେତିକିବେଳେ ସାର୍ଥକ ହୁଏ, ଯେତେବେଳେ ଦୁଇଜଣ ବ୍ୟକ୍ତି ପରସ୍ପରର ସ୍ୱପ୍ନକୁ ସମ୍ମାନ ଦିଅନ୍ତି ଓ ବିପଦ ବେଳେ ପାଖରେ ଛାୟା ପରି ଠିଆ ହୁଅନ୍ତି ।

ଯୁବପିଢ଼ିଙ୍କୁ ନିଜର ମୂଲ୍ୟବୋଧ ପ୍ରତି ସଜାଗ ରହିବାକୁ ହେବ । ପ୍ରେମର ଅର୍ଥ କେବଳ ନିଜ ପସନ୍ଦର ବ୍ୟକ୍ତି ସହ ସମୟ ବିତାଇବା ନୁହେଁ, ବରଂ ନିଜ ପରିବାର, ବନ୍ଧୁବାନ୍ଧବ ଓ ସମାଜ ପ୍ରତି ମଧ୍ୟ ସ୍ନେହଭାବ ରଖିବା । ଯେଉଁଦିନ ପ୍ରେମରୁ ସ୍ୱାର୍ଥପରତା ଦୂର ହୋଇ ନିଃସ୍ୱାର୍ଥପରତା ସ୍ଥାନ ପାଇବ, ସେଦିନ ପ୍ରତିଟି ଦିନ 'ଭାଲେଣ୍ଟାଇନ୍ସ ଡେ' ପରି ମନେହେବ । ଆଜିର ସମୟରେ ଆବଶ୍ୟକତା ଅଛି 'ମେକାନିକାଲ୍' ପ୍ରେମରୁ ମୁକ୍ତ ହୋଇ 'ଇମୋସନାଲ୍' ପ୍ରେମକୁ ଆପଣେଇବାର ।

ଗଞ୍ଜାମ, ଓଡ଼ିଶା
ମୋ: ୭୭୮୭୦୦୧୦୦୧

# ଆମେରିକାର ଘେରାବନ୍ଦୀରୁ ମୁକ୍ତି ପାଇଁ ୟୁରୋପର ପ୍ରୟାସ



## ସୌମେନ୍ଦ୍ର ଜେନା

ଆମେରିକାର ସୃଷ୍ଟି ୟୁରୋପର ଜନସଂଖ୍ୟାକୁ କେନ୍ଦ୍ରକରି ସତ । ଆମେରିକାକୁ ନିରନ୍ତର ସମର୍ଥନ ୟୁରୋପ କରିଆସିଛି ସତ । ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ କ୍ଷତିଗ୍ରସ୍ତ ୟୁରୋପର କାନ୍ଧରେ ବସିବା ଦିନଠାରୁ ଆଜିଯାଏଁ ଆମେରିକା ବିଶ୍ୱକୁ ନାଲିଆଖି ଦେଖାଇ ଆସିଛି । ୟୁରୋପକୁ ସୁରକ୍ଷା ଦେବାର ବିଶ୍ୱାସ ଦେଖାଇ ରୁଷିଆର ଭୟକୁ ସାମ୍ନାରେ ରଖି ରକ୍ତଶୋଷି ଆସିଛି । ଯେମିତି ୟୁରୋପର ଶକ୍ତିଶାଳୀ ରାଷ୍ଟ୍ର ଜର୍ମାନୀର ସେନାସଂଖ୍ୟାରେ କଟକଣା, ଯୁଦ୍ଧାସ୍ତ୍ର ନିର୍ମାଣରେ କଟକଣା ଯୋଗୁ ଏକଦା ୫ଲକ୍ଷ ସେନାଥିବା ଜର୍ମାନୀର ସୈନ୍ୟଶକ୍ତି ବିଗତ ୭୫ବର୍ଷରେ ହ୍ରାସ ପାଇଁ ଏବେ ଦୁଇଲକ୍ଷରୁ କମ୍ ରହିଛି । ସେମିତି ବ୍ରିଟେନ ଏକଲକ୍ଷ ୮୪ହଜାର, ପୋଲାଣ୍ଡ ଦୁଇଲକ୍ଷ, ଫ୍ରାନ୍ସ ଦୁଇଲକ୍ଷ, ଇଟାଲୀ ଏକଲକ୍ଷ ୭୧ହଜାର, ଗ୍ରୀସ ୧ଲକ୍ଷ ୧୦ହଜାର ସେନାକୁ ନେଇ ରହିଛନ୍ତି । ଅନ୍ୟପକ୍ଷରେ ତୁର୍କୀର ସାଢେ ତିନିଲକ୍ଷ ସେନା ରହିଛନ୍ତି । ମୁନଷ୍ଟରଠାରେ ଆମେରିକା, ଡେନମାର୍କ, ନରୱେ, ସ୍ପେନ, ଇଟାଲୀ, ବ୍ରିଟେନ ସମେତ ଅନ୍ୟାନ୍ୟ ନାଟୋ ମେଣ୍ଟ ରାଷ୍ଟ୍ରର ସେନା ମୁତୟନ ଅଛନ୍ତି । ସେମିତି ଫ୍ରାନ୍ସର ଷ୍ଟ୍ରାସବର୍ଗଠାରେ ୟୁରୋକର୍ପସର ପ୍ରାୟ ଏକହଜାର ସେନା ଫ୍ରାନ୍ସ ଓ ଜର୍ମାନୀର ରହିଛନ୍ତି । ଆମେରିକା ସୁରକ୍ଷା ପ୍ରଦାନ ଆଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ନିଜର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକରି ଢେର ଲାଭବାନ ହୋଇଛି । ସେମିତି ୟୁରୋପରୁ ଯଥେଷ୍ଟ ବାଣିଜ୍ୟିକ ଲାଭ ପାଇଆସୁଛି । ସେହିପରି ଟେକ୍ନୋଲୋଜୀ କ୍ଷେତ୍ରରେ ମଧ୍ୟ ଆମେରିକା ନିଜ ପ୍ରଭାବକୁ କାଏମ୍ ରଖିଛି । ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ତାଙ୍କ ପ୍ରଥମ ପାଳିର ଦାୟିତ୍ୱ କାଳରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ପ୍ରତିରକ୍ଷା ପାଇଁ ଖର୍ଚ୍ଚ ବୃଦ୍ଧି କରିବାକୁ କହିଥିଲେ । ଏବେ ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ରୁଷିଆର ଭୟ ଦେଖାଇ ୟୁରୋପୀୟ ରାଷ୍ଟ୍ରଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଲକ୍ଷ୍ୟରେ ଭୟଭୀତ କରିବାକୁ ଯାଇ ଗ୍ରୀନଲାଣ୍ଡକୁ ଦଖଲ କରିବା ଲାଗି ଘୋଷଣା କରିସାରିଛନ୍ତି । କହିବାକୁ ଗଲେ ୟୁରୋପକୁ ରୁଷିଆଠାରୁ ଦୂରେଇ ରଖିବା ଆଳରେ ଆମେରିକା ନିଜର ଆର୍ଥିକ ସ୍ୱାର୍ଥ ପୂରଣ କରିଆସିଛି । ସିରିଆ, ଇରାକ, ଆଫଗାନିସ୍ତାନରେ ଯୁଦ୍ଧକରି ଆମେରିକା ଯେଉଁ ଅସ୍ଥିରତା ସୃଷ୍ଟି କଲା ତାର ଫଳସ୍ୱରୂପ ଜିହାଦି ଶରଣାର୍ଥୀମାନଙ୍କୁ ୟୁରୋପରେ ଥଇଥାନ କରିବାକୁ ଚାପ ସୃଷ୍ଟିକଲା । ଫଳରେ ଲକ୍ଷଲକ୍ଷ ମୁସଲିମ ଲୋକେ ୟୁରୋପରେ ପ୍ରବେଶ କରି ଏବେ ଧ୍ୱଂସଲୀଳା ଚଳାଇଛନ୍ତି । ୟୁରୋପର ଆଇନଗତ ଦୁର୍ବଳତାର ସୁଯୋଗ ନେଇ ମୁସଲିମମାନେ ସେଠାରେ ନିଜର ଏଜେଣ୍ଡା ଚଳାଇବାକୁ ସଫଳ ହୋଇଛନ୍ତି । ନ୍ୟୁୟର୍କଠାରୁ ଲଣ୍ଡନ ପର୍ଯ୍ୟନ୍ତ ଜିହାଦିଙ୍କ ସମର୍ଥନକାରୀ ମୁସଲିମ ନେତା ମେୟର ହୋଇଛନ୍ତି, ଯାହା ଆଗାମୀ ଦିନରେ ୟୁରୋପକୁ କ୍ଷତିଗ୍ରସ୍ତ କରିବ । ତେଣୁ ଇସଲାମିକ ଜିହାଦର ବିରୁଦ୍ଧରେ ଦୀର୍ଘ ଦେଢ ହଜାର ବର୍ଷ ଧରି ଲଢୁଥିବା ଭାରତ ସହ ସଂପର୍କ ବୃଦ୍ଧିକରି ଟୋପିବାଜୀ ଷଡଯନ୍ତ୍ରର ବିରୋଧ କରିବାକୁ ୟୁରୋପର ନେତାମାନେ ଆଗେଇଛନ୍ତି । ଏହି କ୍ରମରେ ଇଟାଲୀର ଜର୍ଜିଆ, ମେଲୋନୀଙ୍କଠାରୁ ଆରମ୍ଭକରି ଜର୍ମାନୀ ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ମଧ୍ୟ ସାମିଲ ହୋଇଛନ୍ତି । କାରଣ ଟ୍ରମ୍ପ ଆମେରିକାର ଦୋଷକୁ ଗ୍ରହଣ ନକରି ଏହି ମାମଲାରେ ୟୁରୋପର ନେତାମାନଙ୍କୁ ସମାଲୋଚନା କରି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି । ୟୁରୋପକୁ ଦୀର୍ଘଦିନ ଧରି ହାତବାରିସୀ କଲାପରେ ଟ୍ରମ୍ପ ଏବେ ୟୁରୋପକୁ ନିଜ ଆଙ୍ଗୁଠିରେ ନଚାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ସିଧାସଳଖ ବିରୋଧ କରୁଛନ୍ତି । ମୋଦିଙ୍କ ମୌନକୂଟନୀତିକୁ କେନ୍ଦ୍ରକରି ଏବେ ଅଧିକ ଆଲୋଚନା ହେଉଛି । ୟୁକ୍ରେନ-ରୁଷିଆ ମଧ୍ୟରେ ଭାରତର ତେଲ କିଣା ହେଉ, ମଣିପୁର ହିଂସାକାଣ୍ଡ ହେଉ ଅଥବା ଟ୍ରମ୍ପଙ୍କ ପାକ୍ ସଂକ୍ରାନ୍ତରେ ସମାଲୋଚନା- ଏସବୁ ମାମଲାରେ ଭାରତର ପ୍ରଧାନମନ୍ତ୍ରୀ ଖୋଲାଖୋଲି କିଛି କହିବା ଦରକାର ବୋଲି ଅନେକ ସମାଲୋଚକ କହିଆସିଛନ୍ତି । ଦେଖାଯାଉଛି ଯେ ମୋଦି ନିଜେ ଚୁପ୍ ରହି ଉତ୍ତର ଦେବାଲାଗି ଅନେକ ବିଷୟରେ ବିଦେଶମନ୍ତ୍ରୀ ଜୟଶଙ୍କର କିମ୍ବା ଅନ୍ୟନେତାଙ୍କୁ ସାମ୍ନାକୁ ଛାଡୁଛନ୍ତି । ଅତୀତ ଦିନମାନଙ୍କରେ ୟୁରୋପର ସମାଲୋଚନାର ଉତ୍ତର ଜୟଶଙ୍କର ବହୁ ଭଲଭାବେ ଦେଇଥିଲେ । ଆମେରିକାର ଚାପ କିମ୍ବା ନିର୍ଦ୍ଦେଶରେ କଥା ନକହି ସମସ୍ୟାର ସମାଧାନ ପାଇଁ କହିବା ଦରକାର ବୋଲି କହିଥିଲେ । କହିବାକୁ ଗଲେ ମୋଦିଙ୍କ ଏହି ମଉନ ରହିବା ନୀତି ଭାରତର ବିକାଶପାଇଁ ସହାୟକ ହୋଇଛି । ସେ ମୌନରହି ଆମେରିକାର ଅଯଥା ଦାବିକୁ ମିଥ୍ୟା ବୋଲି ପ୍ରମାଣିତ କରିସାରିଛନ୍ତି । ଟ୍ରମ୍ପଙ୍କ ବ୍ରାଜିଲ, ଭାରତ ସମେତ ଅନେକରାଷ୍ଟ୍ର ବିରୋଧରେ ବିଷୋଦଗାର ଏବଂ ଶୁଳ୍କ ଲାଗୁ କରିବା ନୀତି ଯୋଗୁ ବହୁରାଷ୍ଟ୍ର ଏବେ ଆମେରିକାର ବିରୋଧୀ ହୋଇଛନ୍ତି, ଆମେରିକା ଉପରୁ ବିଶ୍ୱାସ ହରାଇଛନ୍ତି । ୟୁରୋପୀୟ ରାଷ୍ଟ୍ର ସମୂହ ଏବଂ ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ତନ୍ମଧ୍ୟରେ ରହିଛନ୍ତି । ଆମେରିକା ସହ ସଂପର୍କ ଖରାପ ହେବାପରେ ୟୁରୋପର ଯେଉଁ ବାଣିଜ୍ୟିକ କ୍ଷତି ହେବ ତାର ଭରଣା ପାଇଁ ସେମାନେ ଭାରତ ସହ ଖୁବଶିଘ୍ର ବୁଝାମଣା କରିବାକୁ ସ୍ଥିର କଲେ । କାରଣ ଏବେ ଆର୍ଥିକ ବିକାଶ ଦୃଷ୍ଟିରୁ ଭାରତର ବିକାଶ ହାର ଅନ୍ୟମାନଙ୍କ ତୁଳନାରେ ଢେର ଆଗରେ ରହିଛି । ବଜାର ମଧ୍ୟ ଏକପ୍ରକାର ସ୍ଥିର ଓ ବିକାଶମୁଖୀ ଅବସ୍ଥାରେ ରହିଛି । ଏଥିରୁ ଲାଭ ଉଠାଇବା ପାଇଁ ୟୁରୋପୀୟ ସଂଘ ଚାହିଁଲା ।

ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ଜାନୁଆରୀ ମାସର ଡାଭୋସ ଆଲୋଚନାରେ ଟ୍ରମ୍ପଙ୍କ ବିରୋଧରେ ୟୁରୋପୀୟ ନେତୃବୃନ୍ଦଙ୍କ ସମାଲୋଚନା ଦୃଷ୍ଟିକୁ ଆସିଥିଲା । ଆମେରିକାର ପଡୋଶୀ ଏବଂ ସହଯୋଗୀ ରାଷ୍ଟ୍ର କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଟ୍ରମ୍ପଙ୍କୁ ଧମକ ଦେବାସହ କଠୋର ସମାଲୋଚନା କରିଥିଲେ । ଆଇଏମ୍ଏଫ୍‌ର କ୍ରିଷ୍ଟାଲିନା ଜର୍ଜିଏଭା ଏବଂ ୱାର୍ଲ୍ଡ ଇକୋନୋମିକ ଫୋରମର ଅଧ୍ୟକ୍ଷ ବୋର୍ଗେ ବ୍ରେଣ୍ଡେ ଆମେରିକା ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଦେଇଥିଲେ । ୟୁରୋପୟ ୟୁନିଅନର ଅଧ୍ୟକ୍ଷ ଏଣ୍ଟୋନିଓ କୋଷ୍ଟା, ୟୁରୋପୀୟ ୟୁନିଅନ କମିଶନର ଅଧ୍ୟକ୍ଷା ଉର୍ସୁଲା, ଉପାଧ୍ୟକ୍ଷା କାଜା କାଲ୍ଲାସ ପ୍ରମୁଖ ଡାଭୋସ ଆଲୋଚନା ସମୟରେ ଆମେରିକାକୁ ସମାଲୋଚନା କରିବା ସହ ଭାରତ ସହ ୟୁରୋପୀୟ ସଂଘ ବିଶ୍ୱର ସର୍ବବୃହତ ବାଣିଜ୍ୟିକ ବୁଝାମଣା କରିବାକୁ ଯାଉଥିବା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ତା ପୂର୍ବରୁ ଜାନୁଆରୀ ମାସରେ ଭାରତ ଗସ୍ତରେ ଆସିଥିବା ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ ମଧ୍ୟ ଯଥାସମ୍ଭବ ଦ୍ୱିପାକ୍ଷିକ ବୁଝାମଣା ଶେଷ ହେବା ସପକ୍ଷରେ ମତ ଦେଇଥିଲେ । ତାଙ୍କ ବକ୍ତବ୍ୟରୁ ୟୁରୋପୀୟ ୟୁନିଅନ ସବୁ କିଛି ଠିକ୍ କରିସାରିଥିବା ମନେ ହେଉଥିଲା, ଯାହା ୨୭ ଜାନୁଆରୀ ଦିନ ଶେଷ ହେଲା ।

ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ସଚିବ ରାଜେଶ ଅଗ୍ରୱାଲ ବହୁ ପରିଶ୍ରମ କରିଥିଲେ । ଉର୍ସୁଲା ଏବଂ କୋଷ୍ଟାଙ୍କ ପାଇଁ ଲାଲକାର୍ପେଟ ବିଛାଇ ସ୍ୱାଗତ କରାଯାଇଥିଲା । ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ପରେଡକୁ ଦୁଇନେତାଙ୍କୁ ଅତିଥି କରିବା ସହ ଭାରତର ସୈନ୍ୟ ଶକ୍ତି ଓ ଅସ୍ତ୍ରଶକ୍ତିର ପ୍ରଦର୍ଶନ କାଳରେ ସେମାନଙ୍କୁ ପରିଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ପ୍ରତ୍ୟେକଟି ପ୍ରତିରକ୍ଷା ସାମଗ୍ରୀ ପରେଡରେ ଯିବା ସମୟରେ ତା ସଂପର୍କରେ ୟୁରୋପୀୟ ନେତାମାନଙ୍କୁ ବୁଝାଉଥିଲେ । ଅପରେସନ ସିନ୍ଦୂର ମଡେଲରେ କିପରି ଭାରତର ବାୟୁସେନା ପାକ୍‌ରେ ଥିବା ଚୀନର ରାଡାର ଏବଂ ଆମେରିକାର ଏଫ୍-୧୬ ଯୁଦ୍ଧ ବିମାନଗୁଡିକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା । ସେ ବିଷୟରେ କହିଥିଲେ । ଏପରିକି ଭାରତର ରକେଟର ମାରକ କ୍ଷମତା, ତୋପ, ରାଡାର, ଟ୍ୟାଙ୍କ, ପ୍ରତିରକ୍ଷା ବ୍ୟବସ୍ଥା ଆଦି କିପରି ଉନ୍ନତମାନର ସେ ବିଷୟରେ ୟୁରୋପୀୟ ନେତାମାନଙ୍କୁ ପରିଚିତ କରାଇଥିଲେ । ଦୁଇ ୟୁରୋପୀୟ ନେତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଖୋଲା ଘୋଡାଗାଡିରେ ପରେଡ ସ୍ଥାନକୁ ନେଇଥିଲେ । ପୂର୍ବରୁ ରାଷ୍ଟ୍ରପତି ଭବନଠାରେ ଦୁଇନେତାଙ୍କୁ ପାଇଁ ଗାର୍ଡ ଅଫ ଅନର ଦିଆଯାଇଥିଲା । ରାଷ୍ଟ୍ରପତି ମଧ୍ୟ ସେମାନଙ୍କ ପାଇଁ ଏକ ଭୋଜୀର ବ୍ୟବସ୍ଥା କରିଥିଲେ, ଯେଉଁଥିରେ ଅନେକ କୂଟନୀତିଜ୍ଞ ଏବଂ ରାଜନେତା ଯୋଗ ଦେଇଥିଲେ । ଭାରତରେ ଆତିଥ୍ୟ ଏବଂ ସମ୍ବର୍ଦ୍ଧନା ପାଇ ୟୁରୋପୀୟ ନେତାମାନେ ବେଶ୍ ଖୁସି ଥିବାର ଦେଖାଯାଇଥିଲା ।

ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ପରେ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ୟୁରୋପୀୟ କାଉନସିଲ ଅଧ୍ୟକ୍ଷ ତଥା ପର୍ତ୍ତୁଗାଲର ପୂର୍ବତନ ପ୍ରଧାନମନ୍ତ୍ରୀ ଏଣ୍ଟୋନିଓ କୋଷ୍ଟା ନିଜକୁ ଜଣେ ପ୍ରବାସୀ ଭାରତୀୟ କହି ନିଜ ପକେଟରୁ ଭାରତର ପାସପୋର୍ଟ କାଢି ଦେଖାଇଥିଲେ । କୋଷ୍ଟାଙ୍କ ପରିବାର ଏକଦା ଗୋଆର ବାସିନ୍ଦା ଥିଲେ । ଗୋଆ ଭାରତରେ ସାମିଲ ହେବାପରେ ପରେ ତାଙ୍କ ପରିବାର ପର୍ତ୍ତୁଗାଲକୁ ଚାଲିଯାଇଥିଲେ । ସୋସିଆଲିଷ୍ଟ ପାର୍ଟିର କୋଷ୍ଟା ୨୦୧୫ରୁ ୨୦୨୪ଯାଏଁ ପର୍ତ୍ତୁଗାଲର ଶାସନ ଦାୟିତ୍ୱରେ ଥିଲେ । ଗୋଆରେ ତାଙ୍କୁ ସମସ୍ତେ ଆଦରରେ ବାବୁସ୍ ବୋଲି ଡାକିଥାନ୍ତି । ୨୦୧୭ରେ ପ୍ରବାସୀ ଭାରତୀୟ ଭାବେ ତାଙ୍କୁ ସମ୍ମାନିତ କରାଯାଇଥିଲା । ୨୦୦୫ରେ ଭାରତର ଦୀର୍ଘକାଳୀନ ଭିସା ବିଦେଶରେ ବାସ କରୁଥିବା ଭାରତୀୟ ମୂଳର ଲୋକଙ୍କ ପାଇଁ ଦିଆଯାଇଥିଲା । ହେଲେ ଏଥିରେ କୌଣସି ପ୍ରକାର ରାଜନୈତିକ ଅଧିକାର ମିଳେ ନାହିଁ । କୋଷ୍ଟା ତାଙ୍କ ବକ୍ତବ୍ୟରେ ଦ୍ୱିପାକ୍ଷିକ ବୁଝାମଣାକୁ ସ୍ୱାଗତ କରିବା ସହ ୟୁକ୍ରେନରେ ଶାନ୍ତି ସ୍ଥାପନା ପାଇଁ ଭାରତର ସହଯୋଗ ଲୋଡିଥିଲେ । ଏପରିକି ଆବଶ୍ୟକ ହେଲେ ୟୁକ୍ରେନ ନିଜର ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ଥିବା କଥା ମଧ୍ୟ ସେ ପ୍ରକାଶ କରିଥିଲେ । ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ରୁଷିଆକୁ ଭାରତ ପ୍ରଭାବିତ କରିପାରିବ ବୋଲି ୟୁରୋପୀୟ ନେତୃବୃନ୍ଦଙ୍କ ଗଭୀର ବିଶ୍ୱାସ ରହିଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




## ଯଦି ତୁମେ...

### ରମାକାନ୍ତ ଦାସ

ଯଦି ତୁମେ ଭଲ ପାଇପାରନ୍ତ ମୋତେ,
ଯଦି ଫେରାଇ ଦେଇପାରନ୍ତ
ମୋ ଅକୁହା ପ୍ରେମ,
କାସ୍! ତୁମେ ବୁଝିପାରନ୍ତ
ମୋ ଭାବନାର ଏଇ ଗଭୀରତା ।

ଯଦି ତୁମେ ଶୁଣନ୍ତ ମୋତେ,
ଥରୁଟିଏ ମୋ ନାଁ ଧରି ଡାକନ୍ତ,
ଯଦି ମୁଁ ବୁଝେଇ ପାରନ୍ତି ତୁମକୁ
ମୋ କଥା ଟିକେ ଭାବିବା ପାଇଁ ।

ଯଦି ତୁମେ ମୋତେ ଆପଣେଇ ନିଅନ୍ତ,
ମୋ ପାଦରେ ପାଦ ମିଶେଇ ନାଚନ୍ତ,
ଯଦି ତୁମ ଆଖିର ସବୁତକ ନିଶା
ଖାଲି ମୋରି ପାଇଁ ସାଇତା ରହନ୍ତା ।

ଯଦି ତୁମେ ମୋ ହାତ ଧରନ୍ତ,
ଫୁସଫୁସେଇ କୁହନ୍ତ 'ହଁ',
ଯଦି ତୁମେ ସ୍ଥିର କରନ୍ତ
ମୋ ସାଥୀ ହୋଇ ଚାଲିବାକୁ ।

ଯଦି ତୁମେ ମୋତେ ନେଇ ସ୍ୱପ୍ନ ଦେଖନ୍ତ,
ମୋତେ ହିଁ ଖୋଜନ୍ତ ସବୁଠି,
ଯଦି ପାହାନ୍ତିଆ ଶାନ୍ତ ସମୟରେ
ଶୁଭନ୍ତା ଖାଲି ମୋରି ନାଁ ।
ଯଦି ତୁମେ ମୋତେ କୋଳେଇ ନିଅନ୍ତ,
ଟିକେ ଚାହିଁ ଦିଅନ୍ତ ଅନନ୍ୟ ଭାବେ,
ଯଦି ମୁଁ ବଞ୍ଚିପାରନ୍ତି ସେଇ ପବନରେ
ଯେଉଁଠି ତୁମ ନିଶ୍ୱାସର ମହକ ଥାନ୍ତା ।

ଯଦି ତୁମେ...
ବୁଝିପାରନ୍ତ ମୋ ମନର
ଏଇ ଆକୁଳତା,
ବିଶ୍ୱାସରେ ବାଣ୍ଟି ଦିଅନ୍ତ
ତୁମ ସବୁ ଗୋପନ କଥା,
ଯଦି ଛୁଇଁ ଦିଅନ୍ତ ମୋ ଆତ୍ମାକୁ ।

ଯଦି ତୁମେ ଶୁଣନ୍ତ ମୋ କବିତା,
ଆଦରି ନିଅନ୍ତ ମୋ ସବୁ ପାଗଳାମି,
ଯଦି କେବଳ—
ତୁମେ ମୋ ପାଖରେ ଥାଆନ୍ତ ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

## ପ୍ରତିରକ୍ଷା

### ମୋହନ କୁମାର ସ୍ୱାଇଁ

ଶତ୍ରୁ କମାଣକୁ ପ୍ରତିହତ ପାଇଁ
ବୀର ସୈନ୍ୟ ଆମ ଦିନରାତି
ଜଗି ରହିଛନ୍ତି ଦେଶର ସୀମାରେ
ସହି ବର୍ଷା ଶୀତ ଖରାତାତି ।
ଷଣ୍ଢର ମୁଣ୍ଡରେ ଟାଣୁଆ ସିଙ୍ଘଟି
ମିଳିଛି ଜନ୍ମରୁ ଉପହାର
ବିପଦ ଆଶଙ୍କା ହୋଇଲେ ତାହାକୁ
କରଇ ତାହାର ବ୍ୟବହାର ।
ସାପ ଲାଗୁଡ଼ରେ ପାଦ ପଡିଗଲେ
ଚୋଟମାରି କରେ ନିଜରକ୍ଷା
ଟିକିଏ ହେଲେବି ଟିକି ଦାନ୍ତେ ତାର
କରଇ ନିଜର ପ୍ରାଣରକ୍ଷା ।
ମହୁମାଛି ସଂଚେ ମହୁ ତା ଫେଣାରେ
ବରଷ ତମାମ ଖାଇବାକୁ
ବିପଦ ପଡିଲେ ଶତ୍ରୁ ତଡିଦିଏ
ଅମାପ ଦଂଶନ ଦେଇ ତାକୁ ।
ପ୍ରକୃତି ଦୟାରୁ ସଭିଙ୍କୁ ମିଳିଛି
ସୁରକ୍ଷା ପାଇଁକି କିଛିକିଛି
ଚତୁର ମଣିଷ ବନାଉଛି ନିଜେ
ଧ୍ୱଂସ କରିବାକୁ ସବୁକିଛି ।
ପ୍ରତିରକ୍ଷା ପାଇଁ ସଭିଏଁ ପ୍ରସ୍ତୁତ
ହୋଇ ରହିଛନ୍ତି ଠାଁଏଁଠାଁଏଁ
ଅସହ୍ୟ ହୋଇଲେ ଶେଷ ଅସ୍ତ୍ର ରୂପେ
ଜୀବ ତା ପାଖରୁ ଛାଡିଦିଏ ।

+ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮






# କଳା, ଐତିହ୍ୟ ଓ ସଂସ୍କୃତିର ପଞ୍ଚତୀର୍ଥ : ଖଣ୍ଡଗିରି-ଉଦୟଗିରି



ଡ଼ଃ.ଅରୁନ୍ଧତୀ ଦେବୀ



ଓଡ଼ିଶାର ପ୍ରାଚୀନ ଐତିହାସିକ ପାହାଡ଼ ମଧ୍ୟରୁ ଖଣ୍ଡଗିରି ଅନ୍ୟତମ। ଖଣ୍ଡଗିରି ସଂଲଗ୍ନରେ ରହିଛି ଅନ୍ୟତମ ପୁରାତନ ପାହାଡ଼ ଉଦୟଗିରି। ଏକଦା ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଏହି ପାହାଡ଼ ଦୁଇଟି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ମୁଗ୍ଧ କରୁଥିଲା ପର୍ଯ୍ୟଟକମାନଙ୍କୁ। ସେହିପରି ସାଧୁ, ସନ୍ଥଙ୍କ ଆଗମନରେ ପବିତ୍ର ହୋଇଉଠୁଥିଲା ଏଠାକାର ପରିବେଶ। ଭୁବନେଶ୍ୱରରେ ଅବସ୍ଥିତ ଏହି ଐତିହାସିକ ପାହାଡ଼ରେ ରହିଛ ଅନେକ ପୁରାତନ ଗୁମ୍ଫା। ଏଠାକାର ଗୁମ୍ଫା ଗୁଡ଼ିକ ପ୍ରତ୍ନତତ୍ତ୍ୱ ଓ ଧାର୍ମିକ ଦୃଷ୍ଟିରୁ ବେଶ ମହତ୍ତ୍ୱପୂର୍ଣ୍ଣ। ଗୁମ୍ଫା ଗୁଡ଼ିକର ନିର୍ମାଣ ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ ଓ ମନୋମୁଗ୍ଧକର। ପ୍ରତିଟି ଗୁମ୍ଫାରେ ରହିଛି ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଚିତ୍ର। ତେବେ କେତେକ ଗୁମ୍ଫା ଧ୍ୱସ୍ତ ହୋଇଗଲାଣି। ଏହି ଗୁମ୍ଫା ଗୁଡ଼ିକରେ ସାଧୁସନ୍ଥମାନେ କଠୋର ତପସ୍ୟା କରି ଶାନ୍ତିରେ ସମାଧି ନେଉଥିଲେ। ବିଦ୍ୱାନ ବ୍ୟକ୍ତିମାନେ ସତ୍ୟ, ଶାନ୍ତି, ମୋକ୍ଷ ଓ ସୌନ୍ଦର୍ଯ୍ୟବୋଧ ପାଇଁ ଏଠାକୁ ଆସୁଥିଲେ। ସେହିପରି ଏଠାରେ ଥିବା ହାତୀଗୁମ୍ଫା ଶିଳାଲେଖରେ ଓଡ଼ିଆ ଭାଷାର ପ୍ରାଚୀନ ରୂପ ଦେଖିବାକୁ ମିଳିଥାଏ। ଖଣ୍ଡଗିରି ପାହାଡ଼ ଓ ଆଖପାଖରେ ରହିଛି ଅନେକ ମନ୍ଦିର, ମଠ ଓ ଆଶ୍ରମ। ଏଠାକାର ଆଧ୍ୟାତ୍ମିକ ପରିବେଶ ସାଧୁସନ୍ଥ, ପର୍ଯ୍ୟଟକ, ଦର୍ଶକମାନଙ୍କୁ ଭକ୍ତି ଭାବରେ ବିଭୋର କରେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଐତିହାସିକ କୀର୍ତ୍ତିରାଜି, ବାସ୍ତୁକଳା, ଓଡ଼ିଶାର ପ୍ରାଚୀନ କଳା ଓ ସଂସ୍କୃତି ସଂପର୍କରେ ଜାଣିବା ପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମେ ଏହି ଐତିହାସିକ ପାହାଡ଼ରେ। ଆଜି ସମୟ ବଦଳି ଯାଇଛି। ତଥାପି ପ୍ରାଚୀନ କୀର୍ତ୍ତିରାଜି ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି।

ଭୁବନେଶ୍ୱରର ଏକ ଐତିହାସିକ ପାହାଡ଼ ଖଣ୍ଡଗିରି। ଏକଦା ଖଣ୍ଡଗିରି ଓ ଉଦୟଗିରି ପାହାଡ଼ର ଚାରିଆଡ଼େ ଶହ ଶହ ପ୍ରଜାତିର ବୃକ୍ଷଲତା ରହିଥିଲା। ଜୈବ ବିବିଧତା ଦୃଷ୍ଟିରୁ ଏହି ପାହାଡ଼ ଦୁଇଟି ବେଶ ଗୁରୁତ୍ୱପୂର୍ଣ୍ଣ। ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ପାହାଡ଼ ସାଧୁସନ୍ଥ ମାନଙ୍କ ପାଇଁ ଥିଲା ସାଧନାର ମହାନ ଭୂମି। ସବୁଜିମା ଘଞ୍ଚ ଅରଣ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଶାନ୍ତ ପରିବେଶ, ସାଧନା ପାଇଁ ଉଦ୍ଦିଷ୍ଟ ଗୁମ୍ଫା ନିମନ୍ତେ ସାଧୁସନ୍ନ୍ୟାସୀମାନେ ଏଠାକୁ ଧାଇଁ ଆସୁଥିଲେ। ଏଠାରେ ଥିବା ଆକାଶ ଗଙ୍ଗା, ଶ୍ୟାମକୁଣ୍ଡ, ଗୁପ୍ତଗଙ୍ଗା ଓ ରାଧାକୁଣ୍ଡର ପାଣିକୁ ସାଧୁମାନେ ବ୍ୟବହାର କରୁଥିଲେ। ସେହିପରି ଏଠାରେ ଉପଲବ୍ଧ ଫଳାହାର କରୁଥିଲେ। ପୁଣି ଏହି ପାହାଡ଼ର ଅନେକ ଗଛଲତାର ଥିଲା ଔଷଧୀୟ ଗୁଣ। ଆଜି ବହୁ ଗଛଲତା ଲୋପ ପାଇଗଲାଣି। ତଥାପି ଏବେ ବି ଅନେକ ଔଷଧୀୟ ଗୁଳ୍ମ ରହିଛି।

ଓଡ଼ିଶାର ନିଘଞ୍ଚ ସବୁଜ ଶ୍ରୀମଣ୍ଡିତ ଅରଣ୍ୟ ମନରେ ବିସ୍ମୟ ସୃଷ୍ଟି କରେ। ପାହାଡ଼, ପର୍ବତ, ତରୁଲତା ବେଷ୍ଟିତ ଅରଣ୍ୟର ଶୋଭା ସନ୍ଦର୍ଶନ କରି ସମସ୍ତ ଜାଗତିକ ଜଞ୍ଜାଳ କ୍ଷଣିକ ପାଇଁ ଭୁଲି ମନୁଷ୍ୟ ଅତୀନ୍ଦ୍ରିୟ ରାଜ୍ୟରେ ବିଚରଣ କରେ। ଏ ସବୁ ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଏଭଳି ଏକ ରାଜ୍ୟ, ଯେଉଁ ରାଜ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପୁରାତନ ଐତିହ୍ୟ, ଧାର୍ମିକ, ପରମ୍ପରା ଓ ସାଂସ୍କୃତିକ ବିଭିନ୍ନତା ଏକ ନିଚ୍ଛକ ସମ୍ମିଶ୍ରଣ ଦେଖିବାକୁ ମିଳେ। ସେଭଳି ପ୍ରାକୃତିକ ପରିବେଶରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ମଧ୍ୟରେ ଖଣ୍ଡଗିରି-ଉଦୟଗିରି ଅନ୍ୟତମ। ଖଣ୍ଡଗିରି ଓ ଉଦୟଗିରି ସୌନ୍ଦର୍ଯ୍ୟ, ପ୍ରାଚୀନ ଗୁମ୍ଫା ଦେଶବିଦେଶର ପର୍ଯ୍ୟଟକ ମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ପଶ୍ଚିମ ଦିଗରେ ଅବସ୍ଥିତ ଖଣ୍ଡଗିରି ଉଦୟଗିରି ପର୍ଯ୍ୟଟନ ସ୍ଥଳୀ। ଖଣ୍ଡଗିରି ଓ ଉଦୟଗିରି ଐତିହାସିକ ପୃଷ୍ଠଭୂମି ଖୁବ ଗୌରବମୟ। କଳିଙ୍ଗର ମହାନ ରାଜା ଖାରବେଳଙ୍କ ଶାସନ କାଳରେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ପ୍ରାୟ ଚାଳିଶ ଗୋଟି ଗୁମ୍ଫା ଖୋଦିତ ହୋଇଥିଲା। ଯେଉଁଠାରେ ଜୈନ ସନ୍ନ୍ୟାସୀମାନେ ବାସ କରିବାସହ ଧ୍ୟାନ, ସାଧନା ଓ ଧାର୍ମିକ କାର୍ଯ୍ୟ ସଂପାଦନା କରୁଥିଲେ। ପଥରକୁ କାଟି ଏକ ଗୁମ୍ଫାଗୁଡ଼ିକ ନିର୍ମାଣ କରାଯାଇଅଛି। ଏହା ଭିତରେ ଥିବା ଶିଳାଲେଖ କଳିଙ୍ଗ ସଭ୍ୟତାର ସାକ୍ଷ୍ୟ ବହନ କରେ। ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ପାଇଁ ଏହା ଗବେଷଣାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ବିଶ୍ୱାସ କରାଯାଏ ଯେ ଖ୍ରୀଷ୍ଟ ପୂର୍ବ ଷଷ୍ଠ ଶତାବ୍ଦୀରେ ଜୈନ ଧର୍ମର ପ୍ରତିଷ୍ଠାତା ମହାବୀର ଖଣ୍ଡଗିରି ଏବଂ ଉଦୟଗିରିରୁ ପରିଦର୍ଶନରେ ଆସିଥିଲେ। ଖ୍ରୀପୂ ୨ୟ ଶତାବ୍ଦୀର ବହୁ ପୂର୍ବରୁ ପଣ୍ଡିତମାନେ ରାଣୀଗୁମ୍ଫା ଓ ହାତୀଗୁମ୍ଫାକୁ ଉଦୟଗିରି ଠାରେ ଓଡ଼ିଶାର ସଂସ୍କୃତିକୁ ନୃତ୍ୟକଳା ମାଧ୍ୟମରେ ବର୍ଣ୍ଣନା କରାଇଥିଲେ। ସେମାନଙ୍କ ମତରେ ଉଦୟଗିରିର ଗୁମ୍ଫା ଗୁଡ଼ିକ ଆଖଡ଼ା ଗୃହ ରୂପେ ପରିଚିତ ଥିଲା। ସମ୍ରାଟ ଖାରବେଳ ଏହି ସଂସ୍କୃତିର ପୃଷ୍ଠପୋଷକ ଭାବରେ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ନିଷ୍ଠାବାନ ଥିଲେ। ଖଣ୍ଡଗିରି ଓ ଉଦୟଗିରି ପ୍ରାଚୀନ ଗୁମ୍ଫା ଗୁଡ଼ିକ ଏବେ ଦେଶବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ଜୈନ ଧର୍ମର ପବିତ୍ର ସ୍ଥଳୀ ହେଉଛି ଖଣ୍ଡଗିରି ଓ ଉଦୟଗିରି। ପ୍ରତିବର୍ଷ ବହୁ ଜୈନଧର୍ମାବଲମ୍ବୀମାନେ ଏଠାକୁ ତୀର୍ଥ ପାଇଁ ଆସନ୍ତି। ଖଣ୍ଡଗିରି ପାହାଡ଼ ଉପରେ ଥିବା ଜୈନ ଧର୍ମାବଲମ୍ବୀମାନଙ୍କ ମୂର୍ତ୍ତି ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଆକର୍ଷିତ କରେ। ପ୍ରତିବର୍ଷ ଖଣ୍ଡଗିରି ମେଳାରେ ବହୁ ଜନସାଧାରଣ ତଥା ସାଧୁସନ୍ଥଙ୍କର ସମାଗମ ହୋଇଥାଏ।

ଖଣ୍ଡିଗିରି ଓ ଉଦୟଗିରି ଶାନ୍ତ ସ୍ନିଗ୍ଧ ପାହାଡ଼ର ଶୀର୍ଷ ଦେଶରୁ ଭୁବନେଶ୍ୱରର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ଖଣ୍ଡଗିରି ପର୍ଯ୍ୟଟନ ସ୍ଥଳୀ ରୂପେ ଓଡ଼ିଶାର ଅର୍ଥନୀତି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରେ। ଦୁଇ ହଜାର ବର୍ଷ ଠାରୁ ପୁରାତନ ଯୁଗଳ ପର୍ବତ ଖଣ୍ଡଗିରି ଓ ଉଦୟଗିରି ଉତ୍କଳର ଧନାଢ଼୍ୟ ଓ ଚମକପ୍ରଦ ଐତିହ୍ୟର ନୀରବ ସାକ୍ଷୀ। ଏହି ପାହାଡ଼ ଦୁଇଟି ନିଜର ଚୁମ୍ବକୀୟ ଶକ୍ତି ବଳରେ କେତେ ସାଧୁ, ସନ୍ଥ ଓ ସନ୍ନ୍ୟାସୀଙ୍କୁ ତାଙ୍କର ଗୁମ୍ଫାରେ ନିରବ ସାଧନା କରିବାକୁ ପ୍ରଶୟ ଦେଇଛନ୍ତି। ଏହି ସିଦ୍ଧିକ୍ଷେତ୍ରରେ ପ୍ରଥମେ ଜୈନ ମୁନିମାନେ ଏବଂ କାଳକ୍ରମେ ହିନ୍ଦୁ ଧର୍ମର ସାଧକମାନେ ଏହାର ଗୁମ୍ଫାରେ ଆଧ୍ୟାତ୍ମିକ ସାଧନାରେ ସିଦ୍ଧି ଲାଭ କରିଥିଲେ। ଦୀର୍ଘ ଦୁଇ ହଜାର ବର୍ଷ ଧରି କେତେ କେତେ ସାଧୁସନ୍ଥ କେଳବ ଧ୍ୟାନମଗ୍ନ ହୋଇ ଏହି ସ୍ଥାନ ପବିତ୍ର କରିନାହାନ୍ତି କାଳକ୍ରମେ ଏହି ଦୁଇ ପର୍ବତର ପାଦ ଦେଶରେ ବହୁ ମଠ, ଆଶ୍ରମ ଓ ମନ୍ଦିର ଗଢ଼ି ଉଠି ଏହାର ପରିବେଶକୁ ଆଧ୍ୟାତ୍ମମୟ କରି ଗଢ଼ି ତୋଳିଛନ୍ତି।

ଓଡ଼ିଶାର ପ୍ରାକୃତିକ ବିଭବ ଜାତିର ଅସ୍ମିତାର ଅଭିବୃଦ୍ଧିରେ ସହାୟକ ହୋଇଥାଏ ଏହା ସୁନିଶ୍ଚିତ। ନଦୀ, ଝରଣା, ପାହାଡ଼, ଜଳ ପ୍ରପାତ, ସମୁଦ୍ର, ବେଳାଭୂମି, ମାଳଭୂମି ଓ ନିଘଞ୍ଚ ଜଙ୍ଗଲ ପ୍ରଭୃତି ଓଡ଼ିଶାର ସମୃଦ୍ଧି ଦିଗରେ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅନେକ ପାହାଡ଼, ପର୍ବତ ପ୍ରଭୃତି ପ୍ରାକୃତିକ ସୃଷ୍ଟି ମାନବ ସମାଜ ପାଇଁ ବରଦାନ ସଦୃଶ୍ୟ କାର୍ଯ୍ୟ କରିଥାଏ। ଭାରତ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଏହି ପାହାଡ଼, ପର୍ବତ, ସାମାଜିକ, ଆର୍ଥିକ, ଧାର୍ମିକ ଓ ସାଂସ୍କୃତିକ ଉନ୍ନତିରେ ସହାୟକ ହୋଇ ଆସିଛି। ଏପରିକି ରାଜନୈତିକ ଦୃଶ୍ୟପଟରେ ଅବଲୋକନ କଲେ ଗିରିଦୁର୍ଗ, ରାଜପ୍ରସାଦ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ପାହାଡ଼, ପର୍ବତ ଜନଜୀବନକୁ ଗଭୀର ଭାବରେ ଅନୁପ୍ରାଣୀତ ଓ ପ୍ରଭାବିତ କରିଅଛି। ମହେନ୍ଦ୍ରଗିରି, ଦେଓମାଳି, ନିୟମଗିରି, ଗନ୍ଧମାର୍ଦ୍ଦନ, ଚନ୍ଦ୍ରଗିରି, ଦାରିଙ୍ଗିବାଡ଼ି, ଓଳାଶୁଣି, ମାଲ୍ୟଗିରି, ଦେଉଳି, ଟେନସା, ଗୋନାସିକା, ତପ୍ତପାଣି, ମାଙ୍କଡ଼ନାଚ, ବରୁଣେଇ, ଧଉଳି, ରତ୍ନଗିରି ଏହି ପର୍ବତ ଗୁଡ଼ିକ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସେଗୁଡ଼ିକର ଗୁରୁତ୍ୱ ଉପଲବ୍ଧ କରାଯାଇଥାଏ। ପ୍ରାକୃତିକ ଖଣିଜ ସମ୍ପଦ, ଜୈବ ବିବିଧତା, ନଦୀ, ଝରଣା, ପ୍ରଭୃତି ଜଳାଶୟମାନଙ୍କର ଉତ୍ସ ଏହି ପର୍ବତ ଶ୍ରେଣୀର ଅଟନ୍ତି। ଓଡ଼ିଶାର ରାଜଧାନୀ ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ମଧ୍ୟ ଭାଗରେ ଅବସ୍ଥିତ ଐତିହ୍ୟ ଓ ସଂସ୍କୃତି ବିମଣ୍ଡିତ ଖଣ୍ଡଗିରି ଉଦୟଗିରି ପାହାଡ଼। ଓଡ଼ିଶାର ଗୌରବମୟ ଇତିହାସର ଇତିକଥାରେ ଏକ ସ୍ୱର୍ଣ୍ଣାଭ ଓ ସ୍ମରଣୀୟ ଅଧ୍ୟାୟର ଅଧିକାରୀ ଖଣ୍ଡଗିରି ଓ ଉଦୟଗିରି। ଏହି ଦୁଇ ପାହାଡ଼ର ବିଶେଷତ୍ୱକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦

## ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୨୮ ॥

କିନ୍ତୁ ସେ ଗୁରୁଙ୍କର ପଢ଼ାଉଥିବା ବିଦ୍ୟାକୁ ଅଧ୍ୟୟନ କରିବାରେ ଆଦୌ ଆଗ୍ରହୀ ନଥିଲେ। ସେ ଜାଣି ଶୁଣି ସେହି ସବୁ ପାର୍ଥୀବ ବିଦ୍ୟାର ଅଭ୍ୟାସ କରୁ ନଥିଲେ। 'ଯଉଁ ବିଦ୍ୟା ଭଗବାନ ବିଷ୍ଣୁଙ୍କର ସମ୍ପର୍କିତ ନୁହେଁ, ସେ ସବୁ ଅଧ୍ୟୟନ କରି ବିଷମ ସାଂସାରିକ ଜୀବନ ଅତି ବାହିତ କରିବା ମୋର ଲକ୍ଷ୍ୟ ନୁହେଁ। ଏହାହିଁ ସେହିଁ ସଂସାର, ଯାହା ବାଦ, ହିଂସା, ଇର୍ଷା, ଲୋଭ, ମୋହ, ମାୟାରେ ପରିପୂର୍ଣ୍ଣ। ଅଥଚ ଯାହାର ପରିଣାମ କେବଳ ମହାଶୂନ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ। କେବଳ ବିଷ୍ଣୁ ନାମର ଭଜନ କୀର୍ତ୍ତନ କରି, ସମଦର୍ଶୀ ହୋଇ, ସାଧାରଣ ଜୀବନ ଯାପନ କରିବାରେ ହିଁ ଶାନ୍ତି ଅଛି। ଏହାର ପରିଣାମ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଅନନ୍ତ ଆନନ୍ଦ ପ୍ରଦାନ କରିଥାଏ। ଏହି ବିଦ୍ୟା ହିଁ ଶ୍ରେଷ୍ଠବିଦ୍ୟା ଅଟେ।'

କିଛିଦିନ ଗୁରୁ ଗୃହରେ ଅଧ୍ୟୟନ କଲା ପରେ, ଦିନେ ସମ୍ରାଟ ହିରଣ୍ୟ କଶିପୁ ତାଙ୍କୁ ପରୀକ୍ଷା କରିବାକୁ ଆସିଲେ। ଗୁରୁଙ୍କଠାରୁ ବିଦ୍ୟା ଶିକ୍ଷାକରି ପ୍ରହ୍ଲାଦଙ୍କ ଅନ୍ତରରେ ପରି ବର୍ତ୍ତନ ହୋଇଥିବ, ତାଙ୍କର ବୁଦ୍ଧିର ବିକାଶ ହୋଇଥିବ, ସେ ନିଜର ଶତ୍ରୁ ବୋଲି ଜାଣିପାରି ବିଷ୍ଣୁଙ୍କୁ ଘୃଣା କରୁଥିବେ, ଏବଂ ତାଙ୍କର ପିତାଙ୍କୁ ହିଁ ସେ ବିଶ୍ୱ ବ୍ରହ୍ମାଣ୍ଡର ଏକମାତ୍ର ଅପ୍ରତିଦ୍ୱନ୍ଦୀ ଅଧୀଶ୍ୱର ଭାବେ ଗ୍ରହଣ କରୁଥିବେ। ଏହା ମୋ ପକ୍ଷେ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ସମ୍ରାଟ ସହାସ୍ୟ ବଦନରେ ରାଜ କୁମାରଙ୍କୁ ନିଜ କୋଳକୁ ଉଠାଇ ବାରମ୍ବା ର ତାଙ୍କର ମୁଖ ଚୁମ୍ବନ କରିବାରେ ଲାଗିଲେ । 'ଦେଖ କୁମାର,ଏସବୁ ମୂଲ୍ୟବାନ ଅଳଙ୍କାର ମୁଁକେବଳ ତୁମକୁ ଉପହାର ଦେବାପାଇଁ ଆଣିଅଛି। ଯାହା ତୁମକୁ ଅନ୍ୟ କେହି ଦେଇପାରିବେ ନାହିଁ। ହଁ,ପୁତ୍ର,ଏତେବର୍ଷଧରି ତୁମେ ଗୁରୁଙ୍କଠାରୁ ବିଦ୍ୟା ଶିକ୍ଷା କଲ। କେଉଁ ବିଦ୍ୟା ତୁମର ଅଧିକ ପ୍ରିୟ ଓ ଶ୍ରେଷ୍ଠ ବିଦ୍ୟା ? ତୁମେ ଗୁରୁଙ୍କ ନିକଟରେ କ'ଣ କ'ଣ ଅଧ୍ୟୟନ କରିଛ ଓ କଣ ଶିକ୍ଷା ଲାଭ କରିଛ ମୋତେ କୁହ'। 'ହେ, ପିତା , ପ୍ରହ୍ଲାଦ ଅତ୍ୟନ୍ତ ଧୀର,ସ୍ଥିର ଓ ଶାନ୍ତ ଭାବରେ ଉତ୍ତର ଦେଲେ।

'ଗୁରୁ ମୋତେ ଅନେକ ପ୍ରକାର ରାଜନୀତି ବିଦ୍ୟା ପଢ଼ାଇଛନ୍ତି, କିନ୍ତୁ ମୁଁ ସେ ସବୁ କିଛି ପଢିନାହିଁ। ମୋର ଯାହା ଅନୁଭବ, ବିଷ୍ଣୁଙ୍କ ନାମ କୀର୍ତ୍ତନ ହିଁ ଏ ଜଗତର ଶ୍ରେଷ୍ଠ ବିଦ୍ୟା ଅଟେ। ତାଙ୍କର ଭଜନ, କୀର୍ତ୍ତନ ଓ ଗୁଣଗାନ କରି ତାଙ୍କ ସହିତ ବନ୍ଧୁତା ସ୍ଥାପନ କଲେ ଜୀବନ ଧନ୍ୟ ହୋଇଥାଏ। ତାଙ୍କଠାରୁ ଶକ୍ତିଶାଳୀ ଏ ପୃଥିବୀରେ ଆଉ କେହି ନାହିଁ। ତେଣୁ ଏ ଅନ୍ଧକୂପ ସଦୃଶ ଗୃହ ବିଦ୍ୟାକୁ ଦୂରକରି, ଅରଣ୍ୟକୁ ଯାଇ ବିଷ୍ଣୁଙ୍କୁ ଆଶ୍ରୟ କରିବା ଉଚିତ।

'ଏ କଣ ? କୁମାର ପ୍ରହ୍ଲାଦ ତଥାପି ମଧ ଶତ୍ରୁର ପକ୍ଷରେ ରହିଛନ୍ତି ? ଏ ବୁଦ୍ଧି ଏ ପାଞ୍ଚ ବର୍ଷର ବାଳକକୁ ଦେଲା କିଏ ? ପରର ବୁଦ୍ଧିରେ ପଡି ବାଳକ ବାଳିକାମାନେ ସର୍ବଦା ନଷ୍ଟ ହୋଇଥାନ୍ତି। ନିଶ୍ଚୟ କେହି ଗୁପ୍ତରେ ଆସି ଏହାକୁ ଏହି ସର୍ବ ନାଶର ମନ୍ତ୍ରଣା ଦେଇ କୁ ପଥରେ ପରିଚାଳିତ କରୁଛି। 'କ୍ରୋଧରେ ଅଜ୍ଞାନ ହୋଇ ସେ ପୁତ୍ରକୁ କୋଳରୁ ଉଠାଇ ତଳେ ଛିଡ଼ା କରିଦେଲେ। ତାହା ପରେ ଭୃତ୍ୟକୁ ଡକାଇ, ତାହା ସଙ୍ଗରେ ପ୍ରହ୍ଲାଦ ଙ୍କୁ ଗୁରୁଙ୍କ ନିକଟକୁ ପଠାଇ ଦେଲେ।' ତାର ଗୁରୁଙ୍କୁ ଯାଇ କୁହ, ସେ ଯାକୁ କିପରି ବିଦ୍ୟା ପଢ଼ାଇଛନ୍ତି ? ମୋର ପୁତ୍ର ଏଠାରେ ସର୍ବଦା ମୋର ଶତ୍ରୁ ଙ୍କ ନାମ ଜପ କରୁଛି। 'ଆଚାର୍ଯ୍ୟ ଭୃତ୍ୟଠାରୁ ଏହି ସମ୍ବାଦ ପାଇ ଆଶ୍ଚର୍ଯ୍ୟ ହୋଇଗଲେ। ଏହା କିପରି ସମ୍ଭବ ? ରାଜ ଭୟରେ ସେ କେବେ ମଧ ପ୍ରହ୍ଲାଦଙ୍କୁ ଏଭଳି ଶିକ୍ଷା ଦେବାପାଇଁ ସାହସ କରିନାହାନ୍ତି। ଯେତେ ବଡ଼ ଜ୍ଞାନୀ ହେଲେ ମଧ, ଗୁରୁ ସାମ୍ରାଟଙ୍କର ଅନ୍ନରେ ପ୍ରତିପାଳିତ। କଥାରେ ଅଛି ବୀର ଭୋଗ୍ୟା ବସୁନ୍ଧରା । ବସୁନ୍ଧରା କେବେ ଯୋଗୀ,ଋଷି ବା ଜ୍ଞାନୀମାନଙ୍କ ଭୋଗ୍ୟା ହୋଇପାରେ ନାହିଁ। ଜୋରଯାର ମୁଲକ ତାର। ସେ ହେଉଛନ୍ତି ସମ୍ରାଟଙ୍କର ଜଣେ ସେବକ। ତାଙ୍କର ଜ୍ଞାନ କେବଳ ଦାନବ ଜାତିର ଶୁଭ ପାଇଁ ଉଦ୍ଦିଷ୍ଟ।ସେ ପ୍ରହ୍ଲାଦଙ୍କୁ ବିଶ୍ୱାସ ରେ ପଚାରିଲେ,'କୁହ ପ୍ରହ୍ଲାଦ, ବିଶ୍ୱାସରେ କୁହ। ତୋର ବୟସ ମାତ୍ର ପାଞ୍ଚବର୍ଷ। ଏହାହିଁ ଅଦ୍ଭୁତ ଯେ, ତୋର କଥାବାର୍ତ୍ତା କିନ୍ତୁ ବାଳକ ବୁଦ୍ଧି ପରି ପ୍ରତ୍ୟୟ ହେଉନାହିଁ। ତେଣୁ କୁହ, ଏ ବୁଦ୍ଧି ତୋତେ କିଏ ଶିକ୍ଷା ଦେଲା ?' 'ହେ ଗୁରୁଦେବ !' ପ୍ରହ୍ଲାଦ ଉତ୍ତର ଦେଲେ। 'ମୋତେ କିଏ କାହିଁକି ଶିକ୍ଷା ଦେବ ? ଯେପରି ଚୁମ୍ବକ ଆଡକୁ ଲୌହ ଆପେଆପେ ଆକର୍ଷିତ ହୋଇଥାଏ ସେହିପରି ମୋର ମନ ବିଷ୍ଣୁଙ୍କ ଆୟତରେ ଅଛି। ବ୍ରହ୍ମା ଆଦି ଦେବତା ମାନେ ଯାହାର ଭାବରେ ମୁଗ୍ଧ ହୁଅନ୍ତି, ମୁଁ ତ ସାମାନ୍ୟ ମାତ୍ର। ସେ ମୋର ମନ ପ୍ରାଣକୁ ବନ୍ଦୀକରି ରଖିଛନ୍ତି। ମୋତେ ଅନ୍ୟ ବିଷୟରେ ଆଗ୍ରହ ଆସୁନାହିଁ।' ଓଃ !! ନିକଟରେ ରାଜାଙ୍କର ଭୃତ୍ୟ ଠିଆହୋଇ ସବୁ ଶୁଣୁଅଛି। ଏହିପରି ଗୋଟିଏ ଅପରିଣାମଦର୍ଶୀ ବାଳକ ପାଇଁ ମୋର ଗୁରୁପଣ ଚାଲିଯିବ, ଯଦି ଏ ଭୃତ୍ୟ ଯାଇ ସବୁକଥା ତାଙ୍କୁ ଜଣାଇବ ଓ ସାମ୍ରାଟ କ୍ରୋଧିତ ହେବେ। ସେ ସଙ୍ଗେ ସଙ୍ଗେ ଘରୁ ବେତ୍ର ଆଣି ସେହି ଭୃତ୍ୟର ସମ୍ମୁଖରେ ରାଜକୁମାରଙ୍କ ସାମ୍ନାରେ ଜୋରରେ ଦୋହଲାଇ ଗର୍ଜନ ତର୍ଜନ ଛାଡ଼ି ଗାଳି ଦେବାରେ ଲାଗିଲେ।

' ଆରେ କୁଳାଙ୍ଗାର, ମୂର୍ଖ ! ରାଜବଂଶରେ ତୋତେ କିଏ ସେ ଜନ୍ମ ଦେଲା ? ନନ୍ଦନ ବନରେ କଣ୍ଟା ବୃକ୍ଷ ପଶି ତାକୁ ନଷ୍ଟ କଲା ପରି ଏ ଦୁର୍ବୁଦ୍ଧି ତୋତେ କିଏ ଶିଖାଇଲା ? ତୁ ବୁଝିପାରୁ ନାହୁଁଯେ, ସେହି ଶ୍ରୀ ବିଷ୍ଣୁ କୁଠାର ସଦୃଶ ତୋ ପରି ଚନ୍ଦନ ବନକୁ ହାଣି ଦେଲେଣି ।' ଏହାପରେ ଆଚାର୍ଯ୍ୟ କ'ଣ ଭାବି କେଜାଣି ଗର୍ଜନ ତର୍ଜନ ଛାଡ଼ିଦେଇ ତାକୁ ହାତଧରି ଆଶ୍ୱାସନା ଦେବରେ ଲାଗିଲେ। ତାକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚତୁର୍ବିଦ୍ୟା ହିଁ ପଢ଼ାଇ ମହାରାଣୀ କୟାଧୂଙ୍କ ନିକଟକୁ ନେଇଗଲେ। କୁମାର ପ୍ରହ୍ଲାଦ ସୁଧୁରି ଯିବାର ଜାଣି ମହାରାଣୀ କୁମାରଙ୍କୁ ଅଳଙ୍କୃତ କରି ପୁଣି ମହାରାଜାଙ୍କ ସମ୍ମୁଖକୁ ନେଇଗଲେ।ରାଜା ହିରଣ୍ୟକଶିପୁ ପୁନର୍ବାର ପ୍ରଶ୍ନକଲେ,'କୁହ କୁମାର, ଏବେ ଗୁରୁ ତୁମକୁ ଯେଉଁ ଉତ୍ତମ ବିଦ୍ୟା ପଢ଼ାଇ ଛନ୍ତି ସେ ବିଦ୍ୟା ଶୁଣାଇ ମୋତେ ସନ୍ତୁଷ୍ଟକର । ଏବେ ମୋ ମନରୁ ସନ୍ଦେହ ଦୂର ହୋଇଯାଉ'।

'ହେ ପିତା, ପ୍ରଭୁ ଶ୍ରୀକୃଷ୍ଣଙ୍କର ଭଜନ, କୀର୍ତ୍ତନ, ଚରଣସେବା, ବନ୍ଧୁତା ହିଁ ମୋ ମତରେ ପୃଥିବୀର ସବୁଠାରୁ ଶ୍ରେଷ୍ଠବିଦ୍ୟା ଅଟେ'। ସାମ୍ରାଟ ହିରଣ୍ୟକଶିପୁଙ୍କର କ୍ରୋଧ ତାର ସୀମା ଅତିକ୍ରମ କରିଗଲା । ସେ ଆରକ୍ତ ନୟନ ଓ କମ୍ପିତ ଅଧରରେ ଦାନ୍ତ କାମୁଡି ଷଣ୍ଡ ଓ ଅମର୍କଙ୍କ ଉପରେ ବିଷ ଉଦ୍ଗିରଣ କରିବାରେ ଲାଗିଲେ। ଭୟ କମ୍ପିତ ଭାବେ ଆଚାର୍ଯ୍ୟ ଉତ୍ତର ଦେଲେ 'ବିଶ୍ୱାସ କରନ୍ତୁ ସାମ୍ରାଟ, ଏ ଶିକ୍ଷା ମୁଁ ଦେଇ ନାହିଁ । ଏହା ହେଉଛି ତୁମ ପୁତ୍ରର ସ୍ୱଭାବ। ତାକୁ ନିଜେ ପଚାରନ୍ତୁ, ସତ କୁହ ପ୍ରହ୍ଲାଦ, ଗୁରୁ ତୋତେ ଏହି ଶିକ୍ଷା ଦେଇଛନ୍ତି କି ?'

' ନାଁ, ଗୁରୁ ମୋତେ ଏହି ଶିକ୍ଷା ଦେଇନାହାନ୍ତି। ମୁଁ ନିଜେ ହିଁ ବ୍ରହ୍ମା, ଶଙ୍କରଙ୍କର ଦୁର୍ଲଭ ସେହି ବିଷ୍ଣୁଙ୍କ ଲାଭକୁ ହିଁ ଜନ୍ମର ସାର୍ଥକତା ବୋଲି ମନେ କରେ। ଯେଉଁ ବ୍ୟକ୍ତି ଦୁରାଚାରୀ, ସେ କେବେ ବିଷ୍ଣୁ ଭଜନ କରେ ନାହିଁ, ସେ ସନ୍ଥକୁ ପୂଜା କରେନାହିଁ,ତେଣୁ ସେ ହରିଙ୍କୁ ଲାଭ କରିପାରେନାହିଁ। ତାର ଇହ ଜନ୍ମ ବ୍ୟର୍ଥ ହୋଇଯାଏ'।

' ସତେ' ? ହିରଣ୍ୟ କଶିପୁର ଗର୍ଜନରେ ସତେ ଯେ ପରି ପାଷାଣ ପ୍ରାସାଦ କମ୍ପି ଉଠିଲା।' ନୈରତ ଗଣ ! ଏ ପାଞ୍ଚ ବର୍ଷର ଗୋଟିଏ ଦୁଗ୍ଧ ପୋଷ୍ୟ ଶିଶୁର ଉଦ୍ଧତାମି ଦେଖୁଛତ ? ଏ ମୋର ଅଗ୍ରଜର ହତ୍ୟାକାରୀ, ମୋର ଶ୍ରେଷ୍ଠ ଶତ୍ରୁ ବିଷ୍ଣୁଙ୍କର ନାମ ଭଜନ କରୁଛି। ଏ ହେଉଛି ଦାନବ କୁଳର କଳଙ୍କ। ଏ ମୋର ପୁତ୍ର ନୁହେଁ, ଏ ହେଉଛି ମୋର ଦେହର ଗୋଟିଏ ବ୍ୟାଧି। ବରଂ ଯେପରି ଦେହର ବ୍ୟାଧିକୁ ଅରଣ୍ୟର ଔଷଧ ଭଲ କରିଥାଏ,ସେହିପରି ପର ଲୋକ ଯଦି ହିତକାରୀ ହୁଏ,ଏହିଭଳି ଗୋଟାଏ କୁଳାଙ୍ଗାରଠାରୁ ସେ ଅଧିକ ଭଲ। ଏବେ ଯେଭଳି ପାରୁଛ ଉପାୟ କରି ଯାକୁ ମାର। ନଚେତ ଏ ଅସୁର କୂଳକୁ ଧ୍ୱଂସ କରିବ।'

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଈଶ୍ୱର

ଭାରତୀ ହୋତା



ମୁଁ ତ ଆକୁଳ ହୋଇ ହାତ ପତେଇ
ମାଗିନେଇଥିଲି ତୁମ ଅନୁମତି
ଟାଙ୍ଗି ଦେବାକୁ ନିଜ ନାମାଙ୍କିତ ଫଳକ
ତୁମ ହୃଦୟର କାନ୍ଥରେ ।

କିନ୍ତୁ ମୋ ହାତ ମାଗିବା ଆଗରୁ ହିଁ
ତୁମେ ସ୍ୱାକ୍ଷର କରି ସାରିଥିଲ
ଆଉ କାହା ଅବେଦନ ପତ୍ରର ।

ମୋ ଆତ୍ମାଭିତରୁ ନିସୃତ ଅହଂ
ଆକାଶରୁ ଖସି ଝୁଲୁଥିଲା ଶୂନ୍ୟରେ
ତୁମ ନୀରବ ଉପେକ୍ଷା ଲାଗି ।

ତଥାପି ବି କେଉଁ ଏକ ନିଭୃତ କୋଣରେ
ଉଙ୍କି ମାରୁଥିବା ବିଶ୍ୱାସରେ
ମୁଁ ଥିଲି ଅନ୍ଧ
ତୁମ ବଦାନ୍ୟତା ପିପାସାରେ
ଅନବରତ ପ୍ରଲମ୍ବିତ ମୋ ଦୁଇ ହାତ ।

ତୁମେ ଦିବ୍ୟ ଦେବତା ବୋଲି ତ
ତୁମ ଉଚ୍ଚାରିତ ପ୍ରତିଟି ଶବ୍ଦ
ମୋ ପାଇଁ ଥିଲା ଅଭୟ ବରଦାନ।

ଅମାପ ଶୂନ୍ୟତାକୁ ଖୁବ୍ ଡର ମୋର
ତଥାପି ପୂର୍ଣ୍ଣତା ସହ
ଯୋଡ଼ି ହୋଇ ପାରେନି ।

ଶେଷରେ
ଈଶ୍ୱର ଏବେ ମୋ ପୂଜା ଘରେ
ମୋ ଧୂପବାସ୍ନା ଓ ସଞ୍ଜବତିରେ
ମୋ ପ୍ରାର୍ଥନା ଓ ଚିନ୍ତନରେ
ତାଙ୍କ କରୁଣାର ଶୁଭାଶିଷ
ସବୁ ଝରୁଛି ମୋ ଭିକ୍ଷା ପାତ୍ରରେ ।

+ଖରିଆର୍ ରୋଡ଼
ନୂଆପଡ଼ା

## ଛଳନାର ଚକ୍ରବ୍ୟୂହରେ

ଅନସୂୟା ପଣ୍ଡା



ବିଷଧର ଫଣାରୁ ଆଣିବ ଯିଏ ମଣି
ସେ ପାଇବ ତୁରନ୍ତ ଅମରତ୍ୱ ବୁଟି
ସ୍ପଷ୍ଟ ଶୁଣେଇଦେଲେ ଚକ୍ରୀ ବିନ୍ଧାଣୀ
ଏବେ ଚାଲିଲା ମନ୍ତ୍ରଣା ରାଜନୀତି
ତୋଫାନୀ ଯୋଜନା ହେଲା ତିଆରି
ବିପକ୍ଷବାଦରେ ଅଙ୍କା ହେଲା କୂଟନୀତି
ଚକ୍ରବ୍ୟୂହରେ ପଶିଲେ ଅମାନିଆ କିଛି
ଆଉ କିଛିଙ୍କୁ ଅଭିମନ୍ୟୁ ପରି
ସଂହାର କଲେ ମିଶି ସେଠି।

ସାତତାଳ ପାଣିରେ ସାଇତା ସିନ୍ଦୁକ
ସେଥିରେ ସାଇତା ତା' ଆୟୁଷର ଅସ୍ତିତ୍ୱ
ଯେ ଆଣିବ ତା'ରି ନାଆଁରେ ଏ ସାମ୍ରାଜ୍ୟ
ନାଗରା ଦେଇଗଲେ କହି ଗୁଢ ରହସ୍ୟ
ଲାଗି ପଡିଲେ ଲାଳସୀ ମଣିଷ
ପଦ ପଦବୀ ଅଭିଳାଷର ମୁଖାତଳେ
ଛଳନାର ଗୁପ୍ତ ସହବାସ ଆରମ୍ଭିଲେ।

ପଦ୍ମ ତୋଳିବ ଯିଏ ପଙ୍କରେ ଥାପି ପାଦ
ସେ ଜିତିବ ବିଜୟର ପରମ ସ୍ୱାଦ
ସେଇଠୁ ଲାଗିଲା ସଂଘର୍ଷ
ବିଜୟୀ ପରାଜୟୀ ସଭିଙ୍କ
ପାଦରେ ପଙ୍କର ପ୍ରଲେପ।

କୋରଡରୁ ଯିଏ ଆଣିବ ଅଣ୍ଡା ଚାତକର
ସେ ପାଇବ ଲଟେରୀ ପରି ଅଜସ୍ର ଅର୍ଥ
ସେଇଠୁ ଆରମ୍ଭ ହେଲା ପ୍ରାପ୍ତି ଓ ପ୍ରାରବ୍ଧ
ଯିଏ ହାତ ପୁରେଇଲା
ଲୋଭରେ ହୋଇ ବଶୀଭୂତ
ସେ ପାଇଲା ସର୍ପ ଦଂଶନର ସ୍ୱାଦ
ଆଉ କିଛି ମୂର୍ଚ୍ଛିତ ମୁହୂର୍ତ୍ତ।

ଏ ସବୁ ଛଳନାର ଅଭଙ୍ଗ ପଦ
ଯେ ଗାଇ ପାରିଲା ସେ ହିଁ ତାନ୍ତ୍ରିକ
ତା'ରି ପଦ୍ମ ତୋଳାରେ ବଶୀଭୂତ ଜଗତ
କୋରଡରେ କଳିଜାକୁ ରଖିଛି ସୁରକ୍ଷିତ
ବୋଲି କହିବା ଶିଖିଲେ ଫେରିପାଇବ ଜୀବନ
ଛଳନାକୁ କରି ପରାହତ ।

ଷଡଯନ୍ତ୍ରର ଜଉଗୃହରୁ ମୁକୁଳିବା ସହଜ ନୁହେଁ
ପଙ୍କରୁ ପଦ୍ମ ତୋଳିବା ହୋଇପାରେ
ଲୋଭ ଅବା ଦୁଃସାଧ ସାଥେ
କାମନାର ଲହ ଲହ ଜିହ୍ୱାରୁ ମୁକୁଳି ପାରିଲେ
ଜାଣିବ ସିନା ରୁଦ୍ରାକ୍ଷ
ଆଉ ବିଭୁତିର ମହତ୍ତ୍ୱ।

+ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧

# ଚାଷୀଙ୍କ ସମସ୍ୟା ନେଇ ଗର୍ଜିଲା ବିଜେଡି : ବଲାଙ୍ଗୀରରେ ବିଜେଡିର ବିଶାଳ ସମାବେଶ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଲାଙ୍ଗୀର, ୧୧/୨ (ନି.ପ୍ର): ରାଜ୍ୟରେ ସରକାର ବଦଳିବାର ୧୮ମାସ ଭିତରେ ରାଜ୍ୟରେ ଚାଷିଙ୍କ ସମସ୍ୟା, ନାରୀ ନିର୍ଯ୍ୟାତନା ବଢ଼ିବା ଓ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ସାରିଥିବା ବିରୋଧୀ ବିଜୁ ଜନତାଦଳ (ବିଜେଡି) ଅଭିଯୋଗ ଉଠାଇଛି । ଏହି ସବୁ ସମସ୍ୟାକୁ ନେଇ ଗତକାଲି ବଲାଙ୍ଗୀର ଠାରେ ବିଜେଡି ପକ୍ଷରୁ ଏକ ବିଶାଳ ଚାଷି ସମାବେଶ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ କୋସଳକଳାମଣ୍ଡଳ ପଡିଆଠାରୁ ପ୍ରାୟ ୩ ହଜାରରୁ ଅଧିକ ଚାଷି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମୁଖ୍ୟସଡକ ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟସ୍ଥ ବ୍ରାହ୍ମଣପଡା ଛକର ଫଳବଜାର ଠାରେ ପହଂଚି ଥିଲେ । ସେଠାରେ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ପାଟଣାଗଡର ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ସଭାପତିତ୍ୱ ଓ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବଲାଙ୍ଗୀରର ନେତାଗଣ ରାଜ୍ୟ ସରକାର ବିରୁଦ୍ଧରେ ଗର୍ଜିଥିଲେ । ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନମନ୍ତ୍ରୀ ତଥା ରାଜ୍ୟମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ଗତଥରର ସାଂସଦ ପ୍ରାର୍ଥି ସୁରେନ୍ଦ୍ର ସିଂଭୋଇ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ଉପାଧକ୍ଷା ମିଥିଲା ମାଝୀ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ବରିଷ୍ଠନେତା ଲକ୍ଷ୍ମଣ କୁମାର ମେହେର, ଅଜୟ ଦାସ, ପ୍ରଭାସ ପାଣିଗ୍ରାହୀ, ଚାଷିନେତା ଆକାଶ ମିଶ୍ର, ବିଧୁଭୂଷଣ ତ୍ରିପାଠୀ, ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ଦଳିତନେତା ପାଣ୍ଡବ କୁମ୍ଭାର, ଶମ୍ଭୁ ନାଗ, ସଦରବ୍ଲକ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକଅଧକ୍ଷ ଦୟାନିଧି ଖମାରୀ, ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ ପଟେଲ, ପୁଇଁତଲା ବ୍ଲକ ଅଧକ୍ଷ ସରୋଜ ପଧାନ, ବରିଷ୍ଠ ନେତା କୈଳାସ ମହାନ୍ତି, ଅଜିତ ଯୋଷୀ, ଡ. ଅମ୍‌ଜଦ ଖାନ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ବର୍ଷିଥିଲେ । ବିଧାୟକ କଳିକେଶ ନାରାୟଣ ସିଂଦେଓ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ରାଜ୍ୟରେ ଥିବା ବିଜେପି ସରକାର ଅମଳରେ ଚାଷିମାନେ ଧାନବିକ୍ରୀ କରିପାରୁନାହାଁନ୍ତି ଓ ମହିଳାମାନେ ମଧ୍ୟ ସୁରକ୍ଷିତ ନୁହଁନ୍ତି । ରାଜ୍ୟରେ ଯେଭଳି ସ୍ଥିତି ଆସିଛି କେବଳ ଅରାଜକତା ଦେଖାଦେଇଛି । ତେଣୁ ରାଜ୍ୟରେ ବିଜେପି ଦଳ ଶାସନରେ ରହିବାର ନୈତିକତା ହରାଇସାରିଛି । ଚାଷି ଓ ମହିଳାଙ୍କ ସମସ୍ୟାକୁ ନେଇ ବିଧାନସଭାରେ ଓ ବାହାରେ ଲଢାଇ ଚାଲିବ । ବିଜେଡି ଦଳର ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାରଙ୍କ ବିରୁଦ୍ଧରେ ଲଢେଇ ଜାରି ରହିବ ବୋଲି କଳିକେଶ ସିଂଦେଓ କହିଛନ୍ତି । ଠିକ୍ ସେହିପରି ଗତ ୧୮ମାସ ମଧ୍ୟରେ ଚାଷିମାନଙ୍କ ଅବସ୍ଥା ବିପନ୍ନ ହୋଇପଡିଥିବା ବେଳେ ମହିଳାମାନେ ଅସୁରକ୍ଷିତ ହୋଇଗଲେଣି । ରାଜ୍ୟରେ ବିଜେପି ଶାସନ ସମୟରେ ୪୦ ହଜାର ନାରୀ ନିର୍ଯ୍ୟାତନା ମାମଲା ରୁଜୁ ହେଲାଣି ବୋଲି ରାଜ୍ୟ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି । ଟୁକୁନୀ ସାହୁ ମଧ୍ୟ ବଲାଙ୍ଗୀର ଜିଲ୍ଲାରେ ଚାଷିଙ୍କ ସମସ୍ୟା ବଢିଥିବା ବେଳେ ବିଜେଡି ସରକାର ଅମଳରେ ଯେଉଁ ଜଳସେଚନ ପ୍ରକଳ୍ପଗୁଡିକୁ ଟେଣ୍ଡର ହୋଇଥିଲା ତାହାକୁ ମନ୍ଦ ଉଦ୍ଦେଶ୍ୟ ରଖି ବାତିଲ୍ କରାଯାଇଛି । ଲୋୟରସୁକତେଲ ଭଳି ପ୍ରକଳ୍ପଟିଏ ବିଜପି ସରକାର କରିକି ଦେଖାଉ ବୋଲି ଟୁକୁନୀ ସାହୁ କହିଥିଲେ । ଜିଲ୍ଲାର ସମସ୍ତ ବିଜେଡି ନେତା ଏକ ହୋଇ ବିଜେପି ସରକାରଙ୍କ ବିରୁଦ୍ଧରେ ଲଢାଇ କରିବୁ ବୋଲି ଶ୍ରୀମତୀ ସାହୁ କହିଥିଲେ । ଚାଷିନେତା ଆକାଶ ମିଶ୍ର, ଲକ୍ଷ୍ମଣ ମେହେର ରାଜ୍ୟ ସରକାର ନିଜେ ଓ ତାଙ୍କ ମନ୍ତ୍ରୀଗଣ ନୌଟଙ୍କି କରି ଚାଷିଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ଉଠାଇଥିଲେ । ସଭାରେ ଚାଷିଙ୍କ କଷ୍ଟଉପାର୍ଜିତ ଧାନରୁ କ୍ୱିଣ୍ଟାଲ ପ୍ରତି ୩ରୁ ୫ କେଜି କଟନୀ କରାଯାଇ ଲୁଣ୍ଠନ କରୁଥିବା ଅଭିଯୋଗ ଉଠିଥିଲା । ୮୦୦ ଟଙ୍କା ଇନପୁଟ ଏକ ବୋଗସ ଓ ବିଳମ୍ବରେ ଧାନ କିଣିବାକୁ ସରକାରଙ୍କ କାର୍ଯ୍ୟକଳାପକୁ ନେତାଗଣ ନିନ୍ଦା କରିଥିଲେ । ବିଜେପି ଦଳ ତା'ର ନିର୍ବାଚନୀ ପ୍ରତିଶୃତି ପାଳନ କରୁନାହିଁ । ତେଣୁ ଜନଅସନ୍ତୋଷ ଲାଗିରହୁଛି । ଆଗାମୀ ଦିନରେ ଲୋକଙ୍କ ସମସ୍ୟାକୁ ନେଇ ବିଜେଡି ଦଳ ତୀବ୍ର ଆନ୍ଦୋଳନ କରିବ ବୋଲି ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଶିଳ ଚାନ୍ଦ, ଗୋଲାପ ବାଗ, ଆଇଟିସେଲର ବିଭୂତିଭୂଷଣ ମିଶ୍ର, ଲେଙ୍ଗା ସାହୁ, ଦେବଦତ ବେହେରା, ନୀହାର ରଂଜନ ସ୍ୱାଇଁ, ସନ୍ତୋଷ ଦନ୍ତା, ସାଗରସଙ୍ଗମ ଶତପଥି, ପ୍ରଦ୍ୟୁମ୍ନ ହୋତା, ଗୁଞ୍ଜ ଖାନ, ଅମୃତ ପଣ୍ଡା, ଟିଟୁ ସାହୁ ପ୍ରମୁଖଙ୍କ ସହ ବିଜେଡି ଦଳର ବହୁ କାର୍ଯ୍ୟକର୍ତା ସାମିଲ୍ ଥିଲେ ।

# ଓଚିନ୍ଦା ବିଦ୍ୟାଳୟରେ କୃମି ଔଷଧ ଖାଇ ୪୦ ଛାତ୍ରଛାତ୍ରୀ ଅସୁସ୍ଥ

କୋରେଇ, ୧୧/୨ (ନି.ପ୍ର): କୋରେଇ ଶିକ୍ଷାମଣ୍ଡଳ ଅଧିନସ୍ଥ ପଥରପଦା ପଂଚାୟତର ଓଚିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି କୃମି ଦିବସରେ କୃମି ଔଷଧ ଖାଇ ୪୦ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ । ସେମାନଙ୍କୁ କୋରେଇ ଗୋଷୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ପ୍ରକାଶଯେ ଶିକ୍ଷା ବିଭାଗ ଜରିଆରେ ପ୍ରତ୍ୟେକ ବିଦ୍ୟାଳୟକୁ କୃମି ଦିବସରେ କୃମି ଔଷଧ (ବଟିକା) ଯୋଗାଯାଇଥିଲା । ଏହି କ୍ରମରେ ଓଚିନ୍ଦା ବିଦ୍ୟାଳୟକୁ ଶହେ ଜଣଙ୍କ ପାଇଁ ଔଷଧ ଯାଇଥିଲା । ଆଜି ୯୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ ମଧ୍ୟାନ୍ନ ଭୋଜନ ଖାଇବା ପରେ ୮୦ ଛାତ୍ରଛାତ୍ରୀଙ୍କୁ ଉକ୍ତ ଔଷଧ ଖାଇଥିଲେ । ଔଷଧ ଖାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ଜଣଙ୍କ ବାନ୍ତି ଓ ମୁଣ୍ଡ ବୁଲାଇବାରୁ ସେମାନେ ଅସୁସ୍ଥ ହୋଇପଡିଥିଲେ । ହେଲେ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା କରାଇବା ପରିବର୍ତ୍ତେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ଛାଡି ଚାଲିଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରାଇ ଅନ୍ୟ ଶିକ୍ଷକମାନେ ଗୋଟିଏ ଗୃହରେ ରହିଥିଲେ । ଖବର ପାଇ ଅଭିଭାବକମାନେ ପହଂଚି ଘଟଣାଦେଖି ଉତେଜିତ ହୋଇଥିଲେ । ଫଳରେ ଉଭୟ ଶିକ୍ଷକ ଓ ଅଭିଭାବକ ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଖବରପାଇ ସ୍ୱାସ୍ଥ ବିଭାଗ ଓ ପୁଲିସ ଘଟଣାସ୍ଥଳେ ପହଂଚିଥିଲେ । କିଛି ଅଭିଭାବକ ମଟରସାଇକେଲ ଯୋଗେ ପୁଲିସ ଅନ୍ୟ ,କ ଗାଡିରେ ୪୦ଜଣଙ୍କୁ କୋରେଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ ଯାଜପୁର ସଦର ମହକୁମାର ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ମଣ୍ଡଳଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ଏବିଇଓ ବିଜୟ କମ୍ଭାର ମଲ୍ଲିକ,ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ ଦାଶ,ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚିଥିଲେ । ସେମାନଙ୍କୁ ଚିକିତ୍ସା ପରେ ଧିରେ ଧିରେ ଛାତ୍ରଛାତ୍ରୀ ସୁସ୍ଥ ଅନୁଭବ କରିଥିଲେ । ସୁସ୍ଥ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଘରକୁ ଆଣିଥିବା ବେଳେ ଅଳ୍ପକିଛି ଛାତ୍ରଛାତ୍ରୀ ଚିକିତ୍ସିତ ହେଉଛନ୍ତି । ସେମାନେ ସୁସ୍ଥ ହେବା ପରେ ସେମାନଙ୍କୁ ଘରକୁ ଫେରିବେ ବୋଲି ଚିକିତ୍ସାଧିକାରୀ ଜିତେନ୍ଦ୍ର ସୋରେନ ସୂଚନା ଦେଇଛନ୍ତି ।

# କୃଷି ଓ ଉଦ୍ୟାନ କୃଷି ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ : ପ୍ରଗତିଶୀଳ ଚାଷୀଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା, ୧୧/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଓ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ରବିଋତୁ ପାଇଁ ଫସଲ ଖସଡ଼ା, ସାର ବଂଟନ, ଅଣ ଧାନ ଚାଷ , ଡିଜିଟାଲ କ୍ରପ ସର୍ଭେ ଏବଂ ବିଭିନ୍ନ ପ୍ରୋତ୍ସାହନ ବିତରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ଶ୍ରୀ ଅନ୍ନ ଅଭିଯାନ ଓ ଚାଷୀ ରେଜିଷ୍ଟ୍ରି ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଜିଲ୍ଲାରେ ଅଧିକ ପ୍ରସେସିଂ ୟୁନିଟ୍ ସ୍ଥାପନ ଉପରେ ଜୋର ଦେଇଥିବା ବେଳେ ପ୍ରତିଦିନ ମଣ୍ଡି ଦ୍ୱାରା ମାଣ୍ଡିଆ କ୍ରୟ ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ୧୩୧ଟି ଆଦର୍ଶ କୃଷି ଗ୍ରାମର ପ୍ରଗତି ସମୀକ୍ଷା କରି ସମସ୍ତ ବ୍ଲକ କୃଷି ଅଧିକାରୀଙ୍କୁ ପ୍ରତ୍ୟେକ ଆଦର୍ଶ କୃଷି ଗ୍ରାମରେ ପ୍ରି ସଦସ୍ୟ, ବିଡିଓ, ସିଭିଲ ସୋସାଇଟି, ଏନଜିଓ ଓ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କ ସହ ଆଲୋଚନା ସଭା ଆୟୋଜନ କରି ଗୁରୁତ୍ୱପୂର୍ଣ୍ଣ ଅଭାବ ଚିହ୍ନଟ କରି ସେଗୁଡ଼ିକୁ ପୂରଣ କରିବା ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଉଦ୍ୟାନ କୃଷି ବିଭାଗର ଯୋଜନାମାନ, ଯଥା ଉଦ୍ୟାନ କୃଷି ଅଭିବୃଦ୍ଧି ପାଇଁ ସମନ୍ୱିତ ମିଶନ, "ପ୍ରତି ବୁନ୍ଦାରୁ ଅଧିକ ଉତ୍ପାଦନ" ଯୋଜନା ଏବଂ ଖାଇବା ତେଲର ଜାତୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପାଂଚଜଣ ପ୍ରଗତିଶୀଳ ଓ ସଫଳ ଉଦ୍ୟାନ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ବୋଡ଼େନ ବ୍ଲକର ଅକ୍ଷୟ ନିଆଲ, ଖରିଆରର ଚୁଲମଣି ବୈଠାରୁ, ସିନାପାଲି ର କୃଷ୍ଣ ହଂସ ,କୋମନାର ସଞ୍ଜୀବ ସାହୁ ଏବଂ ନୂଆପଡ଼ାର ରୂପକୁମାର ସାହୁ। ଶ୍ରୀ ସାହୁ ଛତୁ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହୋଇଥିବା ସହ ତାଙ୍କର ଗୋଟିଏ ପୁଅ ଖୋର୍ଦ୍ଧାରେ ପଢୁଥିବା ବେଳେ ଆଉ ଜଣେ ପୁଅ ନିଟ ପାଇଁ ପ୍ରସ୍ତୁତି ନେଉଛନ୍ତି। ଏହି ସୂଚନା ଜାଣି ଜିଲ୍ଲାପାଳ ଖୁସି ପ୍ରକାଶ କରିଥିଲେ।ସେହିପରି, ଜିଲ୍ଲାପାଳ ସମସ୍ତ କୃଷି ଅଧିକାରୀଙ୍କୁ 'ଚାଷ ଅଛି ଯାହାର କି ଆନନ୍ଦ ତାହାର' କଲର୍ ଟ୍ୟୁନ୍ ରଖିବାକୁ ପ୍ରସ୍ତାବ ଦେଇଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗୀୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ କୃଷି ଓ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅର୍ଜୁନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ

ବଲାଙ୍ଗିର, ୧୧/୨ (ନି.ପ୍ର): ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜୁନ ପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ସଭାପତି ବୃନ୍ଦାବନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍, ବାଗ୍ମୀ ତଥା ଆଶୁକବି ଡ. ହେମନ୍ତ କୁମାର ଦାଶ ଯୋଗ ଦେଇ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ସହ ଭାରତୀୟ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଓ ସଂସ୍କାର ପ୍ରଦାନ କରିବାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଦେଓଗାଁ ପଂଚାୟତ ସମିତିର ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ମିଶ୍ର ଅତିଥି ପରିଚୟ ସହ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶେଷରେ ସଂପାଦକ ପରମେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ସଦସ୍ୟା,ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଭୂମିଦାତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଂଚୀୟ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା, ଗୁରୁଜୀ ଗୁରୁମା ଓ ସେବକ ସେବିକା ସହଯୋଗ କରିଥିଲେ।

# ବାଜି ରାଉତ କଲେଜର ୪୯ ତମ ବାର୍ଷିକ ଉତ୍ସବ

ଭୁବନ, ୧୧/୨ (ନି.ପ୍ର): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ର ୪୯ ତମ ବାର୍ଷିକ ଉତ୍ସବ ' ବାଜି ଫେଷ୍ଟ ' ମହାସମାରୋହରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼ଃ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମବାୟ,ହସ୍ତତନ୍ତ ଓ ହସ୍ତଶିଳ୍ପ ଏବଂ ବୟନ ଶିଳ୍ପ ମନ୍ତ୍ରୀ ଡଃ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି,ପୁରାତନ ଛାତ୍ର ସଂଗଠନ ସମ୍ପାଦକ ତଥା ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଆୟୁସୀ ମହାପାତ୍ର,ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତି, କାମାକ୍ଷା ନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ସାମଲ,ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ଶ୍ରୀମତୀ ରେଣୁବାଳା ସାହୁ ଯୋଗଦେଇଥିଲେ । ବିଶ୍ୱର ସର୍ବ କନିଷ୍ଠ ସହିଦଙ୍କ ନାମରେ ନାମିତ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ର ପ୍ରତ୍ୟେକ ବିଦ୍ୟାର୍ଥୀ ବାଜି ରାଉତଙ୍କ ଦାୟଦ ହିସାବରେ ନିଜକୁ ଧନ୍ୟ ମନେ କରିବା ସହିତ ଗର୍ବ ଅନୁଭବ କରିବା ଉଚିତ୍ । ଏବଂ ତତ୍ ସହିତ ବାଜି ରାଉତ ଙ୍କ ଭଳି ସାହସୀ,ଦେଶପ୍ରେମୀ ହୁଅନ୍ତୁ । ସହିଦ ବାଜି ରାଉତଙ୍କ ଆଦର୍ଶରେ ଅନୁପ୍ରାଣୀତ ହୁଅନ୍ତୁ ବୋଲି ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଡ଼ଃ ପ୍ରଭାତ କୁମାର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ ମାଧ୍ୟମରେ କଲେଜ ର ସଫଳତା ବର୍ଣ୍ଣନା କରିବା ସହିତ ଅଭାବ ଅସୁବିଧା ସଂପର୍କରେ ଅତିଥି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟାପକ ପ୍ରଭାତ କୁମାର ଜେନା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ସମସ୍ତ ଛାତ୍ର ଛାତ୍ରୀ ଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଯୋଗ ଦେଇଥିଲେ । ସମସ୍ତ ଅଧ୍ୟାପକ ,ଅଧ୍ୟାପିକା ଓ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

# ପଙ୍ଖାରେ ଝୁଲି ପଡିଲେ ଦମ୍ପତି: ସ୍ଥାନୀୟ ଅଂଚଳରେ ଶୋକ

ଧର୍ମଶାଳା, ୧୧/୨ (ନି.ପ୍ର): ଅଷ୍ଟ ପ୍ରହରୀ ନିମନ୍ତେ ଗାଁରେ ଆଧ୍ୟାତ୍ମିକ ପରିବେଶ । ପିଲାଙ୍କୁ ଆରମ୍ଭ କରି ବୃଦ୍ଧବୃଦ୍ଧା ମହଲରେ ଖୁସି ନ କହିଲେ ସରେ । ସେପଟେ ପୂଜାର୍ଚ୍ଚନା ଚାଲି ଥିବା ଏପଟେ ପୂଜା କର୍ମ ସାରି ପ୍ୟାନରେ ଝୁଲି ଆତ୍ମହତ୍ୟା କଲେ ଦମ୍ପତି । ଏଭଳି ଅବାଞ୍ଛନୀୟ ଘଟଣା ପଡିଛି ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁର ଗଡ କୁକୁଡାଖାଲି ଗ୍ରାମରେ । ମୃତକମାନେ ହେଲେ ଏହି ଗ୍ରାମର ଜର୍ଜ ମଲିକ ଓ ତାଙ୍କ ପତ୍ନୀ ଝରଣା ମଲିକ ବୋଲି ଜଣାପଡିଛି । ଏଭଳି ଘଟଣାକୁ ନେଇ କେହି ସହଜରେ ଗ୍ରହଣ କରି ପାରୁ ନ ଥିବା ବେଳେ ଗ୍ରାମରେ ଶୋକରଛାୟା ଖେଳି ଯାଇଛି । ଏହି ଘଟଣାରେ ଜେନାପୁର ପୁଲିସ ୨ଟି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ମେଡିକାଲକୁ ପଠାଇ ଦେଇ ଘଟଣାର ତଦନ୍ତ ଜାରି ରଖିଛି । ତେବେ ସେମାନଙ୍କର ୨ବର୍ଷୀୟ ପୁଅ ଥିବା ଜଣାପଡିଛି । ଗାଁ ଚାଲି ଥିବା ଅଷ୍ଟ ପ୍ରହରୀରୁ ପୂଜା ସାରି ଘରକୁ ଫେରି ଆସି ଥିଲେ । ଏକ ଘଂଟା ପରେ ଉଭୟଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କ ମୃତ ଘୋଷଣା କରିଥିଲେ । ତେବେ ମୃତର କାରଣ ଅସ୍ପଷ୍ଟ ରହିଛି ।

# କେନ୍ଦୁଝରରେ ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ: ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ

କେନ୍ଦୁଝର, ୧୧/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ବୈଠକରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। 'ନୂଆ ଓଡ଼ିଶା' ଓ ପ୍ଲେସମେଂଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ୍ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଓ.ଏସ.ଏମ. ଇ କ୍ୟାମ୍ପସରେ ଏକ ବିଶାଳ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆପୋଲୋ ମେଡସ୍କିଲ୍ସ ଜରିଆରେ ତାଲିମ: ଜିଲ୍ଲାର ୬୦୦ ଯୁବକଯୁବତୀଙ୍କୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଯୁକ୍ତି ଭିତିକ ତାଲିମ ପ୍ରଦାନ କରାଯିବ। ଡିଏମଏଫ ସହାୟତାରେ ସି.ଟି.ଟି.ସି, ସିପେଟ ଏବଂ ଆଇ.ଏଚ. ଏମ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପି.ଭି.ଟିଜି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ମଡେଲ କ୍ୟାରିୟର ସେଂଟର ର କାର୍ଯ୍ୟକାରିତା, ତେଲକୋଇଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲ୍ଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଥିସହିତ ବିଭିନ୍ନ ବ୍ଲକରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ ଶ୍ରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ରେଙ୍ଗାଲି ବ୍ଲକ ପରିସରରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୧/୨ (ନି.ପ୍ର): ଆଜି ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ବଲପୁର ଜିଲ୍ଲାପାଳ ଏବଂ ଏସପିଙ୍କୁ ନେଇ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୫୯ଟି ଆବେଦନ ଗ୍ରହଣ କରାଯାଇଥିଲା ଯେଉଁଥିରୁ ୫୦ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ ୮ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଠାରେ ୪ଟି ଅଭିଯୋଗ ର ସମାଧାନ କରାଯାଇଥିଲା। ରେଡ୍ କ୍ରସ୍ ଅଧୀନରେ ଜଣେ ହିତାଧିକାରୀଙ୍କୁ ୧୫,୦୦୦ ଟଙ୍କା ସହାୟତା ରାଶି ବାବଦରେ ପ୍ରଦାନ କରାଯାଇଥିଲା।

# ଜନଗଣନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୧/୨ (ନି.ପ୍ର): ଜନଗଣନା ପ୍ରତି ୧୦ ବର୍ଷରେ ଅନୁଷ୍ଠିତ ହୋଇଥାଏ। ତେବେ ୨୦୨୧ କରୋନା ପାଇଁ ଏହା ପ୍ରଭାବିତ ହୋଇ ବନ୍ଦ ରହିଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୭ ମସିହାକୁ ଯୋଗ୍ୟତା ବର୍ଷ ଭାବେ ଧରାଯାଇ ତାହାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ । ଆଜି ପୂର୍ବାହ୍ନରେ ଜନଗଣନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଜନଗଣନାର ଆବଶ୍ୟକତା, ନାଗରିକ ଓ ଗଣନାକାରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିସ୍ତୃତ ସୂଚନା ଦେଇ ରାଜ୍ୟ ଜନଗଣନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ହାରାଧନ କର୍ମୀ ଅଧିକାରୀ ଓ କର୍ମଚାରୀ ମାନଙ୍କ ନିଯୁକ୍ତି, ଜନଗଣନା ସମ୍ପର୍କରେ ସେମାନଙ୍କ ଦାୟିତ୍ୱ ଓ କର୍ତବ୍ୟ ସମ୍ପର୍କରେ ସୂଚନା, ମାଷ୍ଟର ଟ୍ରେନର, ଫିଲ୍ଡ ଟ୍ରେନର ଏନୁମେରେଟର, ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ, ଗୃହ ସର୍ଭେ, ଜୋନ ଅନୁସାରେ ଗଣନାକାରୀଙ୍କୁ ଦାୟିତ୍ୱ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପର୍ଯ୍ୟାୟରେ ଏହି ଗଣନା ହେବ। ୨୦୨୬ ଅପ୍ରେଲ ୧୬ ରୁ ୧୫ ମେ ୨୦୨୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ୨୦୨୭ ଫେବୃଆରୀ ୯ ରୁ ୨୮ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିବ ବୋଲି ସେ କହିଥିଲେ। ଏଥି ସହ ସ୍ୱ-ଗଣନା ପୋର୍ଟାଲ ମାଧ୍ୟମରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାର ସୁବିଧା ଗୃହ ଗଣନା ପୂର୍ବରୁ ଅର୍ଥାତ ୧ ଏପ୍ରିଲରୁ ୧୫ ଏପ୍ରିଲ ୨୦୨୬ ମଧ୍ୟରେ ଦାଖଲ କରିପାରିବେ । ସଠିକ ଜନସଂଖ୍ୟା ଗଣନା ବିଭିନ୍ନ ଆକଳନରୁ ଦ୍ୱନ୍ଦ ଦୂର କରି ଜନସଂଖ୍ୟାର ଏକ ନିର୍ଣ୍ଣାୟକ, ସରକାରୀ ଗଣନା ପାଇବା, ବୟସ, ଲିଙ୍ଗ, ଶିକ୍ଷା, ସାକ୍ଷରତା, ଧର୍ମ, ଭାଷା ଏବଂ ବୈବାହିକ ସ୍ଥିତି ସମେତ ଜନସଂଖ୍ୟା ଗଠନ ଉପରେ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଏବଂ ପ୍ରକାଶନ କରିବା ସମ୍ପର୍କରେ ଏହି ଗଣନା ସହାୟତା କରିଥାଏ। ଶ୍ରମଶକ୍ତି, ନିଯୁକ୍ତି ଏବଂ ଗଠନ ଏବଂ ବୈଶିଷ୍ଟ୍ୟ ମାପ କରିବା, ଗୃହ ନିର୍ମାଣ ଅବସ୍ଥା, ସୁବିଧାର ଉପଲବ୍ଧତା ମୂଲ୍ୟାଙ୍କନ କରିବା ଏବଂ ସ୍କୁଲ, ହସ୍ପିଟାଲ ଓ ପରିବହନ ଭଳି ସାମାଜିକ ଭିତ୍ତିଭୂମି ଚିହ୍ନଟ କରିବାରେ ସହାୟତା କରିବା ଏବଂ ନିର୍ବାଚନ ସୀମା ପୁନଃନିର୍ମାଣ କରିବା ପାଇଁ ତଥ୍ୟ ପ୍ରଦାନ କରିବା, ସରକାର, ଏନଜିଓ ଏବଂ ବ୍ୟବସାୟଗୁଡ଼ିକୁ ନୀତି ଏବଂ କାର୍ଯ୍ୟକ୍ରମ ଯୋଜନା, ତଦାରଖ ଏବଂ ମୂଲ୍ୟାଙ୍କନ କରିବାକୁ ସକ୍ଷମ କରିବା, ସମୟ ସହିତ ଜନସଂଖ୍ୟାରେ ପରିବର୍ତନ, ଯେପରିକି ସହରୀକରଣ ଏବଂ ପ୍ରବାସ ଢାଂଚା ବିଶ୍ଳେଷଣ କରିବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ବୈଠକରେ ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନାର ସହକାରୀ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ଚନ୍ଦ୍ର ମୋହନ ମହାନ୍ତ, ପରିସଂଖ୍ୟାନ ଅନୁଧ୍ୟାନକାରୀ ବିଜୟ କୁମାର ସାହୁ, ଜିଲ୍ଲାର ସମସ୍ତ ତହସିଲଦାର ତଥା ଚାର୍ଜ ଅଫିସର, ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର, ସହକାରୀ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇଲେରିଆ ରୋଗ ନିରାକରଣ ଓ କୃମି ନାଶକ ନିମନ୍ତେ ଜିଲାସ୍ତରୀୟ ଔଷଧ ସେବନ କାର୍ଯ୍ୟକ୍ରମ

ଧର୍ମଶାଳା, ୧୧/୨ (ନି.ପ୍ର): କୃମି ନାଶକ ଦିବସ ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ରାଉତରାପୁର ପଂଚାୟତ କୁଣ୍ଡପାଟଣାସ୍ଥିତ ଦର୍ଶନ ହାଇସ୍କୁଲ ପରିସରରେ ଫାଇଲେରିଆ ରୋଗ ଓ କୃମି ନାଶକ ନିମନ୍ତେ ଜିଲା ସ୍ତରୀୟ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ବ୍ଲକ ସହଶିକ୍ଷାଅଧିକାରୀ ଡ. ପ୍ରଭଞ୍ଜନ ପତିଙ୍କ ସଭାପତିତ୍ୱରେ ଉଦଘାଟକଭାବେ ଯାଜପୁର ଜିଲାପାଳ ଅମ୍ବର କୁମାର କର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର,ସମ୍ମାନୀତ ଅତିଥିଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ଓଡିଶା ଦାୟିତ୍ୱରେ ଥିବା ଅବଜରଭର ଡ. ରାମପାଲ ସିଂହ,ରାଜ୍ୟ ପରାମର୍ଶଦାତା ଡ. ସ୍ୱାତୀ କୁମାରୀ,ଡବ୍ଲୁଏଚଓ ଜୋନାଲ ସଂଯୋଜକ ଡ. ନିତିଶ ରଂଜନ ଦାସ,ପିସିଏଲ ଓଡିଶା ଡ. ଅଜିତ ବସନ୍ତରାୟ,ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ରଶ୍ମି ରଂଜନ ପଶାୟତ, କୁଣ୍ଡପାଟଣା ମେଡିକାଲ ଅଧିକାରୀ ଡ. ରଶ୍ମିତା ରାଉତ,ରାଉତରାପୁର ସରପଂଚ ସ୍ୱର୍ଣ୍ଣଲତା ସାହୁ , ଦର୍ଶନ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁସମା ସାମଲ ଓ ସିଆରସିସି ଯିତେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଫାଇଲେରିଆ ରୋଗର କାରଣ ଓ ନିରାକରଣ ଏବଂ କୃମି ନାଶକ ଔଷଧ ସେବନ ବ୍ୟବହାର ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଯାଜପୁର ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଜିଲାପାଳ ଶ୍ରୀ କର ଆହ୍ୱାନ ଦେବା ସହିତ ନିଜେ ଫାଇଲେରିଆ ଓ କୃମି ନାଶକ ଔଷଧ ସେବନ କରିବା ସହିତ ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନଙ୍କୁ ଏହି ଔଷଧ ଖୁଆଇ ଥିଲେ । ରାଉତରାପୁର ପଂଚାୟତ ପକ୍ଷରୁ ଅତିଥିଗଣ ସମସ୍ତ ସ୍ୱାସ୍ଥ୍ୟ କର୍ମୀ,ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଶେଷରେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଔଷଧ ସେବନ କାର୍ଯ୍ୟକ୍ରମ ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି ।

# ଜେଏସଡବ୍ଲ୍ୟୁ ସମର୍ଥ ଯୁବ ବିକାଶ କେନ୍ଦ୍ର ଶିକ୍ଷିତ ଯୁବ ଗୋଷ୍ଠୀ ପାଇଁ ରୋଜଗାରର ମାଧ୍ୟମ



ପାରାଦୀପ, ୧୧/୨ (ନି.ପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ସହଯୋଗରେ ନୂଆଗାଁର ଏକ ବନ୍ଦ ରହିଥିବା ପ୍ରାଥମିକ ବିଦ୍ୟାଳୟକୁ ଜେଏସଡବ୍ଲ୍ୟୁକୁ ପୂର୍ବରୁ ପ୍ରଦାନ କରାଯାଇଥିଲା । ସେଠାରେ ଜେଏସଡବ୍ଲ୍ୟୁ ସମର୍ଥ ଯୁବ ବିକାଶ କେନ୍ଦ୍ର ଓ ଗୁରୁକୂଳ ଫାଉଣ୍ଡେସନ୍ ମିଳିତ ସହଭାଗିତାରେ ଶିକ୍ଷିତ ଯୁବକ-ଯୁବତୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି, କମ୍ପ୍ୟୁଟର ଶିକ୍ଷା, ପ୍ରାକ୍ଟିସ୍ ଟେଷ୍ଟ ଏବଂ ବ୍ୟକ୍ତିତ୍ୱ ବିକାଶ ପ୍ରଶିକ୍ଷଣ ଦିଆଯାଉଛି। ପ୍ରତ୍ୟେକ ଛଅ ମାସର ବ୍ୟାଚରେ ସର୍ବାଧିକ ଷାଠିଏ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରନ୍ତି। ଏହି କେନ୍ଦ୍ରରେ ଗ୍ରାମୀଣମାନଙ୍କୁ ସମ୍ପୂର୍ଣ୍ଣ ନିଶୁଳ୍କ କୋଚିଂ ଦିଆଯାଉଛି, ଯାହା ସହର ସ୍ତରର ସୁବିଧା ସହିତ ସମାନ କହିଲେ ଅତ୍ୟୁକ୍ତି ହେବନାହିଁ। କ୍ଲାସ୍‌ରୁମ୍ ପାଠପଢା, ପାଠ୍ୟସାମଗ୍ରୀ, ମକ୍ ଟେଷ୍ଟ, କମ୍ପ୍ୟୁଟର ସୁବିଧା, ଏକାଡେମିକ୍ ମେଣ୍ଟରିଂ ଏବଂ ସଂଗଠିତ ମାର୍ଗଦର୍ଶନ ଯୋଗାଯାଉଛି। ବ୍ୟକ୍ତିତ୍ୱ ବିକାଶ, ଯୋଗାଯୋଗ କୌଶଳ, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ଭାଇଭା-ଭେସ/ ଇଣ୍ଟରଭ୍ୟୁ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ପାଞ୍ଚମ ବ୍ୟାଚ୍ ଚାଲୁଛି। ଗତ ଦୁଇ ବର୍ଷରେ ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରକଳ୍ପରୁ ଲାଭାନ୍ୱିତ ହୋଇଛନ୍ତି। ୨୧ ଜଣ ସରକାରୀ ପରୀକ୍ଷାରେ ସଫଳ ହୋଇଛନ୍ତି, ତାଙ୍କ ମଧ୍ୟରୁ ତିନି ଜଣ ବିଭିନ୍ନ ସରକାରୀ ସଂସ୍ଥାରେ କାର୍ଯ୍ୟରତ, ଯାହାରେ ଗଡକୁଜାଙ୍ଗାର ଜଣେ ଛାତ୍ର ଓପିଏସସି ମାଧ୍ୟମରେ ଓଡିଶା ସିଭିଲ ସର୍ଭିସ୍ ରେ ଚୟନିତ ହୋଇଛନ୍ତି। କେନ୍ଦ୍ରର ୨ ଜଣ ଶିକ୍ଷକ ମଧ ଓଡିଶା ସିଭିଲ ସର୍ଭିସ୍ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ପ୍ରୋବେସନରେ ଅଛନ୍ତି। ୭୦ରୁ ଅଧିକ ଛାତ୍ର ଓଡ଼ିଶା ଏବଂ ବାହାରେ ନିଯୁକ୍ତି ପାଇଛନ୍ତି। ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ବ୍ୟାଚ୍ ସମାପ୍ତି ପରେ ମଧ ଛାତ୍ରମାନଙ୍କ ଅଗ୍ରଗତି ଉପରେ ନିୟମିତ ଦୃଷ୍ଟି ରଖୁଛି। ସ୍ୱୟଂଅଧ୍ୟୟନ ପାଇଁ କେନ୍ଦ୍ରର ଲାଇବ୍ରେରୀ ବ୍ୟବହାରକୁ ପ୍ରୋତ୍ସାହନ ଦିଆଯାଉଛି। ଆରମ୍ଭରେ କେବଳ ISP DIZ ଗାଁଗୁଡିକରୁ ଭର୍ତ୍ତି ହେଉଥିଲେ ମଧ, ବର୍ତ୍ତମାନ IIZ ଅଞ୍ଚଳରୁ ମଧ ଛାତ୍ରଛାତ୍ରୀ ଆସୁଛନ୍ତି। ବର୍ତ୍ତମାନ ପ୍ରାୟ ୨୫% ଛାତ୍ର ୧୫ କି.ମି. ଦୂରରୁ ଆସୁଛନ୍ତି, କେହି ୪୫ କି.ମି. ଦୂରରୁ ନୂଆଗାଁରେ ରହି ପଢୁଛନ୍ତି। ଏହି କେନ୍ଦ୍ର ମହିଳା ଛାତ୍ରୀମାନଙ୍କ ପାଇଁ ବିଶେଷ ଉପକାରୀ ହୋଇଛି। ପ୍ରତ୍ୟେକ ବ୍ୟାଚରେ ୬୫–୭୦% ଝିଅ ଛାତ୍ରୀ ଅଛନ୍ତି। ଏହା ସମୁଦାୟର ମନୋଭାବରେ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରମାନେ ଭଡାଘରେ ରହିବାରୁ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି ହେଉଛି, ଦୋକାନ ଓ ସେବା ପ୍ରଦାନକାରୀମାନେ ମଧ ଲାଭାନ୍ୱିତ ହେଉଛନ୍ତି। ନୂଆଗାଁର ସଫଳତାରୁ ପ୍ରେରିତ ହୋଇ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଅନ୍ୟାନ୍ୟ ବଡ଼ କମ୍ପାନୀମାନେ ଏପରି ନିଶୁଳ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ସମର୍ଥ ଯୁବ ବିକାଶ କେନ୍ଦ୍ରକୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ସାମାଜିକ ବିକାଶ ଦାୟିତ୍ୱବୋଧର ଅଂଶ ଭାବେ କାର୍ଯ୍ୟକରୁଥିବା ନେଇ ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବାଣିଜ୍ୟ ଚୁକ୍ତି, ଏପ୍‌ଷ୍ଟିନ୍ ଫାଇଲ ...

ଉଲ୍ଲେଖ କରି ରାହୁଲ କହିଛନ୍ତି ଯେ, ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପାକିସ୍ତାନ ସହିତ ସମାନ ବ୍ୟବହାର କରାଯିବା ଉଚିତ୍ ନୁହେଁ। ରାହୁଲ ଗାନ୍ଧୀ ଦାବି କରିଥିଲେ ଯେ ସରକାର ଡିଜିଟାଲ ନୀତିର ପ୍ରମୁଖ ଦିଗଗୁଡ଼ିକ ସହିତ ସାଲିସ୍ କରିଛନ୍ତି, ଯୁକ୍ତି ଦେଇଛନ୍ତି ଯେ ଭାରତର ତଥ୍ୟ ହେଉଛି ଏହାର ଏକବିଂଶ ଶତାବ୍ଦୀର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ଭାରତର ଆମେରିକାକୁ ନିଜର ଡେଟା ସମର୍ପଣ କରିଛି। ଆମେରିକୀୟ ଡଲାରକୁ ସୁରକ୍ଷା ଦେବାର ଚାବିକାଠି ହେଉଛି ଭାରତୀୟ ତଥ୍ୟ।

### ଭିଜିଲାନ୍ସ ଜାଲରେ...

୫ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୮ ଜଣ ଇନ୍‌ସପେକ୍ଟର, ୧୪ ଜଣ ଏଏସ୍ଆଇ ଓ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଚଢ଼ଉ ସମୟରେ ଭିଜିଲାନ୍ସ ବହୁ ସଂପତ୍ତିର ପ୍ରମାଣ ପାଇଛି। ହାକିମପଡ଼ାରେ ତାଙ୍କର ଏକ ବିଳାସପୂର୍ଣ୍ଣ ୩ ମହଲା ଘର ଦେଖିବାକୁ ମିଳିଛି। ଏଥିରେ ବହୁ ମୂଲ୍ୟବାନ ସୌଖୀନ ସାମଗ୍ରୀ ଲାଗିଛି। ଏହାର ମୂଲ୍ୟ ଆକଳନ ଚାଲିଥିବା ଭିଜିଲାନ୍ସ କହିଛି। ସେହିପରି ତାଙ୍କ ପାଖରୁ ୪୫୦ ଗ୍ରାମ୍ ସୁନା, ଗୋଟିଏ ସ୍କୋଡା କାର ଓ ଗୋଟିଏ ୩ ଚକିଆ ଗାଡ଼ି ମିଳିଛି। ଏହା ବାଦ୍ ଅନେକ ବ୍ୟାଙ୍କ ପାସ୍‌ବୁକ୍, ପୋଷ୍ଟାଲ ଜମାଖାତା ସହ ବହୁ କାଗଜପତ୍ର ଜବତ କରିଛି।

### ୨ ବିଭାଗରେ ନୂଆ ...

ଏମଏସଏମଇ ବିଭାଗର ସଚିବ ଭାବେ ବଦଳି କରାଯାଇଛି । ତାଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ଅଧକ୍ଷ ତଥା ସିଇଓ ସହ ଓରସାକ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ୨୦୦୯ ବ୍ୟାଚ୍ ଆଇଏଏସ୍ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମଏସଏମଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି । ତାଙ୍କୁ ଇଡ଼କୋ ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ଣ୍ଣକାଳୀନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ ଏମଏସଏମଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ ।

# ପାଣିଟ୍ୟାଙ୍କର ଧକ୍କାରେ ପିଅନ ମୃତ: ରାଜ୍ୟ ରାଜପଥ ୧୯ ଅବରୋଧ

ନୀଳଗିରି, ୧୧/୨ (ନି.ପ୍ର): ଜୈନିକ ଚତୁର୍ଥଶ୍ରେଣୀ କର୍ମଚାରୀ ନିଜ ମଟରସାଇକେଲରେ ଯାଉଥିବାବେଳେ ଏକ ପାଣିଟ୍ୟାଙ୍କର ଧକ୍କାଦେବାରୁ ଘଟଣାସ୍ଥଳରେ ତାଙ୍କର ଜୀବନଯାଇଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ ଅସନବଣୀ ଗ୍ରାମର ରୁହ୍ୟା ସିଂଙ୍କ ପୁଅ ବାବୁଲିବନ୍ଧୁ ସିଂ (୫୪) ତେଲିପାଳ ହାଇସ୍କୁଲରେ ପିଅନଭାବେ କାର୍ଯ୍ୟକରନ୍ତି। ପ୍ରତିଦିନ ଭଳି ଆଜି ସକାଳ ପ୍ରାୟ ୮.୩୦ସମୟରେ ଓଡି ୦୧-ଜି ୨୨୪୦ନଂ ହୋଣ୍ଡାସାଇନ୍ ଗାଡ଼ିରେ ତେଲିପାଳ ସ୍କୁଲକୁ ଯାଉଥିବା ସମୟରେ ନୀଳଗିରି - କପ୍ତିପଦା ୧୯ନଂ ରାଜ୍ୟ ରାଜପଥର କୁଳଡିହା ହୋଟେଲ ନିକଟରେ ଉକ୍ତ ରାସ୍ତାନିର୍ମାଣରେ ନିୟୋଜିତ ଓଆର -୦୪ସି ୪୫୫୭ନଂ ଏକ ପାଣିଟ୍ୟାଙ୍କରର ଡ୍ରାଇଭର ହଠାତ୍ ଡାହାଣକୁ କାଟିଦେବାରୁ ବାବୁଲି ବନ୍ଧୁଙ୍କ ମଟରସାଇକେଲରେ ଜୋର୍ ଧକ୍କା ହୋଇଥିଲା। ଫଳରେ ବାବୁଲି ଛିଟିକି ପଡ଼ିବାରୁ ତାଙ୍କର ଛାତି, ମୁଣ୍ଡ , ମୁହଁରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟଲୋକ ଉଦ୍ଧାରକରି ବରହମପୁର ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତଘୋଷଣା କରିଥିଲେ। ଖବର ପ୍ରଚାରିତ ହେବାପରେ ବିଦ୍ୟାଳୟରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟିହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ରାଜପଥ ଅବରୋଧକରି ନ୍ୟାୟ ଦାବିରେ ଧାରଣାରେ ବସିଥିଲେ। ପରେ ପୋଲିସ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସାହାଯ୍ୟରେ ଘଟଣାର ସମାଧାନ କରାଯାଇ ମୃତ ବାବୁଲିବନ୍ଧୁଙ୍କ ପରିବାରକ ଶବସତ୍କାର ପାଇଁ ୧୦ହଜାର ଟଙ୍କା ଏବଂ ୩ଲକ୍ଷଟଙ୍କାର ଏକ ଚେକ୍ ଦୁର୍ଗା କନଷ୍ଟ୍ରକ୍ସନ୍ କମ୍ପାନୀପକ୍ଷରୁ ପ୍ରଦାନ କରାଯାଇଥିଲା। ପରେ ରାସ୍ତାଅବରୋଧ ହଟିଥିବା ଜଣାପଡ଼ିଛି। ତେବେ ମୃତ ବାବୁଲିବନ୍ଧୁଙ୍କ ପୁଅ ଅଜୟ ସିଂ ବରହମପୁର ଥାନାରେ ଏକ ଲିଖିତ ଅଭିଯୋଗକରିଥିବା ଜଣାଯାଇଛି।

# ବାଲେଶ୍ୱର ମେଡିକେୟାର ଡାଇଗ୍ନୋଷ୍ଟିକ୍‌ରେ ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ ଦ୍ୱାରା ଏକ ମିଳିତ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୧୧/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁଏଲ୍ ପୁର ରେ,ମିର୍ଜା ପୋଖରୀ ନିକଟରେ , ବାଲେଶ୍ୱର ମେଡ଼ିକେୟାର ଡାଇଗ୍ନୋଷ୍ଟିକ ର ପ୍ରତିଷ୍ଠାତା ଅଶ୍ୱିନୀ ଗିରି ଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ୧୦ ତାରିଖ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ନିର୍ମଳ କୁମାର ମୁଖାର୍ଜୀ ଓ ଅଶ୍ୱିନୀ ଗିରି ମଧ୍ୟରେ ଗ ଙ ଟ ସାକ୍ଷର ହୋଇଥିଲା । ପ୍ରୋଜେକ୍ଟ କୋଡ଼ିନେଟ ର ପୂର୍ବତନ ସଭାପତି ନିରଞ୍ଜନ ମହାନ୍ତି ତଥ୍ୟ ପ୍ରଦାନ କରିଥିଲେ । ଯାହାର ଉଦ୍ଦେଶ୍ୟ ମିଶନ ସୁସ୍ଥ ବୃକକ ଓ ସୁସ୍ଥ ସମାଜ ନାମରେ ଏକ କାର୍ଯ୍ୟକ୍ରମ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର କୁ ଆରମ୍ଭ କରାଯାଇଛି ଏହି ଶିବିର ମାଧ୍ୟମରେ ବିଭିନ୍ନ ପରୀକ୍ଷା ନିଃଶୁଳ୍କ ରେ ସମସ୍ତ ରୋଗୀଙ୍କୁ ଯୋଗେଇ ଦିଆଯିବ । ଏହି ଶିବିରରେ ' ପି ଏଫ ଟି' ପରୀକ୍ଷା ସହିତ ଡକ୍ଟର ଅମିୟ ଦତ୍ତ ଗିରୀଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯିବ । ଏହି ଶିବିର ଟି ପ୍ରତ୍ୟେକ ମାସ ଦ୍ୱିତୀୟ ଶନିବାର ସକାଳ ୭ ରୁ ୧୧ ଯାଏ କରାଯିବ । ଏହା ଦ୍ୱାରା ଅଧିକ ରୁ ଅଧିକ ଲୋକ ଉପକୃତ ହେବାର ଲକ୍ଷ ରଖାଯାଇଅଛି । ସମାଜ ର ଚତୁର୍ଥ ସ୍ତମ୍ଭ ଏବଂ ସାମ୍ବାଦିକତା କୁ ସନ୍ମାନ ଅର୍ଥ ରେ ସାମ୍ବାଦିକ ଓ ତାଙ୍କ ପରିବାର ବର୍ଗ ପାଇଁ ୨୦% ପାଥଲୋଜିକାଲ ପରୀକ୍ଷା ରେ ରିହାତି ଦିଆଯିବ ବୋଲି ପରିପ୍ରକାଶ କରାଯାଇଥିଲା ।

# ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତି ବୈଠକ : ଅଫିସରମାନଙ୍କୁ ତାଗିଦ କଲେ ବଡ଼ସାହି ବିଧାୟକ




ବେତନଟୀ, ୧୧/୨ (ନି.ପ୍ର): ବେତନଟୀ ବ୍ଲକ ସଭାଗୃହ କକ୍ଷ ଠାରେ ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ସୁତାର ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବେତନଟୀ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ କୌଶଲ୍ୟା ମାଝୀ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୌତମ କିଷାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଦାଶ, ବାରିପଦା ପି ଏ ଆଇ ଟି ଡିଏ ଶ୍ରୀ ପ୍ରଣୟ ରଞ୍ଜନ ବେହେରା,ଏ ସି ଏଫ ଏସ. କେ. ମେହେରବାନ ଅଲ୍ଲୀ, ତହସିଲଦାର ଚନ୍ଦ୍ରଜିତ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମିନତୀ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ହୋଇ ଥିବାବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ ପାଇଁ ଉପସ୍ଥିତ ଥିଲେ। ବଡ଼ସାହି ବିଧାୟକ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ସାହି ଓ ବେତନଟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ମାନ୍ୟବର ବିଧାୟକ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ମୁଖ୍ୟତଃ ସ୍ୱାସ୍ଥ୍ୟ, ବନ, କୃଷି, ଉଦ୍ୟାନ କୃଷି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ,କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ସାଧାରଣ ଯୋଗାଣ,ମାଇନିଂ, ପ୍ରାଣୀ ଚିକିତ୍ସା, ମତ୍ସ୍ୟ,ସ୍ୱାସ୍ଥ୍ୟ,ଆଇନ ଶୃଙ୍ଖଳା, ଶ୍ରମ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଏତଦ ବ୍ୟତୀତ ବିଭିନ୍ନ ବିଭାଗଗୁଡିକ ପାଇଁ ବିଭିନ୍ନ ସ୍କିମରେ ଜିଲ୍ଲାକୁ ଆସୁଥିବା ବାର୍ଷିକ ସରକାରୀ ପାଣ୍ଠିର ପରିମାଣ ଏବଂ ସମୁଦାୟ ପାଣ୍ଠି ପରିମାଣ ମଧ୍ୟରୁ ବଡ଼ସାହି ଓ ବେତନଟୀ ବ୍ଲକ ପାଇଁ ଉଦିଷ୍ଟ ପରିମାଣ କେତେ ଓ ଏହା କିପରି ବିନିଯୋଗ ହୋଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲରୁ ଇସ୍ୟୁ ହେଉଥିବା ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇବାରେ ଲୋକମାନେ ଯେମିତି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ତହସିଲଦାର ମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



ନୀଳଗିରି , ୧୧/୨ (ନି.ପ୍ର): ନୀଳଗିରି ଉପଖଣ୍ଡ ସଦରମହକୁମାରେ ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୫-୨୬ ଉଦଯାପିତ ହୋଇଯାଇଛି।ଏହି କୃଷିଯନ୍ତ୍ରପାତି ମେଳାର ଅଧକ୍ଷ ତଥା ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦଯାପନ ଦିବସରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ମୁଖ୍ୟଜିଲ୍ଲା କୃଷିଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ବେହେରା , କୃଷିଉଦ୍ୟାନ ସହକାରୀ ଉପ - ନିର୍ଦ୍ଦେଶକ ଶ୍ରୀଯୁକ୍ତ ଗୋପୀନାଥ କର, କୃଷିଜିଲ୍ଲା ଅଧିକାରୀ ଡ. ସମତା ମହାନ୍ତ,ଗୋଷ୍ଠୀକୃଷି ଅଧିକାରୀ ଶ୍ରୀମତୀ ମିତାଲି ନାୟକ ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥିଗଣ ଯୋଗ ଦେଇଥିଲେ।ଏହି ମେଳାରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥିବୃନ୍ଦ ମୁଖ୍ୟମନ୍ତ୍ରୀ କୃଷିଉଦ୍ୟୋଗ ଯୋଜନାର ଭରପୁର ସୁଯୋଗ ନେବାପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଗୋ - ସୁଗୋମ ପୋର୍ଟାଲ ଜରିଆରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଉଥିବା ସଂପର୍କରେ ଅବଗତ କରିଥିଲେ। ରାସାୟନିକ ସାର ବଦଳରେ ଜୈବିକ ପଦ୍ଧତିରେ ସାର୍ ପ୍ରସ୍ତୁତ କରି ଜମିରେ ବ୍ୟବହୃତ ଗୁଣବତ୍ତା ଖାଦ୍ୟ ଶସ୍ୟ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜିର ଉଦଯାପନୀ ଦିବସରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଚାଷୀମାନଙ୍କୁ ନେଇ ବିଭିନ୍ନଚାଷ ସମ୍ବନ୍ଧୀୟ ଆଲୋଚନା ଚକ୍ର ପାଠଶାଳା ଅନୁଷ୍ଠିତ ହୋଇଥିଲା। ଏତଦ୍ ଭିନ୍ନ ବିଭିନ୍ନ କୃଷିକ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ହିତାଧିକାରୀଙ୍କୁ ମାନପତ୍ର ଉପଢୌକନ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ସରକାରୀ ଯୋଜନା ମାଧ୍ୟମରେ ବିଭିନ୍ନବର୍ଗର ଚାଷୀ ମାନଙ୍କୁ ଧାର୍ଯ୍ୟ ରିହାତି ମୂଲ୍ୟରେ ସମସ୍ତ ଯନ୍ତ୍ରପାତି ବିକ୍ରୟ କରାଯାଇଥିଲା।ଏହି ମେଳାରେ କୃଷି ଯନ୍ତ୍ରପାତି ଉତ୍ପାଦକ ସଂସ୍ଥା ,ବିଭିନ୍ନ କୃଷି ଆନୁଷଙ୍ଗିକ ବିଭାଗ,ମିଲେଟ ମିଶନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉଭୟ ବ୍ଲକର କୃଷିଆନୁଷଙ୍ଗିକ ବିଭାଗର କର୍ମକର୍ତ୍ତା ସହ ମୋଟ ୫୦ଗୋଟି ଷ୍ଟଲ୍ ର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ମନ୍ଦିରରେ ପୂଜା ପାଇଁ ଏସ୍‌ପିଙ୍କୁ ଭେଟିଲେ ଦଳିତ ପରିବାର

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ଗ୍ରାମରେ ନିଜସ୍ୱ ପାଣ୍ଠିରେ ଦଳିତ ପରିବାର ନିର୍ମାଣ କରିଥିବା ଶିବ ମନ୍ଦିରରେ ପୂଜା କରିବାକୁ ସ୍ଥାନୀୟ କିଛି ସବର୍ଣ୍ଣ ବ୍ୟକ୍ତି ବିରୋଧ କରିବାରୁ ଦଳିତ ପରିବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିବା ଜଣାପଡିଛି। ଏହି ଦଳିତ ପରିବାର ଦୀର୍ଘ ୩୦ ବର୍ଷ ହେଲା ଉକ୍ତ ମନ୍ଦିରରେ ପୂଜାପାଠ କରି ଆସୁଥିବାବେଳେ ମନ୍ଦିରକୁ ପ୍ରବେଶ ନ କରିବା ପାଇଁ ଏମାନଙ୍କୁ ଧମକ ଚମକ ଦେଉଛନ୍ତି। ଏ ନେଇ ଏହି ପରିବାର ଅଭିଯୁକ୍ତମାନଙ୍କୁ ଧରିବା ସହିତ ମନ୍ଦିରରେ ପୂଜାପାଠ କରିବା ପାଇଁ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି।

# ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ବିଷୟରେ ସଚେତନତା ଶିବିର



ଜଳେଶ୍ୱର: ଜଳେଶ୍ୱର ବିଜ୍ଞାପିତ ପରିଷଦ ସଭାଗୃହରେ ପ୍ରଧାନ ମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ସମ୍ବନ୍ଧ ରେ ଏକ ସଚେତନତା ଏବଂ ପଞ୍ଜୀକୃତ କର୍ମଶାଳା ଆୟୋଜନ କରାଯାଇଥିଲା।ଅଣସଂଗଠିତ କର୍ମଜୀବୀ ମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ଯାହା ୬୦ ବର୍ଷ ପରେ ଜଣେ ବ୍ୟକ୍ତି ନିଉନ୍ନତମ ନିଶ୍ଚିତ ପେନସନ ଆଜୀବନ ପ୍ରତିମାସରେ ୩ ହଜାର ଟଙ୍କା ପାଇବାର ପ୍ରାବଧି ବିଷୟରେ ଯାହା ପ୍ରଧାନମନ୍ତ୍ରୀ ଶ୍ରମଯୋଗୀମାନ ଧନ ଯୋଜନା ଅଟେ।ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାଶ୍ରମ କାର୍ଯ୍ୟାଳୟ ବାଲେଶ୍ୱର ଏହି ଯୋଜନା ବିଷୟରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶ୍ରମଜୀବୀ ପୁରୁଷ ଓ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱର ପୌରପାଳିକାର ଅଧକ୍ଷ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ପ୍ରାରମ୍ଭିକ ଭାବେ ସୂଚନା ଦେଇଥିବା ବେଳେ ଜଳେଶ୍ୱର ବ୍ଲକ ଦାୟିତ୍ୱରେ ଥିବା ସହ ଶ୍ରମ ଅଧିକାରିଣୀ ଶିବାଙ୍ଗୀ ହେମ୍ବରମ୍ ତଥା ଅନ୍ୟ ସହ ଶ୍ରମଅଧିକାରିଣୀ ରାକ୍ଷୀ ବିଶ୍ୱାଳ ସରକାରଙ୍କଏହି ଯୋଜନା ବିଷୟରେ ବିସ୍ତୃତ ଭାବରେ ବୁଝାଇ ଦେବାସହ ଉତ୍ସାହୀତ କରିଥିଲେ। ଡ଼ାଟା ଏଣ୍ଟ୍ରି ଅପ୍ରେଟର ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ସ୍ୱାଇଁ ପରିଚାଳନାରେ ବିଶେଷ ଭୂମିକା ନେଇଥିବା ବେଳେ ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ରମଜୀବୀ ପୁରୁଷ ବିଶେଷକରି ଅଧିକ ସଂଖ୍ୟକ ୪୦ରୁ ୫୦ ମହିଳା ଯୋଗ ଦେଇଥିଲେ।

# ଜଗବନ୍ଧୁ ନୋଡାଲ ବିଦ୍ୟାପୀଠ ବରଣ୍ଡୁଆର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାସୁଦେବପୁର, ୧୧/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠ ବରଣ୍ଡୁଆର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମି ରଞ୍ଜିତା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ ଓ ସ୍କୁଲ୍ ପରିଚାଳନା କମିଟି ସଭାପତି ସରୋଜ ନଳିନୀ ମହାନ୍ତି। ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟତ୍ରୀ ସୁଚିଶ୍ମିତା ଶୁକ୍ଳ। ଏହି ଉତ୍ସବରେ ଶିକ୍ଷକ ଶ୍ରୀକାନ୍ତ ପାକଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷୟତ୍ରୀ ଜୟନ୍ତୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରୀ ଶାନ୍ତିଲତା ପଣ୍ଡାଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ତିନି ସେଟ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ଶିକ୍ଷକ ଶଶିକାନ୍ତ ମହାନ୍ତି, ରଞ୍ଜନ ଧଳ,ଆଶୁତୋଷ ପ୍ରଧାନ, ଜୟନ୍ତ ସିଂହ,ଶିକ୍ଷୟତ୍ରୀ ସଂଯୁକ୍ତା ବେହେରା, ଜୟଶ୍ରୀ ପାଢ୍ରୀ, କୁନ୍ତଳା ନାୟକ,ଶ୍ରଦ୍ଧାଞ୍ଜଳି ମହାପାତ୍ର, ଅଙ୍କିତା ଦେ, ପ୍ରିୟଙ୍କା ପ୍ରିୟ ଦର୍ଶନି ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ଅର୍ଥନୀତି ହିଁ ଦେଶର ମେରୁଦଣ୍ଡ ଅଟେ : ଶଶିଭୂଷଣ ପାଣିଗ୍ରାହୀ

ଉଦଳା, ୧୧/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । 'ଆଧାରିକ ସଂରଚନା ଅର୍ଥନୈତିକ ଅଗ୍ରଗତିର ମୂଳଦୁଆ' ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଅର୍ଥନୀତି ହିଁ ଦେଶର ମେରୁଦଣ୍ଡ ବୋଲି ବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ପ୍ରଣତି ରାଜ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଯେଉଁ ଦେଶର ଅର୍ଥନୀତି ଯେତେ ସୁଦୃଢ଼ ସେ ଦେଶ ସେତେ ଉନ୍ନତ ଓ ସମୃଦ୍ଧ ଦେଶ ରୂପେ ପରିଗଣିତ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। କପ୍ତିପଦା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଧାପିକା ନିବେଦିତା ପଣ୍ଡା ଅତିଥି ଭାବରେ ଯୋଗ ଦେଇ ବିଷୟବସ୍ତୁ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ରୀ ମନିଷା ମୁର୍ମୁ, ନନ୍ଦିନି ଗୁପ୍ତା, ହିରା ମାର୍ଣ୍ଡି, ଶୁଶିଳା ବେଶ୍ରା ଓ ପ୍ରିୟଦର୍ଶନି ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ପ୍ରାରମ୍ଭରେ ଅଧାପିକା ମଂଜୁଳା କଲିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ସାଗରିକା ଷଣ୍ଢ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ଚମ୍ପିୟାନସିପରେ ମହିଳା ପୋଲିସଙ୍କ ସ୍ୱର୍ଣ୍ଣ ପଦକ ହାସଲ

ବାରିପଦା , ୧୧/୨ (ନି.ପ୍ର): ଉତ୍କଳ କାରାଟେ ସ୍କୁଲ, ଭୁବନେଶ୍ୱର ପରିସରରେ ଓଡିଶା ଶକ୍ତି ଉତ୍ତୋଳନ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୩୨ ତମ ରାଜ୍ୟ ଶକ୍ତି ଉତ୍ତୋଳନ ଚମ୍ପିୟାନସିପରେ ଓଡିଶା ପୋଲିସ, ମୟୁରଭଞ୍ଜର ରୁପାଲୀ ପଲେଇ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ ବିଭାଗ ସହିତ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ମୋରଡା ବ୍ଲକ ଅନ୍ତର୍ଗତ ସୁରେଇଦିହି ଗ୍ରାମ ନିବାସୀ ସୋମନାଥ ପଲେଇ ଓ ସେବତୀ ପଲେଇଙ୍କ ସୁପୁତ୍ରୀ ରୁପାଲୀ ପାଠ ପଢିବା ସହ ଶକ୍ତି ଉତ୍ତୋଳନ ପ୍ରତି ଆକୃଷ୍ଟ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ନିଜ ପ୍ରଚେଷ୍ଟାରେ ଓ କଠୋର ପରିଶ୍ରମ ବଳରେ ସେ ରାଜ୍ୟ ଏବଂ ଜାତୀୟ ସ୍ତରରେ ବହୁବାର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବିବାହ ପରେ ଏବଂ ପୋଲିସ ବିଭାଗରେ କାର୍ଯ୍ୟ ବ୍ୟସ୍ତତା ଭିତରେ ଥାଇ ମଧ୍ୟ ପୁଣି ଥରେ ଏ ବର୍ଷ ସ୍ୱର୍ଣ୍ଣ ପଦକ ହାସଲ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଓ ବର୍ତ୍ତମାନ ସେ ଜିଲ୍ଲା କ୍ରୀଡା ବିଭାଗରେ କୋଚ ଭାବେ କାର୍ଯ୍ୟ ତୁଲାଉଛନ୍ତି । ଖବର ପାଇ ପୋଲିସ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ପୋଲିସ ଆର ଆଇ



ଆଲୋକ କୁମାର କାନୁନଗୋ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ଶୁଭାଶିଷ ନାୟକ, କୋଚ ଅବନୀ ମହାନ୍ତି ଓ ପୋଲିସ ସଙ୍ଘର କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଅନଲାଇନ ସେଫ୍ଟି ସାଇବର ସଚେତନ ଶିବିର

ବାଲିଆପାଳ , ୧୧/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବାଲିଆପାଳ ସିଡ଼ିପିଓ ସୁନିତା ନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବେଟି ବଚାଉ ବେଟି ପଢାଉ ଅନ୍ତର୍ଭୁକ୍ତ ଅନଲାଇନ ସେଫ୍ଟି ସାଇବର ସଚେତନା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର ?ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ ଯୋଗଦେଇ ଥିଲେ। ଏହି କାର ?ୟକ୍ରମରେ ବ୍ଲକରେ ଥିବା ୨୮ ପଞ୍ଚାୟତରୁ ଅଙ୍ଗନବାଡି କର୍ମୀ, ସୁପର ଭାଇଜର, ଆଶାଦିଦି ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କିଶୋରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସାଇବର ଥାନା ଇନ୍ସପେକ୍ଟର ମାନସ ରଞ୍ଜନ ବିଶ୍ୱାଳ ଯୋଗଦେଇ ଏବେ ମୋବାଇଲ ବ୍ୟବହାର କରୁଥିବା ପିଲାଠାରୁ ବୁଢା ପର ?ୟନ୍ତ ସମସ୍ତ ସାଇବର ଠକାମୀରେ ଶିକାର ହେଉଛନ୍ତି, ତେଣୁ ମୋବାଇଲରେ ଅଦରକାରୀ ଆପ ଡାଉନଲୋଡ଼ ନକରିବା, କାହାର ବିଶ୍ୱାସ ଭାଜନ ହୋଇ ଓଟିପିକୁ ସେୟାର ନକରିବା, ଚପଳାମିରେ ବସବର୍ତ୍ତୀ ହୋଇ ଫୋଟ ଭିଡିଓ ସେୟାର ନକରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ସାଇବର ଅନଲାଇନ୍ ସେଫ୍ଟି ଏକ୍ସପୋର୍ଟ ଅଶୋକ ମିର୍ଧା ନିଜକୁ କେମିତି ସାଇବର ରୁ ରକ୍ଷା କରିପାରିବ ଏଲସିଡି ମାଧ୍ୟମରେ ବିଭିନ୍ନ ତରିକା ଦେଖାଥିଲେ । ମଣ୍ଡଳ ପରିଦର୍ଶିକା ଅରସ୍ମିତା ସାହୁ କାର ?ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁପରଭାଇଜର ଅର୍ଚ୍ଚନା ସି, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି, ଇନ୍ଦିରା ପାତ୍ର, କନକଲତା ବାରିକ, ଅଞ୍ଜଳି ମୁର୍ମୁ, କନିଷ୍ଠ କିରାଣୀ ଯୁଧିଷ୍ଠିର ସୁରେନ, ସୁଭଦ୍ରା ବିଭାଗର ଶୁଭେନ୍ଦୁ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତିର ହରିହର ଭେଟ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, ୧୧/୨ (ନି.ପ୍ର): ଭଦ୍ରକସ୍ଥ ଶ୍ରୀ ବାଳଗୋପାଳ ମନ୍ଦିର ପରିସରରେ 'ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି ର ଏକ ବୈଠକ ସମିତିର ମୁଖ୍ୟ ପରିଚ୍ଚଳକ ପଣ୍ଡିତ୍ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଜଗନ୍ନାଥଙ୍କ ସ୍ତୁତିପାଠ ପୂର୍ବକ ବାର୍ଷିକ ପ୍ରତିଷ୍ଠା ସମାରୋହର ଆୟବ୍ୟୟ ପାଠ କରାଯାଇ ଗୃହୀତ ହୋଇଥିଲା। ଏଥିରେ ଆସନ୍ତା ୧୫.୦୨.୨୦୨୬ ରିଖ ମହାଶିବରାତ୍ରୀ ଜାଗର ସମାରୋହରେ ଭଦ୍ରକର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ପୀଠରେ ପତ୍ର ସମିତି ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ହରିହରଙ୍କ ସ୍ତୁତୀ, ଭଜନ, କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟ ଏକ ପ୍ରସ୍ତାବରେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦ ଅନଲାଇନ



ମାଧ୍ୟମରେ ବିକ୍ରି କରାଯାଉଥିବା ସମ୍ବାଦ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଥିବାରୁ ସମିତି ପକ୍ଷରୁ ଏହାକୁ ଘୋର ବିରୋଧ କରାଯିବା ସଂଗେ ସଂଗେ ଏ ସଂପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମନ୍ଦିର ପରିଚ୍ଚଳନା କର୍ତ୍ତୃପକ୍ଷ ଓ ସଭାପତି ଠାକୁର ରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ମହାରାଜ ତଥା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହା ବ୍ୟତିତ ଶ୍ରୀମନ୍ଦିର ନିସିଦ୍ଧା ଅଞ୍ଚଳରେ ଡ୍ରୋନ ଉଡ଼ିବା, ମୋବାଇଲ ବ୍ୟବହାର କରାନଯିବାକୁ ଦୃଢ଼ଦାବୀ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଆବାହକ ଶରତ କୁମାର କର, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ, ଉମେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ଖଟୁଆ କାଳନ୍ଦିଚରଣ ପାଣିଗ୍ରାହୀ, ବାବୁଲାଲ ଦାସ ସମେତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଇଫକୋ ପାରାଦୀପ ୟୁନିଟ୍‌ର ସାମୁହିକ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, ୧୧/୨ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍ ସର୍ବଦା ନିଜର କର୍ମଚାରୀ, ଠିକା ଶ୍ରମିକ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ ଏବଂ ଶିକ୍ଷିତ କରିବା ପାଇଁ ପଦକ୍ଷେପ ନେଇଥାଏ। ଇଫକୋ ବିପର୍ଯ୍ୟୟ ପରିଚାଳନା, ସମ୍ବନ୍ଧୀୟ ବିପଦ ଏବଂ ବିଶେଷକରି ଜରୁରୀକାଳୀନ ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ଯଥା ନିକଟତମ ଗ୍ରାମଗୁଡ଼ିକରେ ଆମୋନିଆ ଗ୍ୟାସ୍ ଲିକେଜ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଆଜି ପୂର୍ବାହ୍ନ ରେ ଭୂତମୁଣ୍ଡାଇ ଗ୍ରାମ ପଞ୍ଚାୟତର ବରେଇ ଗ୍ରାମ ସ୍କୁଲ ପରିସରରେ 'ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଏଲପିଜି ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ




ସଡ଼କ ସୁରକ୍ଷା ସଚେତନତା' ଉପରେ ଏକ ସାମୁହିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୩୦୦ ରୁ ଅଧିକ ଅଂଶଗ୍ରହଣକାରୀ ଅତ୍ୟନ୍ତ ଉତ୍ସାହର ସହିତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ, ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ବିଷୟରେ ପ୍ରଚାରପତ୍ର ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ପାଇଁ ଅଗ୍ନି ନିର୍ବାପକ ଏବଂ ଶ୍ୱାସକ୍ରିୟା ଯନ୍ତ୍ର ସେଟ୍ ବ୍ୟବହାର ଉପରେ ଏକ ସିଧାପ୍ରସାରଣ ପ୍ରଦର୍ଶନ ମଧ୍ୟ କରାଯାଇଥିଲା।କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଜରୁରୀକାଳୀନ ପରିସ୍ଥିତିରେ ନିଜକୁ ଏବଂ ଅନ୍ୟମାନଙ୍କ ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା ସହିତ ସେମାନଙ୍କୁ ପରିଚିତ କରାଇବା। ଗ୍ରାମବାସୀମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କାର୍ଯ୍ୟକ୍ରମଟି ସଫଳତାର ସହିତ ପରିଚାଳିତ ହୋଇଥିଲା। କୁଳମଣି ମାଝୀ, ଏମଆର ନାୟକ, ପିସି ବିଶ୍ୱାଳ, ଆର କେ ରଞ୍ଜନ ଏବଂ ଏକେ ଜେନା ଉପସ୍ଥିତ ଲୋକମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ସମ୍ପର୍କରେ ବୁଝାଇଥିଲେ ଏବଂ ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ସମ୍ପର୍କରେ ବୁଝାଇଥିଲେ।

## ନାଖରାରେ ଭାଗବତ ପାରାୟଣ ମହୋତ୍ସବ ଅନୁଷ୍ଠିତ

ବଡ଼ସାହି , ୧୧/୨ (ନି.ପ୍ର): ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଖରା ଗ୍ରାମର ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ଭାଗବତ ଟୁଙ୍ଗୀ ରେ ଦୀର୍ଘ ୭ ଦିନ ଧରି ଠାକୁରଙ୍କ ରୀତି ନୀତି ଅନୁଯାୟୀ ଭାଗବତ ପାରାୟଣ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । ଦୈନନ୍ଦିନ ସକାଳ ୬ ରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଶରତ ଚନ୍ଦ୍ର ପଣ୍ଡା, ମଧୁସୂଦନ ଦାଶ ଓ ସତ୍ୟରଞ୍ଜନ ରଥ ଅଧିକାରୀଙ୍କ ଦ୍ୱାରା ଭାଗବତ ଚର୍ଚ୍ଚା କରାଯାଇଥାଏ । ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ହୋଇ ଭାଗବତ କଥା ଶ୍ରବଣ କରିବା ସହିତ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ ରେ ଯୋଗଦାନ କରିଥାଆନ୍ତି । ନିୟମିତ ଭାଗବତ ପାଠ ମାଧ୍ୟମରେ ନକାରାତ୍ମକ ପନ୍ଥା କୁ ପରିତ୍ୟାଗ କରି ଧାର୍ମିକ ଚେତନା ହେବା ପାଇଁ ଭକ୍ତ ବୃନ୍ଦ ଙ୍କୁ ଆହ୍ୱାନ କରାଯାଇଥାଏ



। ପ୍ରବଚିକା କବିତା ରାଣୀ ଦେ ଓ ତାଙ୍କର ସାଥି ବୃନ୍ଦ ୭ ଦିନ ଧରି ପ୍ରବଚନ ମାଧ୍ୟମରେ ଲୋକମାନଙ୍କର ଚରିତ୍ର ଗଠନ ଓ ଧାର୍ମିକ ଚେତନା ପାଇଁ ପରାମର୍ଶ ଦେଇ ଥିଲେ । ହଜାର ହଜାର ଶ୍ରଦ୍ଧାଳୁ ଦୀର୍ଘ ୭ ଦିନ ଧରି ଠାକୁରଙ୍କୁ ଦର୍ଶନ କରି ପ୍ରସାଦ ସେବନ କରିଥାଆନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉମାକାନ୍ତ ଚଣ୍ଡ ଜଗନ୍ନାଥ ପ୍ରେମୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ରାଧାକୃଷ୍ଣ ବେଶରେ ସଙ୍କୀର୍ତ୍ତନ ଦଳ ସହିତ ଗାଁ ପରିକ୍ରମା କରାଯାଇ ପ୍ରତ୍ୟେକ ଘରେ ଦଧିହାଣ୍ଡିରୁ ପାଣି ସିଞ୍ଚନ କରାଯାଇ ଥିଲା । ଭାଗବତ ଟୁଙ୍ଗୀ ର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ଅକୁଣ୍ଠ ସାହାଯ୍ୟରେ ଭାଗବତ ପାରାୟଣ କାର୍ଯ୍ୟ କ୍ରମକୁ ଅଭିଳାଷ ଦଣ୍ଡପାଟ ଜଗନ୍ନାଥ ପ୍ରେମୀ ଭୂୟସୀ ପ୍ରଶଂସା କରିବା ସହିତ ସମସ୍ତଙ୍କୁ କାର୍ଯ୍ୟ କ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ । ଭାଗବତ ଟୁଙ୍ଗୀର ସଦସ୍ୟ ବେଣୁଧର ଦାସ (ମଣ୍ଟୁ) ଙ୍କର ବିୟୋଗରେ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ସର୍ବଶେଷରେ କମିଟିର ସଭାପତି ଶ୍ରୀକାନ୍ତ ମହାଳିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ୨୬ବର୍ଷ ପରେ ଘରକୁ ଫେରିଲେ ପ୍ରଭାକର: ଗାଁରେ ଆନନ୍ଦର ଲହରୀ

ଖଇରା, ୧୧/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ମରିପୁର-ଖଇରା ଗ୍ରାମର ପ୍ରଭାକର ଦଳେଇ ୨୬ବର୍ଷ ପରେ ଘରକୁ ଫେରିଛନ୍ତି । ତେବେ ବର୍ତ୍ତମାନ କେନ୍ଦ୍ରସରକାରଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)ପ୍ରକ୍ରିୟାରେ ତଥ୍ୟ ପାଇଁ ଦରକାର ଥିବାରୁ ଘରକୁ ଆସିଥିବା ଚର୍ଚ୍ଚା ହେଉଛି । ଗତ ୨୦୦୦ ମସିହାରେ ଘରଛାଡି ଚାଲି ଯାଇଥିବା ପ୍ରଭାକର ପ୍ରଥମେ ମୁମ୍ବାଇରେ କାମ ଆରମ୍ଭ କରିଥିଲେ । ତାପରେ ସମ୍ବଲପୁର ପଳାଇଆସି ଡ୍ରାଇଭିଂ ଶିଖି ଗାଡି ଚଳାଇଥିଲେ । ସେଠାରୁ ତାଳଚେର ଆସି ସ୍ଥାୟୀଭାବରେ ରହି ଜିବିକା ନିର୍ବାହ କରିଥିଲେ । ଏହି ସମୟ ମଧ୍ୟରେ ସେ ନାମ ବଦଳାଇ ମନୋଜ ଦାସ ରଖିଥିଲେ । ଏହା ମଧ୍ୟରେ ପ୍ରଥମ ବିବାହିତ ସ୍ତ୍ରୀ ଆଖିବୁଜିବା ପରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିଲେ । ଘରକୁ ଆସିବାକୁ ବହୁବାର ଚେଷ୍ଟାକରି ମଧ୍ୟ ବ୍ୟସ୍ତତା ଯୋଗୁଁ ଆସି ପାରିନଥିଲେ । ଏବେ ଏସଆଇଆର ପାଇଁ ପୁରୁଣା ତଥ୍ୟ ପାଇଁ ଘରକୁ ଆସିବାକୁ ପଡିଥିଲା । ହେଲେ ଘରକୁ ଆସିବା ପରେ ମା ମିନି,ବାପା ଗଣପତି ଓ ବଡଭାଇ ରମେଶଙ୍କ ମୃତ୍ୟୁ ହୋଇ ଯାଇଥିବା ଜାଣି ତାଙ୍କୁ ବହୁତ ଦୁଃଖ ଲାଗୁଥିବା କହିଛନ୍ତି ।

## ସକ୍ସେସ୍ କୋଚିଂ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ତରଫରୁ ବାର୍ଷିକ ଉତ୍ସବ ପାଳିତ




ବସ୍ତା, ୧୧/୨ (ନି.ପ୍ର): ଅମର୍ଦା ରୋଡ଼ ବ୍ୟାଙ୍କ ଅଫ ଇଣ୍ଡିଆ ନିକଟସ୍ଥ ମା' ଦୁର୍ଗା ସିଅର ସକ୍ସେସ୍ କୋଚିଂ ସେଣ୍ଟର ତରଫରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ବରେଣ୍ୟ ଅତିଥି ଦେବସେନା ରାଜ୍ୟ ଯୁବ ସଭାପତି ଶ୍ରୀମାନ ଶଙ୍କର ଜେନା, ଆମନ୍ତ୍ରିତ ଅତିଥି ହିରଣ୍ମୟ ବିଶ୍ୱାଳ, ସମ୍ମାନନୀୟ ଅତିଥି ସୁବିର ଚନ୍ଦ୍ର ଦେ ଓ ହୃଦୟଚନ୍ଦ୍ର ନାଗ ,ମୁଖ୍ୟ ବକ୍ତା ବିଜୟ କୁମାର ଘୋଷ ପ୍ରମୁଖ ଉପସ୍ଥିତ ରହି କମ୍ପୁଟର ଶିକ୍ଷା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଅତିଥିମାନେ ପ୍ରଥମେ ଦୀପ ପ୍ରଜ୍ୱଳନ କରି କାର୍ଯକ୍ରମ ଆରମ୍ଭ କରିଥିଲେ। ଗୋଲାମ ଆକ୍ତର, ଅଜିତ୍ ପାଲ୍, ଚିନ୍ମୟ ପାତ୍ର,ପରେଶ ଦାସ୍, ପୁଷ୍ପଲତା ଚନ୍ଦ,ପାଏଲ, ସୁଭଦ୍ରା ହେମ୍ରମ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷା ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ସହଯୋଗ ରେ ବିଭିନ୍ନ ବିନ୍ଦୁ ଆଲୋଚନା ହେବା ସହିତ ଅନୁଷ୍ଠାନ ର ମୁଖ୍ୟ ସୁଶାନ୍ତ ନନ୍ଦ ନାୟକ(ଦେବୁ ସାର) ଧନ୍ୟବାଦ ଅର୍ପଣ କରିଥିଲେ।

## ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

ବାଲିଆପାଳ , ୧୧/୨ (ନି.ପ୍ର): ଚାକିରି ପଛରେ ନପଡି ଜୀବନର ଲକ୍ଷ ଦିଗରେ ଅଗ୍ରସର ହୁଅ, ଚାକିରି ତୁମ ପଛରେ ଗୋଡାଇବ,ସଫଳତା ହାସଲ ପରେ ଅର୍ଥ ଲାଳସାରେ ଖବର କାଗଜ ପୃଷ୍ଠାରେ ଶିରୋନାମ ପ୍ରସଙ୍ଗ ନହୋଇ ଭଲ ଅଫିସର ଭାବେ ନାମ କମାଇବାକୁ ଚେଷ୍ଟା କର। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ



ସଭାରେ ଅତିଥି ମାନେ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ ମହୁରି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପରିଡା, ମୁଖ୍ୟ ବକ୍ତା ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସମ୍ମାନିତ ଅତିଥିଭାବେ ସିଆରସିସି ଜଗନ୍ନାଥ ମହାନ୍ତି, ସମାଜସେବୀ ସନ୍ତୋଷ ଗିରି, ରାଜୀବ ରାୟ, ସତ୍ୟାନନ୍ଦ ଦାସ, ସୁବଳ ଗିରି, ରବିନ୍ଦ୍ର ଦାସ, ନାରାୟଣ ମହାନ୍ତି ,ଗୌତମ ପରିଡା ବିଦ୍ୟାଧର ସାମନ୍ତ ରାୟ, ବିନୋଦ ହାଜରା, ନିତ୍ୟାନନ୍ଦ ପରିଡା, ସୁଧାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ହେମନ୍ତ କୁମାର ପରିଡା ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷୟିତ୍ରୀ ନମିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ଲତା ବାରିକ ଧନ୍ୟବାଦ ଦେଇଥିଲେ। ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ଏବଂ ଶିକ୍ଷୟିତ୍ରୀ ସସ୍ମିତା ପାତ୍ର,ଅଳକା ଦତ୍ତ, ମଧୁସ୍ମିତା ସାହୁ, କବିତା ଜେନା, ଶିକ୍ଷକ କାର୍ତ୍ତିକ ମାସନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହୋଯୋଗ କରିଥିଲେ। ସର୍ବ ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଭାରତ ବନ୍ଦକୁ ସଫଳ କରିବା ପାଇଁ ବାଇକ୍ ଶୋଭାଯାତ୍ରା

ଜଳେଶ୍ୱର, ୧୧/୨ (ନି.ପ୍ର): ଦଶଟି ଟ୍ରେଡ ୟୁନିଅନ, ସମସ୍ତ କୃଷକ ସଂଗଠନ, ମହିଳା,ଯୁବ ଓ ଛାତ୍ର ସଂଗଠନର ମିଳିତ ଆହ୍ୱାନ କ୍ରମେ ହେବାକୁ ଥିବା ଭାରତ ବନ୍ଦକୁ ସିପିଏମ ଓ କଂଗ୍ରେସ ସମର୍ଥନ ଜଣାଇବା ସହିତ ବନ୍ଦକୁ ସଫଳ କରିବା ପାଇଁ ଜଳେଶ୍ୱର ସହରରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ବାଇକ୍ ଶୋଭାଯାତ୍ରା ଭାରତୀୟ ଜୀବନ ବୀମା ଅଫିସ ଠାରୁ ବାହାରି ତମାମ ସହର ପରିକ୍ରମା କରିଥିଲା ।ଶିକ୍ଷକ,ଶ୍ରମିକ ଓ କର୍ମଚାରୀ ସମନ୍ୱୟ ସମିତି ଜଳେଶ୍ୱରର ନେତୃତ୍ୱରେ ଏହି ବାଇକ୍ ରାଲିରେ ସମନ୍ୱୟ ସମିତିର ସଭାପତି ଅଜିତ ଦାସ,ଆବାହକ ଦିଲ୍ଲୀପ କୁମାର ଗିରି,ଶ୍ରମିକ ନେତା ପଲ୍ଟୁ ଦାସ,କୃଷକ ନେତା ରବିନ୍ଦ୍ର ବାରିକ,ଜୀବନ ପରିଡ଼ା,ମହିଳା ନେତ୍ରୀ ମମି ପଣ୍ଡା,କମଳ ଚକ୍ରବର୍ତ୍ତୀ,ଡ.ଲଳିତ ରଞ୍ଜନ ସେନାପତି,ଶ୍ରୀମନ୍ତ ଘୋଷ,ପୂର୍ଣ୍ଣ ଚନ୍ଦ୍ର ସି, ସିପିଏମର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ସୀତାଂଶୁ ସେନାପତି,ଦିପ୍ତିମାନ ଆଚାର୍ଯ୍ୟ, ଜଳେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର,ରାଜୀବ ପଣ୍ଡା,କଂଗ୍ରେସର ହେମନ୍ତ ଗିରି,ଜଗଦୀଶ ନନ୍ଦୀ,ଗତିକୃଷ୍ଣ ଦଳେଇ ପ୍ରମୁଖ ଏହି ବାଇକ୍ ରାଲିର ନେତୃତ୍ୱ ନେଇଥିଲେ।

## ଡ଼ଃ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ: ଗୀତ ନାଚରେ ମଜିଲେ ଛାତ୍ରଛାତ୍ରୀ

ଖଇରା , ୧୧/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରୀ ସ୍ଥିତ ଡ଼ଃ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ୪୮ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ୍ୟ ଯୁଧିଷ୍ଠିର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମ ଲୋଚନ ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼ଃ.ଅଭୟ କୁମାର



ଦାସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶିବପ୍ରସାଦ ଖାମୁରାଇ, ବ୍ଲକ ଅଧକ୍ଷ୍ୟା ଅଭିଲିପ୍ସା ସାହୁ, ମହାବିଦ୍ୟାଳୟର ଆଲମୁନି ସଭାପତି ପରେଶ ଚନ୍ଦ୍ର ଦକ୍ଷିଣରାୟ, ପ୍ରାଧ୍ୟାପକ ଲିଙ୍ଗରାଜ କର ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ । ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଗୋପୀନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ କୃଷକ ସଂଗଠନ ସଂଯୋଗୀକରଣ କର୍ମଶାଳା

ଉଦଳା, ୧୧/୨ (ନି.ପ୍ର): ଶାମାଖୁଂଟା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚଳିତ ଫେବୃଆରି ୧୦ ତାରିଖ ମଙ୍ଗଳବାର ଦିନ ସ୍ୱେଚ୍ଛାସେବି ସଂଗଠନ 'ଦୁଲାଲ' ଓ 'ଶୋଭା' ର ନେତୃତ୍ୱରେ ଜିଲ୍ଲା ସ୍ତରୀୟ କୃଷକ ସଂଗଠନ ସଂଯୋଗିକରଣ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଓ ବଜାର ସଂଯୋଗକୁ ସୁଦୃଢ଼ କରି ଦିର୍ଘ କାଳିନ ଉନ୍ନତିର ପଥକୁ ସ୍ପଷ୍ଟ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।




କର୍ମଶାଳାରେ ନାବାର୍ଡ଼ର ଏଜିଏମ୍ ସ୍ମାରକ ମହାନ୍ତି, ଜିଲ୍ଲା ଶିଳ୍ପକେନ୍ଦ୍ରର ବିପ୍ଳବ ଦାସ, ଉପଖଣ୍ଡ ପଶୁ ଚିକିତ୍ସାଧିକାରୀ ଡ଼ା. କୁନ୍ଦନ ପଣ୍ଡା, ପଶୁ ସମ୍ପଦ ବିଭାଗର ଡ଼ା. ସମ୍ବିତ ମାନସିଂହ, କୃଷି ବୈଜ୍ଞାନିକ ଡ଼. ସଙ୍ଘମିତ୍ରା ପଟ୍ଟନାୟକ ଓ ଡ଼. ପ୍ଲାବିତା ରାୟ, ରିଲାୟନ୍ସ ଫାଉଣ୍ଡେସନର ମମତା ବିଷ୍ଟ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । 'ଶୋଭା'ର ସଂପାଦକ ରଂଜନ ମିଶ୍ର କର୍ମଶାଳାରେ ଅଧକ୍ଷତା କରିଥିବା ବେଳେ ସଂଯୋଜକ ନରେଶ ନାୟକ ପରିଚାଳନାରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida